ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୭ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 27 JULY 2025

Vol.No. 36 ■ No.198 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019




ଯା ଦେବୀ ସର୍ବଭୂତେଷୁ............


ଖୁବ୍ ଶୀଘ୍ର ପ୍ରକାଶ ପାଇବ

ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


## ନୀତୀଶଙ୍କ ଉପରେ ବର୍ଷିଲେ ଚିରାଗ ପାଶୱାନ



ନୂଆଦିଲ୍ଲୀ,୨୬/୭ : ବିହାର ରାଜନୀତିରେ ପୁଣି ଥରେ ମେଣ୍ଟ ଭିତରେ ଥିବା ଅନ୍ତର୍ଦ୍ୱନ୍ଦ୍ୱ ପଦାରେ ପଡିଛି । କେନ୍ଦ୍ରମନ୍ତ୍ରୀ ତଥା ଲୋକ ଜନଶକ୍ତି ପାର୍ଟିର ମୁଖ୍ୟ ଚିରାଗ ପାଶୱାନ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ନିଜ ମେଣ୍ଟ ସରକାର ଉପରେ ଏକ ଶକ୍ତ ପ୍ରହାର କରିଛନ୍ତି । ସେ ନୀତୀଶ କୁମାରଙ୍କ ପ୍ରଶାସନକୁ 'ଅକର୍ମଣ୍ୟ' ବୋଲି କହିବା ସହ ତାଙ୍କର ଆତ୍ମା ଓ ଶରୀର ଅଲଗା ଅଲଗା ସ୍ଥାନରେ ଥିବା ଭଳି ଏକ ତୀକ୍ଷ୍ଣ କଟାକ୍ଷ କରିଛନ୍ତି । ଏହାର ଜବାବରେ ଜେଡିୟୁ ମଧ୍ୟ ଚିରାଗଙ୍କୁ ପାଲଟା ଆକ୍ରମଣ କରିଛି, ଯାହାଫଳରେ ରାଜ୍ୟ ରାଜନୀତି ସରଗରମ ହୋଇଉଠିଛି । ବିହାରରେ ବଢ଼ୁଥିବା ଅପରାଧିକ ମାମଲା, ବିଶେଷକରି ହତ୍ୟା ଓ ଗୁଳିକାଣ୍ଡ ଘଟଣାରେ ଅତିଷ୍ଠ ହୋଇ ଚିରାଗ ପାଶୱାନ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି, 'ମୁଖ୍ୟମନ୍ତ୍ରୀଙ୍କ ଶରୀର ଗୋଟିଏ ସ୍ଥାନରେ ଆତ୍ମା ଅଲଗା ଗୋଟିଏ ସ୍ଥାନରେ ଯାହା ସମସ୍ତେ ଜାଣନ୍ତି।' ଏହି ବୟାନ ମାଧ୍ୟମରେ ସେ ସଙ୍କେତ ଦେବାକୁ ଚାହିଁଛନ୍ତି ଯେ, ନୀତୀଶ କୁମାର ଶାରୀରିକ ଭାବେ ଏନଡିଏ ମେଣ୍ଟରେ ଥିଲେ ମଧ୍ୟ, ତାଙ୍କର ରାଜନୈତିକ ଆତ୍ମା ବା ଆନ୍ତରିକତା ପୂର୍ବତନ ସହଯୋଗୀ ଜଓିଉ ଆଡ଼କୁ ରହିଛି। ଏହା ଏକ ବଡ଼ ଅଭିଯୋଗ, କାରଣ ଏହା ମେଣ୍ଟ ପ୍ରତି ନୀତୀଶ କୁମାରଙ୍କ ବିଶ୍ୱସ୍ତତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହା ସହିତ, ରାଜ୍ୟର ପ୍ରଶାସନିକ ବିଫଳତାକୁ ନେଇ ଚିରାଗ କହିଥିଲେ ଯେ, 'ଯେତେବେଳେ ରାଜଧାନୀ ପାଟଣାରେ ଆଇନର ଶାସନ ନାହିଁ, ସେତେବେଳେ ସମଗ୍ର ରାଜ୍ୟର ଅବସ୍ଥା କ'ଣ ଥିବ, ତାହା ସହଜରେ ଅନୁମେୟ । ଏହି ପ୍ରଶାସନ ସମ୍ପୂର୍ଣ୍ଣ 'ଅକର୍ମଣ୍ୟ' ହୋଇପଡ଼ିଛି ।' ଚିରାଗ ପାଶୱାନଙ୍କ ଏହି ତୀବ୍ର ସମାଲୋଚନା ▶▶ପୃଷ୍ଠା ୭

## ଡେପୁଟି ରେଂଜର ରାମଚନ୍ଦ୍ର ନେପାକ ଗିରଫ

ଭୁବନେଶ୍ୱର, ୨୫/୭ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ଫରେଷ୍ଟ ଡିଭିଜନ ଅଧୀନ ଜୟପୁର ଫରେଷ୍ଟ ରେଂଜର ଡେପୁଟି ରେଂଜର ଶ୍ରୀ ରାମଚନ୍ଦ୍ର ନେପାକଙ୍କୁ ଗିରଫ କରିଛି ଭିଜିଲାନ୍ସ । ଆୟ ବହିର୍ଭୁତ ସଂପତି ଠୁଳ କରିବା ଅଭିଯୋଗରେ ତାଙ୍କୁ ଭିଜିଲାନ୍ସ ଗିରଫ କରିଛି । ଆଜି ତାଙ୍କୁ ଜୟପୁର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତିଙ୍କ ନିକଟରେ ହାଜର କରାଯିବ । କୋରାପୁଟ ଭିଜିଲାନ୍ସ ପୋଲିସ ଷ୍ଟେସନରେ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି । ଗତକାଲି ଚଢାଉ ବେଳେ ତାଙ୍କ ଘରୁ ୧.୪୩ କୋଟିର ନଗଦ ଟଙ୍କା ଜବତ ହୋଇଥିବା ବେଳେ ଗୋଟିଏ ବହୁମହଲା ବିଲ୍ଡିଂ, ୩ଟି ଫ୍ଲାଟ, ୨ଟି ଉଚ୍ଚ ଦାମର ପ୍ଲଟ, ୧.୩୩ କୋଟିର ଜମାରାଶି, ୧.୫୦୪ କିଲୋ ▶▶ପୃଷ୍ଠା ୭

## ହୋମଗାର୍ଡ ପରୀକ୍ଷା ବେଳେ ଅଚେତ୍ ହେଲେ ମହିଳା: ଡାକ୍ତରଖାନା ନେବା ବାଟରେ ଦୁଷ୍କର୍ମ କଲେ ଦୁର୍ବୃତ୍ତ

ନୂଆଦିଲ୍ଲୀ,୨୬/୭ : ବିହାରରେ ଏକ ଅଭାବନୀୟ ଘଟଣା ଘଟିଛି। ହୋମଗାର୍ଡ ପରୀକ୍ଷା ବେଳେ ଅଚେତ୍ ହେଲେ ମହିଳା। ଡାକ୍ତରଖାନା ନେବା ବାଟରେ ଦୁଷ୍କର୍ମ କଲେ ଦୁର୍ବୃତ୍ତ। ଗୟା ଜିଲ୍ଲାରେ ଘଟିଥିବା ଏହି ଅଭାବନୀୟ ଘଟଣା ନେଇ ଚର୍ଚ୍ଚା ହେଉଛି। ହୋମଗାର୍ଡ ନିଯୁକ୍ତି ପାଇଁ ଆବେଦନ କରିଥିବା ଜଣେ ୨୬ ବର୍ଷୀୟ ମହିଳା, ଫିଜିକାଲ ଟେଷ୍ଟ ସମୟରେ ଅଚେତ ହୋଇପଡ଼ିଥିଲେ। ଏହା ପରେ ତାଙ୍କୁ ହସ୍ପିଟାଲକୁ ନିଆଯାଉଥିବା ବେଳେ ଚଳନ୍ତା ଆମ୍ବୁଲାନ୍ସରେ ସେ ଗଣଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଜୁଲାଇ ୨୪ତାରିଖରେ ବୋଧଗୟାର ବିହାର ସାମରିକ ପୁଲିସ ପଡ଼ିଆରେ ହୋମଗାର୍ଡ ନିଯୁକ୍ତି ପାଇଁ ଫିଜିକାଲ ଟେଷ୍ଟ କରାଯାଉଥିଲା। ଏହି ପରୀକ୍ଷା ଦେବା ସମୟରେ ମହିଳା ଜଣକ ଚେତାଶୂନ୍ୟ ହୋଇଯାଇଥିଲେ। ଘଟଣାସ୍ଥଳେ ନିୟୋଜିତ ଏକ ଆମ୍ବୁଲାନ୍ସ ମାଧ୍ୟମରେ ତାଙ୍କୁ ତୁରନ୍ତ ହସ୍ପିଟାଲକୁ ସ୍ଥାନାନ୍ତର କରିବାର ବ୍ୟବସ୍ଥା କାର୍ଯ୍ୟକ୍ରମ ଆୟୋଜକମାନେ କରିଥିଲେ। ମହିଳାଜଣକ ଅଭିଯୋଗ କରିଛନ୍ତି ଯେ, ସେ ଅଚେତ ଥିବା ସମୟରେ ଆମ୍ବୁଲାନ୍ସ ଭିତରେ ଅନେକ ଲୋକ ତାଙ୍କ ସହ ଦୁଷ୍କର୍ମ କରିଥିଲେ। ତାଙ୍କ ବୟାନ ପରେ, ବୋଧଗୟା ପୁଲିସ ଷ୍ଟେସନରେ ଏକ ଏଫଆଇଆର ରୁଜୁ କରାଯାଇଥିବା ବେଳେ ଆମ୍ବୁଲାନ୍ସ ଚାଳକ ବିନୟ କୁମାର ଓ ଟେକନିସିଆନ୍ ଅଜିତ୍ କୁମାରଙ୍କୁ ଗିରଫ କରିଛି ପୁଲିସ। ▶▶ପୃଷ୍ଠା ୭

## ଖୁବଶୀଘ୍ର ମୋହନଙ୍କ ନୂଆ ଟିମ୍



ଭୁବନେଶ୍ୱର, ୨୬/୭ (ନି.ପ୍ର): ମୁଖିଆ ବଦଳିଲେ, ପ୍ରଶାସନର ନବକଳେବର ହେଲା । ଏବେ ସରକାରଙ୍କ ପାଳି। ହଁ ଆମେ ରାଜ୍ୟ ବିଜେପି ଓ ସରକାରଙ୍କ ବିଷୟରେ ହିଁ କହୁଛୁ । ମନ୍ତ୍ରିମଣ୍ଡଳ ଅଦଳବଦଳ ହଁ ନା ଭିତରେ ଏବେ ଚର୍ଚ୍ଚାକୁ ଆସିଲାଣି ଯେ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦିଲ୍ଲୀ ଯିବେ । ଏହାସହ ଫାଙ୍କା ପଡିଥିବା ମନ୍ତ୍ରିମଣ୍ଡଳରେ ଅଦଳବଦଳ ପ୍ରକ୍ରିୟା ଆଉ ପାଦେ ଆଗକୁ ବଢିଥିବା ଚର୍ଚ୍ଚା । ପ୍ରଶାସନରେ ଅଦଳବଦଳ ପରେ ସଙ୍ଗଠନର ନବକଳେବର ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ସରିଛି । ସମାନ ଢଙ୍ଗରେ ସରକାରରେ ମଧ ବଦଳି ଛୁଙ୍କ ମାରିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବିଜେପି ସଭାପତି ଓ ମୋହନଙ୍କ ସହଯୋଗୀ ଏନେଇ ସଂକେତ ଦେବା ପରେ ପାୱାର କରିଡରରେ ହଲଚଲ । ଯେକୌଣସି ମୁହୂର୍ତ୍ତରେ ମନ୍ତ୍ରିମଣ୍ଡଳରେ ଅଦଳବଦଳ ଦେଖିପାରେ ରାଜ୍ୟ । ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଯିବେ । ଏହି ସମୟରେ ନୂଆ ମନ୍ତ୍ରିମଣ୍ଡଳର ରୂପରେଖ ପ୍ରସ୍ତୁତ ହେବା ନେଇ ଚର୍ଚ୍ଚା ଜୋର ଧରିଛି । ନୂଆ ମନ୍ତ୍ରିମଣ୍ଡଳ ଚର୍ଚ୍ଚା ଭିତରେ ମୋହନଙ୍କ ଅନେକ ମନ୍ତ୍ରୀଙ୍କ ଛାତିରେ ଛନକା ପଶିଛି। ବର୍ଷେ ଭିତରେ ବିବାଦୀୟ ହୋଇଥିବା ବିଭାଗର ଅନେକ ମନ୍ତ୍ରୀ ନିଜ ପଦ ବଞ୍ଚାଇବାକୁ ଏବେ ଛବି ▶▶ପୃଷ୍ଠା ୭

## ବଢୁଛି ସୁବର୍ଣ୍ଣରେଖା, ଜଳକା ଏବଂ ବୈତରଣୀ ନଦୀ ଜଳସ୍ତର



ଭୁବନେଶ୍ୱର, ୨୬/୭ (ନି.ପ୍ର): ଉପରମୁଣ୍ଡରେ ଲଗାଣ ବର୍ଷା ଫଳରେ ବିଭିନ୍ନ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି । ବିପଦ ସଙ୍କେତ ଟପୁଛି ସୁବର୍ଣ୍ଣରେଖା, ଜଳକା, ବୈତରଣୀ ଓ ଦେଓ ନଦୀ । ତଳିଆ ଅଞ୍ଚଳରେ ପାଣି ପଶିଛି । କେଉଁଠି ରାସ୍ତା ଉପରେ ପାଣି ଚାଲୁଛି ତ, କେଉଁଠି ଗାଁ ଭିତରେ ଆଣ୍ଠୁଏ ଉଚ୍ଚର ପାଣି । ଉତ୍ତରଓଡ଼ିଶାରେ ପ୍ରବଳ ବର୍ଷା ପରେ ଫୁଲୁଛି ସୁବର୍ଣ୍ଣରେଖା, ବୈତରଣୀ, ବୁଢ଼ାବଳଙ୍ଗ ଓ ଜଳକା। ସୁବର୍ଣ୍ଣରେଖା ଅବବାହିକାରେ ବଡ ବର୍ଷା ହୋଇଛି। ଉପରମୁଣ୍ଡରେ ବର୍ଷା ପରେ ଗାଲଡିହି ଗେଟ୍ ଖୋଲାଯାଇଛି । ନିଷ୍କାଷିତ ହେଉଥିବା ବନ୍ୟା ଜଳ କାଲି ଦିନ ୧୦ଟାରେ ▶▶ପୃଷ୍ଠା ୭

## ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କଂଟ୍ରାକ୍ଟ ବାତିଲ

ଭୁବନେଶ୍ୱର, ୨୫/୭ (ନି.ପ୍ର): ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ପାଇଁ ହୋଇଥିବା କଂଟ୍ରାକ୍ଟ ବାତିଲ ହୋଇଛି । କାର୍ଯ୍ୟ ବିଳମ୍ୱ ହେଉଥିବାରୁ ଠିକା ସଂସ୍ଥା ସିଗାଲ ଇଣ୍ଡିଆ ଓ ରଞ୍ଜିତ ବିଲ୍ଡକନ୍ ସହ କଂଟ୍ରାକ୍ଟ ବାତିଲ କରିଛି ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ୍। ପ୍ରାୟ ୮ ମାସ ହେଲା ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ବନ୍ଦ ରହିଛି। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପର ନୂଆ ରୂପରେଖ ପ୍ରସ୍ତୁତ ପାଇଁ କମିଟି ହୋଇଛି। ଆନ୍ତଃମନ୍ତ୍ରିସ୍ତରୀୟ କମିଟି ମଧ୍ୟ ଗଠନ ହୋଇଛି। ଗତକାଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଥିଲେ ମେଟ୍ରୋ ରେଳ ପ୍ରକଳ୍ପ ନେଇ କମିଟି ଥରେ ବୈଠକ କରିଛି ▶▶ପୃଷ୍ଠା ୭

## ଏନ୍କାଉଣ୍ଟରରେ ଟଳିଲେ ୪ ମାଓବାଦୀ



ରାଞ୍ଚି,୨୬।୭: ଛତିଶଗଡ଼ର ବିଜାପୁର ଜିଲାରେ ଶନିବାର ସୁରକ୍ଷାବାହିନୀକୁ ଏକ ବଡ଼ ସଫଳତା ମିଳିଛି। ମାଓବାଦୀମାନଙ୍କ ସହିତ ଚାଲିଥିବା ଏନ୍କାଉଣ୍ଟରରେ ସୁରକ୍ଷାବାହିନୀ ଏପର୍ଯ୍ୟନ୍ତ ୪ ଜଣ ମାଓବାଦୀଙ୍କୁ ହତ୍ୟା କରିଛନ୍ତି। ଜଣେ ପୋଲିସ ଅଧିକାରୀ ପିଟିଆଇକୁ କହିଛନ୍ତି ଯେ, ସୁରକ୍ଷାବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଏନ୍କାଉଣ୍ଟର ଏବେ ବି ଜାରି ରହିଛି ଏବଂ ଏପର୍ଯ୍ୟନ୍ତ ୪ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଘଟଣାସ୍ଥଳରୁ ଗୋଟିଏ ଏସ୍ଏଲ୍ଆର ଏବଂ ଇନ୍ସାସ୍ ଭଳି ▶▶ପୃଷ୍ଠା ୭

## ବୟାନ ବଦଳାଇଲେ ବଳଙ୍ଗା ପୀଡ଼ିତା

ଭୁବନେଶ୍ୱର, ୨୬/୭ (ନି.ପ୍ର): ବଳଙ୍ଗା ପୀଡ଼ିତାଙ୍କ ବୟାନକୁ ନେଇ ଅଡୁଆରେ ପୋଲିସ। ଗୋଟିଏ ପଟେ ବଳଙ୍ଗା ଘଟଣାରେ ରାଜ୍ୟ ଉଠୁଛି ପଡୁଛି। ଅନ୍ୟପଟେ ନାବାଳିକା ପୀଡ଼ିତାଙ୍କ ବୟାନରେ ତାଳମେଳ ରହୁନଥିବା ସୂଚନା ମିଳିଛି। ପୀଡ଼ିତା ଭୁବନେଶ୍ୱର ଏମ୍ସରେ ଦେଇଥିବା ବୟାନ ଓ ଦିଲ୍ଲୀ ଏମ୍ସରେ ଦେଇଥିବା ବୟାନ ଭିତରେ ଫରକ୍ ଥିବା ସୂଚନା ମିଳିଛି। ସେଥିପାଇଁ ପୁଣିଥରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ହୋଇପାରେ ପୀଡ଼ିତାଙ୍କ ବୟାନ ରେକର୍ଡ। ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଞ୍ଚଳରେ ଘଟିଥିବା ବର୍ବର କାଣ୍ଡ ଆଜି ବି ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରରେ ରହିଛି। ନାବାଳିକାଙ୍କୁ ଦିନ ଦ୍ୱିପ୍ରହରରେ କିରୋସିନି ଢାଳି ଜାଳିଦେବା ଘଟଣା ସମସ୍ତଙ୍କ ମନକୁ ଆନ୍ଦୋଳିତ କରୁଛି। ସେହିଦିନ ନାବାଳିକାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ପୀଡ଼ିତାଙ୍କ ଅବସ୍ଥା ଗୁରୁତର ଥିଲେ ହେଁ ସେ କଥାବାର୍ତ୍ତା କରୁଥିଲେ। ଏଥିପାଇଁ ତାଙ୍କର ଭୁବନେଶ୍ୱର ଏମ୍ସରେ ବୟାନ ରେକର୍ଡ କରାଯାଇଥିଲା। ଏହାପରେ ଅଧିକା ଚିକିତ୍ସା ପାଇଁ ପୀଡ଼ିତାଙ୍କୁ ▶▶ପୃଷ୍ଠା ୭

## 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ଉତ୍ସବ ଓ ସମ୍ମାନ ପ୍ରଦାନ ସମାରୋହ ଆଜି

ବାଲେଶ୍ୱର, ୨୬/୭ (ନି.ପ୍ର): ବାଲେଶ୍ୱରରୁ ନିରବଚ୍ଛିନ୍ନ ଭାବରେ ପ୍ରକାଶ ପାଇଆସୁଥିବା ଦୈନିକ ନିରପେକ୍ଷ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ବାର୍ଷିକ ଉତ୍ସବ ଓ ମିଳିତ ସମ୍ମାନ ପ୍ରଦାନ ସମାରୋହ ଆସନ୍ତାକାଲି ପୂର୍ବାହ୍ନ ୯.୩୦ ଘଟିକା ସମୟରେ ବାଲେଶ୍ୱର ସହରସ୍ଥ ଭେନିୟା ପାରାଡାଇଜ୍ଠାରେ ଯଥାରୀତି ଅନୁଷ୍ଠିତ ହେବ। ଏହି ଅବସରରେ ସମ୍ମାନନୀୟ ଅତିଥିଭାବେ ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ, ବିଶିଷ୍ଟ ଲେଖକ ପ୍ରଫେସର ଦାଶ ବେନହୁର, ବିଶିଷ୍ଟ କବି ଶୈଳଜ ରବି, ବିଶିଷ୍ଟ ନାଟ୍ୟକାର ଡକ୍ଟର ନାରାୟଣ ସାହୁ ଓ ସୁବର୍ଣ୍ଣଶ୍ରୀର ପ୍ରକାଶକ ଡ. କାଳୀପଦ ପଣ୍ଡା ପ୍ରମୁଖ ଯୋଗଦେବେ। ଏହି ଅବସରରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବର ଆୟୋଜନ କରାଯାଇଛି। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା' ସମ୍ମାନ ପ୍ରଦାନ କରାଯିବ। ପ୍ରଫେସର ଦାଶ ବେନହୁର, ଶ୍ରୀଯୁକ୍ତ ଶୈଳଜ ରବି, ଡ. ନାରାୟଣ ସାହୁ, ସୁଧାସିନ୍ଧୁ ପଣ୍ଡା, ବେଣୁଧର ପାଢ଼ୀ, ପିତାମ୍ବର ବାରିକ, ଉଦୟ ନାରାୟଣ ଦାସ, ସମରେନ୍ଦ୍ର ମହାପାତ୍ର, ନୀଳମଣି ଚାନ୍ଦ, ବାବାଜୀ ଚରଣ ଜେନା, ଇଂ. ନବକୁମାର ମହାଳିକ, ଲିପସା ପଟେଲ, ସୁମନ୍ତ କୁମାର ଜେନା, ଡ. ପଙ୍କଜ କୁମାର ଜେନା, ଡାକ୍ତର କୁମାର ଗୋପାଳ, ସଂଜୟ କୁମାର ସାହୁ ଓ ସପନ କୁମାର ବିଶ୍ୱାଳ ପ୍ରମୁଖଙ୍କୁ ସମ୍ମାନ ପ୍ରଦାନ କରାଯିବ। ଏଥିରେ ବହୁ ସଂଖ୍ୟାରେ ଧ୍ୱନି ପ୍ରତିଧ୍ୱନିର ଶୁଭେଚ୍ଛୁ, ଲେଖକ ଓ ପାଠକମାନେ ଯୋଗଦେବାକୁ 'ଧ୍ୱନି ପ୍ରତିଧ୍ୱନି'ର ପରିଚାଳନା ନିର୍ଦ୍ଦେଶକ ସୃଷ୍ଟିଧର ପରିଡା ଅନୁରୋଧ କରିଛନ୍ତି।


ସାଗରିକା

ଧ୍ୱନି ପ୍ରତିଧ୍ୱନି

ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୫

ଆଜି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ।

ସମସ୍ତଙ୍କୁ ସାଦର ଆମନ୍ତ୍ରଣ।

୨୭ ଜୁଲାଇ, ୨୦୨୫, ରବିବାର ପୂର୍ବାହ୍ନ @ ୯.୩୦ ଘଟିକା

ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର






ଧ୍ୱନି ପ୍ରତିଧ୍ୱନିର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା। ଏହି ସମ୍ବାଦପତ୍ର ସମସ୍ତଙ୍କ ଭିତରେ ଜନାଦୃତ ହୋଇ ସମାଜର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟକରୁ ଏତିକି ହିଁ କାମନା କରୁଛି।



ଏସ୍. ଗୀତାଞ୍ଜଳି

ସାମାଜିକ କର୍ମୀ, ଚେୟାରପର୍ସନ, ଗୀତାଞ୍ଜଳି ପିସ୍ ଫାଉଣ୍ଡେସନ

# 'ଆମେ'ର ଅମାବାସ୍ୟା ଆସର




ଭଦ୍ରକ, ୨୬/୭ (ନି.ପ୍ର): ସମ୍ପ୍ରତି ବିଶ୍ୱ ଯେଉଁ ପରିସ୍ଥିତି ମଧ୍ୟରେ ଗତି କରୁଛି ତା' ଭିତରେ ସାଧାରଣ ମଣିଷ ସବୁ ସମୟରେ ଏକ ଆକସ୍ମିକତାରେ ଜୀବନ ଜୀଉଁଛି। ପ୍ରତିଦିନ କୋଉ ଦେଶ ସହିତ କେଉଁ ଦେଶର ଯୁଦ୍ଧ ହେଉଛି। ନିଜର ପତିଆର ଦେଖାଇବା ପାଇଁ ହେଉ କି ଲୁଣ୍ଠନ କରିବାକୁ ହେଉ, ଦୁର୍ବଳ ଉପରେ ସବୁ ବେଳେ ସବଳର ଅତ୍ୟାଚାର ଜାରି ରହି ଆସିଛି। ଯୁଦ୍ଧ ଯେ କେବଳ ଆଜି ହେଉଛି ତା'ନୁହେଁ, ଏହା ସତ୍ୟ, ତ୍ରେତୟା, ଦ୍ୱାପର ଯୁଗରେ ମଧ ହେଉଥିଲା। ତେବେ ଯେଉଁ କଥା କୁହାଯାଏ ଯେ ଯୁଦ୍ଧ ପରେ ଦେଶରେ ଶାନ୍ତି ଫେରିଛି, ମାତ୍ର ଯୁଦ୍ଧ ଶାନ୍ତିର ବିକଳ୍ପ ନୁହେଁ ବୋଲି ପ୍ରଜ୍ଞାପୀଠ ଠାରେ ସାହିତ୍ୟ ସଂସ୍କୃତି ସଂଗଠନ 'ଆମେ' ପକ୍ଷରୁ ଆୟୋଜିତ ଅମାବାସ୍ୟା ଆସରରେ ଆଲୋଚ୍ୟ ବିଷୟ 'ଯୁଦ୍ଧ ଓ ଶାନ୍ତି' ପରିପ୍ରେକ୍ଷୀରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଭଦ୍ରକ କଲେଜ କ୍ୟାମ୍ପସ୍ କେଶବ ନଗର ସ୍ଥିତ ପ୍ରଜ୍ଞାପୀଠରେ ଚିତାଲାଗି ଅମାବାସ୍ୟା ଅବସରରେ ଅନୁଷ୍ଠିତ ମାସିକ ଅମାବାସ୍ୟା ଆସରରେ ଉପସଭାପତି ଆଇନ୍ଜୀବୀ ଅଗଣି ଚରଣ ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଆଲୋଚକ ଭାବେ ପ୍ରାଧ୍ୟାପକ ଶିବଚରଣ ଖାମୁରାଇ ଯୋଗ ଦେଇ ଆଲୋଚନା କରିଥିବା ବେଳେ ଆଲୋଚିକା ଭାବେ ପ୍ରାଧ୍ୟାପିକା ଭାନୁମତୀ ମାଟିଆ ଯୋଗ ଦେଇ ନିଜର ମତ ପ୍ରକଟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଉଷାରାଣୀ ଜେନା, ସାହିତ୍ୟାନୁରାଗୀ ମଦନ ମୋହନ ମହାକୁଡ଼, ଏସ୍ୟୁଜେ ଜିଲ୍ଲା ସମ୍ପାଦକ ସାମ୍ବାଦିକ ତପନ କୁମାର ମିଶ୍ର, ଯୁବନେତା ଅମ୍ବିକା ପ୍ରସନ୍ନ ଦାସ, ବିଏମ୍ଏସ୍ ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ଅଖିଳ ଭାରତ ଆଶାକର୍ମୀ ସଂଘ କେନ୍ଦ୍ର ଉପସଭାପତି ମୁକ୍ତିକାନ୍ତ ସାହୁ, ଶିଳ୍ପୀ ରତିକାନ୍ତ ଦାସ, ଦିଲିପ କୁମାର ନାୟକ, କୈଳାସ ଜେନା, ରଜତ ସାହୁ, ଯୁବ କବି ଅଂଶୁମାନ ସ୍ୱାଇଁ ଆଲୋଚନାରେ ନିଜନିଜର ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ। 'ଆମେ'ର ପ୍ରତିଷ୍ଠାତା ପ୍ରଫେସର ଅଟଳ ବିହାରୀ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ ସହିତ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। କବି ରମେଶ ଚନ୍ଦ୍ର ସ୍ୱାଇଁ 'ଯୁଦ୍ଧ ଓ ଶାନ୍ତି' ପର୍ଯ୍ୟବେଶିତ କବିତା ଆବୃତି କରିଥିଲେ। ସମ୍ଭାବନାର ସମ୍ପାଦକ ଋତୁରାଜ ଅକ୍ଷୟ, ଗୀତିକାର ଅରୂପାନନ୍ଦ ଆସରର ସୁପରିଚାଳନା କରିଥିଲେ। ସମ୍ପାଦକ ପ୍ରଫୁଲ୍ଲ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଆଦ୍ୟାଶା ନାୟକ, ଆରାଧା ନାୟକ ଆସରରେ ଚିତଉ ପିଠା ଦେଇ ସଭିଙ୍କୁ ଆପ୍ୟାୟିତ କରିଥିଲେ।

# ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ପାଇଁ ଗଣ ଧାରଣା ଦେବ ସୁରକ୍ଷା ମଂଚ

କେନ୍ଦୁଝର, ୨୬/୭ (ନି.ପ୍ର): ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ସୁରକ୍ଷା ମଂଚ ତରଫରୁ ଧରଣୀଧର କଲେଜର ସ୍ୱତନ୍ତ୍ରିତା ରକ୍ଷା କରି ବିଶ୍ୱ ବିଦ୍ୟାଳୟ କୁ ସଂପୂର୍ଣ ରୂପେ ପୃଥକ କରିବା ସହ ବର୍ତମାନର ଓଏସଡି କୁଳପତି ପ୍ରଫେସର ପ୍ରତାପ ମହାନ୍ତିଙ୍କ ବହିଷ୍କାର ଦାବୀ ଦୀର୍ଘଦିନରୁ କରାଯାଇଛି ।ଏ ସଂପର୍କରେ ଜନସଚେତନତା ସୃଷ୍ଟି କରିବାର ଉଦେଶ୍ୟ ରେ ପ୍ରଚାର ପତ୍ର ପତ୍ର ବଣ୍ଟନ କରାଯାଇଛି । ଏତଦ୍ ବ୍ୟତୀତ, ପୂର୍ବ ପୂର୍ବ ରୁ ଏହି ଦାବୀ କୁ ପୂରଣ ପାଇଁ ରାଜ୍ୟପାଳ), ମୁଖ୍ୟମନ୍ତ୍ରୀ,ଉଚ୍ଚଶିକ୍ଷା ମନ୍ତ୍ରୀ, ସାଂସଦ ଓ ସମସ୍ତ ବିଧାୟକଙ୍କୁ ମଧ ସ୍ମାରକ ପତ୍ର ରଛି । ବରିଷ୍ଠ ନାଗରିକ ଓ ପୁରାତନ ଛାତ୍ର ସଂଘ ତରଫ ଦିଆଯାଇଛି । ରଫରୁ ଶୋଭାଯାତ୍ରା ରେ ଯାଇ ଜିଲ୍ଲାପାଳଙ୍କୁ ମଧ ସ୍ମାରକ ପତ୍ର ଦିଆଯାଇଛି । ସାମ୍ବାଦିକ ସମ୍ମିଳା ମିଳନୀ ମାଧ୍ୟମରେ ମଧ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । କିନ୍ତୁ, ଏସବୁ ସତ୍ତ୍ୱେ ଏପ୍ରସଙ୍ଗରେ ସରକାର ଙ୍କ ନିଷ୍କ୍ରିୟତା ନିଷ୍କ୍ରି ଓ ଉଦାସୀନତା ପ୍ରତିବାଦରେ ସୁରକ୍ଷା ମଂଚ ତରଫରୁ ଆସନ୍ତା ଜୁଲାଇ ୨୯,୩୦,୩୧ତାରିଖ ତିନି ଦିନ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା କରିବାକୁ ନିଷ୍ପତି ନିଆଯାଇଅଛି । କେନ୍ଦୁଝର ଅସ୍ମିତା ରକ୍ଷା ପାଇଁ ଜିଲ୍ଲା ର ପୁରାତନ ଛାତ୍ର ସଂଘ, ବିଭିନ୍ନ ରାଜନୈତିକ ଦଳ, ବରିଷ୍ଠ ନାଗରିକ ମଂଚ, ସିଟି ଜେନ ଫୋରମ୍, ଜନଜାତି ସଂପ୍ରଦାୟ ସାଂସ୍କୃତିକ ସଂଗଠନ, ଯୁବ ଛାତ୍ର ସଂଗଠନ ର ସ୍ୱାଭିମାନୀ ସଦସ୍ୟମାନେ ମାନେ ଏହି ଗଣଧାରଣା ରେ ସାମିଲ ହୋଇ ସଫଳ କରିବା ପାଇଁ ସୁରକ୍ଷା ମଂଚର ଆବାହକ ତଥା କେନ୍ଦୁଝର କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି ଚକ୍ରଧର ସାହୁ ନିବେଦନ କରିଛନ୍ତି ।

# ପାଣିରେ ବୁଡ଼ି ଯୁବତୀଙ୍କ ମୃତ

ବାଲିଆପାଳ, ୨୬/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିପାଳ ବ୍ଲକ ମହାବଳା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ପାଣିରେ ବୁଡ଼ି ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି ଯୁବତୀଙ୍କ ମୃତ୍ୟୁକୁ ନେଇ ଆଖପାଖ ଗାଁ ରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି । ସୂଚନା ଅନୁସାରେ ମହାବଳା ଗାଁ ର ପ୍ରଦୀପ କୁମାର ସିଂଙ୍କ ସାନ ଝିଅ ବିନୟା ସିଂ(୩୮) ସକାଳୁ ଘରେ କାହାରିକୁ ନଜଣାଇ କୁଆଡେ ଚାଲିଯାଇଥିଲେ । କିଛି ଘଣ୍ଟା ପରେ ଘର ଲୋକେ ଖୋଜା ଖୋଜି କରିବାରୁ ବାଡ଼ି ପଟେ ଦେଇ ଯାଇଥିବା ନଦୀରେ ଝିଅଟି ଭାସୁ ଥିବାର ଦେଖିବାକୁ ପାଇଥିଲେ । ପାଣିରେ ଭାସୁଥିବା ଦେଖି ମା ଗ୍ରାମବାସୀଙ୍କୁ ଡାକିଥିଲେ । ଗ୍ରାମବାସୀଙ୍କ ସହଯୋଗ ରେ ଯୁବତୀଙ୍କୁ ପାଣିରୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ, କିନ୍ତୁ ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ବାଲିଆପାଳ ପୋଲିସ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଥିଲେ । ବିନୟା ଘରର ସମସ୍ତ ଦାୟିତ୍ୱ ନିଜେ ବୁଝିବା ସହ ଗାଁ ଗାଁ ବୁଲି ବହୁ ଲୋକଙ୍କୁ ସରକାରୀ ଯୋଜନା ପାଇଁ ଆବଶ୍ୟକ ହେଉଥିବା ସରକାରୀ ପ୍ରମାଣପତ୍ର ପାଇବାରେ ସହଯୋଗ କରୁଥିଲେ ତାଙ୍କ ମୃତ୍ୟୁ ଖବର ଶୁଣି ସ୍ଥାନୀୟ ଅଞ୍ଚଳର ବହୁ ସେବାକେନ୍ଦ୍ର ର ମାଲିକ ଏବଂ ଜନସାଧାରଣ ଦୁଃଖ ପ୍ରକାଶ କରିଛନ୍ତି

# ସଫଳ ହୋଇ ପାରୁନାହିଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା

ଜୟପୁର, ୨୬/୭ (ନି.ପ୍ର): ଜୟପୁର ସହରରେ ସଫଳ ହୋଇପାରୁ ନାହିଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା। ୧୧ଟି ପର୍ଯ୍ୟାୟରେ ୩ହଜାର ୬୩୫ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ସେଥିରୁ ଶେଷ ହୋଇଛି ମାତ୍ର ୧ ହଜାର ୯୭୬ ଘର। ୬୯୨ ଜଣ କାମ ଅଧପନ୍ତରିଆ କରି ଛାଡିଛନ୍ତି। ବଳକା ୯୮୫ ହିତାଧିକାରୀ ଘର ନିର୍ମାଣ କାମ ଆରମ୍ଭ ହିଁ କରିନାହାନ୍ତି। ସେଥିରୁ ଅଧିକାଂଶ ହେଉଛନ୍ତି ଜାଗା ମିଶନରେ ଜାଗା ପାଇଥିବା ହିତାଧିକାରୀ। ବିଭିନ୍ନ କାରଣରୁ ସେମାନେ ଘର ନିର୍ମାଣ ଆରମ୍ଭ କରିନଥିବା ଜଣାପଡିଛି। ଅନ୍ୟପକ୍ଷରେ ସ୍ଥାନୀୟ ଚନ୍ଦନବାଡ ସାହି ନିକଟ ସାଗର କଡରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ସହର କିମ୍ବା ଆଖପାଖରେ ସରକାରୀ ଜାଗା ଦିଆ ଯାଇନଥିବାରୁ ସମସ୍ୟା ହେଉଛି। ନା ସେମାନେ ସେଠାରେ ଘର ନିର୍ମାଣ କରିପାରୁଛନ୍ତି ନା ଅନ୍ୟ ଜାଗାକୁ ଯାଇପାରୁଛନ୍ତି। ସହରର ଯୋଗ୍ୟ ଗରିବ ପରିବାରଙ୍କୁ ପୌରପାଳିକା ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇଥିଲା। ୨୦୧୭ ରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ଆଜି ପର୍ଯ୍ୟନ୍ତ ୩ହଜାର ୬୫୩ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଂଟନ କରାଯାଇଛି। ସେଥିରୁ ୧ହଜାର ୯୭୬ ହିତାଧିକାରୀ କାମ ସାରିଛନ୍ତି। କାମ ଅଧାରେ ରଖିଥିବା ୬୯୨ ହିତାଧିକାରୀଙ୍କ ମଧ୍ୟରୁ ୧୪୮ ଜଣ କେବଳ ଗାତ ଖୋଳି ଛାଡିଦେଇଛନ୍ତି। ୧୯୮ ଜଣ ଫାଉଣ୍ଡେସନ ପର୍ଯ୍ୟନ୍ତ ନିର୍ମାଣ କରିଛନ୍ତି। ୧୨୬ ହିତାଧିକାରୀ ଲିନଟାଲ ପର୍ଯ୍ୟନ୍ତ କାମ କରିଛନ୍ତି। ୨୨୦ ଜଣ ଛାତ ପକାଇଥିଲେ ହେଁ ଘର ନିର୍ମାଣ ସାରି ନାହାନ୍ତି। ବଳକା ୯୮୫ ଜଣ ହିତାଧିକରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲେ ହେଁ ସେମାନେ କେଉଁଠି ଘର ନିର୍ମାଣ କରିବେ ଜାଗା ଦେଖାଉନାହାନ୍ତି। ଫଳରେ ଜାଗାର ଜିଓ ଟ୍ୟାଗ ହୋଇପାରିନି। ଏଥିରେ ଅଧିକାଂଶ ହିତାଧିକାରୀ ହେଉଛନ୍ତି ବସ୍ତିବାସିନ୍ଦା। ଯେଉଁମାନେ ୨୦୧୯ ରେ ଜାଗା ମିଶନରେ ପଟ୍ଟା ପାଇଛନ୍ତି। ଅନୁସନ୍ଧାନରୁ ଜଣାପଡିଛି, ଘର ନିର୍ମାଣ ଆରମ୍ଭ କରିବାରେ ହିତାଧିକାରୀଙ୍କୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ। ଅତ୍ୟନ୍ତ ଗରିବ ହୋଇଥିବାରୁ ସେମାନେ ଯେଉଁ ଘରେ ରହୁଛନ୍ତି ତାଙ୍କୁ ଭାଙ୍ଗି ନୂଆ ଘର ନିର୍ମାଣ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି। ଘର ଭାଙ୍ଗିଦେଲେ ରହିବେ କେଉଁଠି। ଅଧିକାଂଶ ଦିନ ମଜୁରିଆ ହୋଇଥିବାରୁ ଘର ଭଡା ନେଇ ସହରରେ ରହିବା କଷ୍ଟକର।

# କାରଗିଲ ବିଜୟ ଦିବସ ପାଳିଲା : ଓୟୁଜେ




ବାଲେଶ୍ୱର, ୨୬/୭ (ନି.ପ୍ର): କାରଗିଲ ବିଜୟ ଦିବସ ଆମ ଦେଶର ସେନା ବାହିନୀ ର ବୀରତ୍ୱ ସାହସ,ଦେଶପ୍ରେମ ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ ର ଜ୍ୱଳନ୍ତ ଦୃଷ୍ଟାନ୍ତ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି ।ଆଜି ଶହୀଦ ପାର୍କ ଠାରେ ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ୨୬ ତମ କାରଗିଲ ବିଜୟ ଦିବସ ପାଳନ କରାଯାଇଥିଲା। ଏହି ବିଜୟ ଦିବସ ପାଳନ ରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପାକିସ୍ଥାନ ସେନାର ଭାରତ ଅନୁପ୍ରବେଶ ଓ ଆକ୍ରମଣ କୁ ଦୃଢ଼ନିନ୍ଦା କରିବା ସହ କାରଗିଲ ବିଜୟ ଭାରତୀୟ ସେନାର ମନୋବଳକୁ ବହୁଗୁଣିତ କରିଥିଲା ବୋଲି କହିଥିଲେ। ଦେଶର ସାର୍ବଭୌମତ୍ୱ ଏକତା ଓ ଅଖଣ୍ଡତା କୁ ବଜାୟ ରଖିବା ପାଇଁ ସେନା ବାହିନୀର କାର୍ଯ୍ୟ ଥିଲା ପ୍ରଶଂସନୀୟ। ୧୯୯୯ ମସିହା ମେ ମାସ ୩ ତାରିଖରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଆଜିର ଦିନରେ ଶେଷ ହୋଇଥିଲା। ଦୀର୍ଘ ୨ମାସ ୩ ସପ୍ତାହ ୨ ଦିନ ର ଏହି ଘମାଘୋଟ ଯୁଦ୍ଧରେ ପାକିସ୍ଥାନ ସେନା ପରାଜୟ ବରଣ କରିବା ସହିତ ବହୁ ସୈନ୍ୟ ଭାରତୀୟ ସେନାର ଗୁଳିରେ ମୃତ୍ୟୁ ବରଣ କରିଥିଲେ। ଦେଶ ମାତୃକାର ରକ୍ଷା ପାଇଁ ସୀମାନ୍ତରେ ଦିନରାତି ଶତ୍ରୁକୁ ଜଗିରହିଥିବା ବୀର ଯବାନଙ୍କ ମନୋବଳ ବୃଦ୍ଧି କରିବା ପାଇଁ ଭାରତ ବର୍ଷର ପ୍ରତ୍ୟେକ ନାଗରିକ ସେନା ବାହିନୀ ପଛରେ ଛିଡ଼ା ହୋଇ ରହିଛନ୍ତି ଓ ରହିଥିବେ ବୋଲି ବକ୍ତା ମାନେ ମତବ୍ୟକ୍ତ କରିଥିଲେ। ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ର ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ୟୁନିଅନର ସଂପାଦକ ବିବେକାନନ୍ଦ ଦାସ, କୋଷାଧକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ , ଲକ୍ଷ୍ମୀଧର ଗାନ, କହ୍ନେଇ ଚରଣ ପ୍ରଧାନ, ସେକ ନଜୀମ, ଆଜିମ୍ ବାଲେଶ୍ୱରୀ, ଜିତେନ୍ଦ୍ର ମହାନ୍ତି, ଅଧିପ କୁମାର ଜେନା, ସୋମନାଥ ସାହୁ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ କାଉନସିଲର ସଞ୍ଜୀବ କୁମାର ଦାସ, ସ୍ୱାସ୍ଥ୍ୟ ପରିଦର୍ଶକ କମଳ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଟାଉନ ସଂଯୋଜକ ହାଇଦର ଖାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

# କୈଳାସଚନ୍ଦ୍ର ଉଚ୍ଚବିଦ୍ୟାଳୟ ଛାତ୍ରାବାସରୁ ଚିତିସାପ ଉଦ୍ଧାର

ନୀଳଗିରି , ୨୬/୭ (ନି.ପ୍ର): ନୀଳଗିରି ସ୍ଥିତ କୈଳାସଚନ୍ଦ୍ର ଉଚ୍ଚବିଦ୍ୟାଳୟର ଛାତ୍ରାବାସରୁ ଏକ ୩ଫୁଟ ଲମ୍ବର ବିଷାକ୍ତ ଚିତି ସାପ ଉଦ୍ଧାର କରାଯାଇଛି । ସାପଟିକୁ ଉକ୍ତ ଛାତ୍ରାବାସର ଇନ୍ଚାର୍ଜ ରଘୁନାଥ ମଲ୍ଲିକ ପିଲା ରହୁଥିବା ଘର ର କବାଟ ଫାଙ୍କରେ ଦେଖିବାକୁ ପାଇଥିଲେ ଏବଂ ତାହା ଦେଖି ସେ କୌଶଳର ସହ ଉକ୍ତ ଘରେ ରହିଥିବା ପିଲାମାନଙ୍କୁ ସୁରକ୍ଷିତ ବାହାର କରିଥିଲେ । ଏବଂ ତତ୍କ୍ଷଣାତ୍ ସ୍ନେକ୍ ହେଲ୍ପଲାଇନ୍ ସଦସ୍ୟ ଶ୍ରୀ ହରେକୃଷ୍ଣ ରାଉତଙ୍କୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ଶ୍ରୀ ରାଉତ ପହଞ୍ଚି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡିଦେଇଛନ୍ତି । ହଷ୍ଟେଲ୍ ଇନ୍ଚାର୍ଜଙ୍କ କହିବା ମୁତାବକ ସମସ୍ତ ସରକାରୀ ସ୍ତରରୁ ନୂତନ ଛାତ୍ରାବାସ ହେବାକୁ ବାରମ୍ବାର ଦାବି ଉଠିଥିବା ବେଳେ ଏଯାବତ୍ ତାହା କାର୍ଯ୍ୟକ୍ଷମ ହେଉନାହିଁ ଏବଂ ପିଲାମାନଙ୍କ ଜୀବନ ବିପଦରେ କଟୁଛି । କାହାର କିଛି କ୍ଷତି ହେବା ପୂର୍ବରୁ ପ୍ରଶାସନ ତଥା ସରକାର ଏଥିପ୍ରତି ଧ୍ୟାନ ଦିଅନ୍ତୁ ବୋଲି ଛାତ୍ରାବାସ କର୍ତ୍ତୃପକ୍ଷ ଦାବି କରିଛନ୍ତି ।

# ସେଲ ଆରଏସପି ଦ୍ୱାରା ସିଏସଆର ପ୍ରୟାସ ଅନ୍ତର୍ଗତ ବାଉଁଶ ହସ୍ତଶିଳ୍ପ ତାଲିମ ମାଧ୍ୟମରେ ପାର୍ଶ୍ୱାଞ୍ଚଳ ମହିଳା ସଶକ୍ତିକରଣ

ରାଉରକେଲା, ୨୬/୭ (ନି.ପ୍ର): ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରିବା ଏବଂ ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ପଦକ୍ଷେପ ସ୍ୱରୂପ, ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ପଦକ୍ଷେପ ଅଧୀନରେ ପାର୍ଶ୍ୱାଞ୍ଚଳ ଗ୍ରାମୀଣ ମହିଳାମାନଙ୍କ ପାଇଁ ଏକ ବାଉଁଶ ହସ୍ତଶିଳ୍ପ ତାଲିମ କାର୍ଯ୍ୟକ୍ରମ ହାତକୁ ନେଇଛି। ନୂଆଗାଁ ବ୍ଲକର ଲିଣ୍ଡ୍ରା ଗ୍ରାମରେ, ଦକ୍ଷତା ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏକ ପ୍ରତିଷ୍ଠିତ ଏନଜିଓ 'ନିର୍ମାଣ' ସହିତ ମିଳିତ ଭାବରେ ଏହି ତାଲିମ ପ୍ରଦାନ କରାଯାଉଛି। ଏହି ପଦକ୍ଷେପ ଅଧୀନରେ 'ରୀନା' ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ସଦସ୍ୟାମାନଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଛି, ଯେଉଁମାନେ ବାଉଁଶ ଉତ୍ପାଦ, ବିଶେଷକରି ବିଭିନ୍ନ ଆକାର ଏବଂ ଆକୃତିର ଟୋକେଇ ତିଆରି କରିବାରେ ତାଲିମ ପାଇଛନ୍ତି। ତାଲିମ ଗ୍ରହଣ କରିବା ପରେ ମହିଳାମାନେ ସ୍ଥାନୀୟ ବଜାରରେ ସେମାନଙ୍କର ହସ୍ତଶିଳ୍ପ ସାମଗ୍ରୀ ଉତ୍ପାଦନ ଏବଂ ବିକ୍ରୟ କରିବା ଆରମ୍ଭ କରିସାରିଛନ୍ତି, ଯାହା ଉପାର୍ଜନ ଏବଂ ଆର୍ଥିକ ଆତ୍ମନିର୍ଭରଶୀଳତାର ଏକ ରାସ୍ତା ସୃଷ୍ଟି କରିଛି। ଜଣେ ହିତାଧିକାରୀ, ସୁଶ୍ରୀ କୁଳମଣି ମୁଣ୍ଡରୀ ତାଙ୍କର ଖୁସି ଏବଂ କୃତଜ୍ଞତା ପ୍ରକାଶ କରି କୁହନ୍ତି, 'ମୁଁ ସମ୍ପୂର୍ଣ୍ଣ ନିଃଶୁଳ୍କ ରୂପେ ଏହି ବାଉଁଶ କାରିଗର ତାଲିମ ପାଇଲି। ଏବେ, ମୁଁ କେବଳ ଟୋକେଇ ତିଆରି କରିପାରିବି, ତାହା ନୁହେଁ ବରଂ ବଜାରରେ ବିକ୍ରୟ କରି ଟଙ୍କା ମଧ ରୋଜଗାର କରିପାରିବି। ଏହା ମୋର ଆତ୍ମବିଶ୍ୱାସ ବୃଦ୍ଧି କରିଛି ଏବଂ ମୋ ପରିବାରକୁ ମଧ ସାହାଯ୍ୟ କରୁଛି।' ଏହି ପଦକ୍ଷେପ କେବଳ ପାରମ୍ପରିକ ବାଉଁଶ କାରିଗରକୁ ସଂରକ୍ଷଣ କରେ ନାହିଁ ବରଂ ଆଦିବାସୀ ଓ ଗ୍ରାମାଞ୍ଚଳର ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ ମଧ କରେ। ଦକ୍ଷତା ବିକାଶ ଏବଂ ବଜାର ସଂଯୋଗକୁ ସକ୍ଷମ କରି ଆରଏସପି ଏହି ଅଞ୍ଚଳର ସାମାଜିକ-ଆର୍ଥିକ ବିକାଶରେ ଅର୍ଥପୂର୍ଣ୍ଣ ଅବଦାନ ଦେଇଚାଲିଛି ଏବଂ ଏକ ଦାୟିତ୍ୱବାନ କର୍ପୋରେଟ୍ ନାଗରିକ ଭାବରେ ଏହାର ଭୂମିକାକୁ ପୁନଃନିର୍ଦ୍ଦିଷ୍ଟ କରୁଛି।

# ବଧୂ ଜୀବନ ହାରିବା ମାମଲାରେ ସ୍ୱାମୀ, ଶ୍ୱଶୁର ଓ ଶାଶୁଙ୍କୁ ଜେଲ ଦଣ୍ଡାଦେଶ

ଭଦ୍ରକ, ୨୬/୭ (ନି.ପ୍ର): ଶାଶୁଘରର ନିର୍ଯାତନା ସହି ନ ପାରି ବୋହୂ ଜୀବନ ହାରିବା ମାମଲାର ବିଚାର କରି ଭଦ୍ରକ ସ୍ପେଶାଲ ଟ୍ରାକ କୋର୍ଟର ବିଚାରପତି ଜ୍ୟୋତି ରଞ୍ଜନ ଦାଶ ଅଭିଯୁକ୍ତ ସ୍ୱାମୀ ସମେତ ଶାଶୁ-ଶ୍ୱଶୁରକୁ ୩ ବର୍ଷ ଜେଲ ଦଣ୍ଡ ସହ ୨ ହଜାର ଟଙ୍କା ଆର୍ଥିକ ଜରିମାନା କରିଛନ୍ତି । ବାଂଶଡ଼ା ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର କମଳାକାନ୍ତ ଯେନା ତିହିଡ଼ି ଥାନା ଅନ୍ତର୍ଗତ ଦୋଳସାହି ଗ୍ରାମର ବିଦ୍ୟାଧର ଜେନାଙ୍କ କନ୍ୟା ଦୀପାଙ୍କୁ ୨୦୧୬ ମସିହାରେ ବିବାହ କରିଥିଲେ। ବିବାହ ପରେ ଶାଶୁଘର ଲୋକ ଅଧିକ ଯୌତୁକ ଦାବି କରି ମାରଧର କରିବା ସହ ଦୀପାଙ୍କ ଚରିତ୍ରକୁ ନେଇ ସନ୍ଦେହ ପ୍ରକଟ କରି ନାନା ଆକ୍ଷେପ କରୁଥିଲେ। ଶାଶୁଘରର ଲୋକଙ୍କ ଏଭଳି ନିର୍ଯାତନା ସହି ନ ପାରି ଦୀପା ୨୦୨୩ ମସିହା ମେ୨ ତାରିଖରେ ଆତ୍ମହତ୍ୟା କରିଥିଲେ। ଏ ନେଇ ତାଙ୍କ ଭାଇ ସଞ୍ଜୟ ବାଂଶଡ଼ା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୫୪/୨୩ କେସ୍ ନମ୍ବର ମୂଳେ ଏକ ମାମଲା ରୁଜ କରିଥିଲା। ପରେ ଏହି ମାମଲାରେ ସ୍ୱାମୀ କମଳାକାନ୍ତ, ଶ୍ୱଶୁର ରବୀନ୍ଦ୍ର ଯେନା ଓ ଶାଶୁ ମାଳତୀଙ୍କୁ ଗିରଫ ଜେଲ ପଠାଇଥିଲା। ଏହି ମାମଲାର ଚାର୍ଜସିଟ ଦାଖଲ ହୋଇ ଏହା ସ୍ପେଶାଲ ଟ୍ରାକ୍ରେ ବିଚାର ପାଇଁ ଗ୍ରହଣ ହୋଇଥିଲା। ସବୁ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ସମ୍ପୃକ୍ତ କୋର୍ଟ ଦୋଷୀମାନଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୨ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆଉ ୩ ମାସ ଅଧିକ ଜେଲ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଏହି ମକଦ୍ଦମାକୁ ଆଡିସିନାଲ ପିପି ଜିତେନ୍ଦ୍ର ପଣ୍ଡା ଓ ଅତିଶ ବେହେରା ପରିଚାଳନା କରିଥିଲେ।

# ଅନାଥ ପିଲାମାନଙ୍କ ଗହଣରେ ପାଳିତ ହେଲା 'ମାଆ କମ୍ପ୍ୟୁଟର' ଷ୍ଟୁଡ଼ିଓର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ



ଜଳେଶ୍ୱର, ୨୬/୭ (ନି.ପ୍ର): ଆଜିର ଦିନରେ ଅର୍ଥ ସର୍ବସ୍ୱ।ଦୁନିଆରେ ଅର୍ଥ ଉପାର୍ଜନ କରି ନିଜ ପରିବାର ସହ ବିଳାସ ବ୍ୟସନରେ ରହିବାକୁ କିଏ ବା ପସନ୍ଦ ନ କରିବ।ମାତ୍ର ନିଜର ପରିବାରର ଧନ ସମ୍ପତ୍ତି ସବୁକିଛି ଥାଇ ମଧ ସେସବୁକୁ ପଛରେ ପକାଇ ଜଳେଶ୍ୱର ବଡ ବଜାରରେ ଅବସ୍ଥିତ ମାଆ କମ୍ପ୍ୟୁଟର ଷ୍ଟୁଡିଓ ଆଜିର ଦିନରେ ଜନ୍ମଗ୍ରହଣ କରିଥିବାରୁ ତାର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଜଳେଶ୍ୱର ସ୍ଥିତ ଶାନ୍ତିଆ ଈଶ୍ୱରଲାଲ ଗାନ୍ଧୀ ସେବାଶ୍ରମର ଥିବା ୮୦ ରୁ ଉର୍ଦ୍ଧ ଅନାଥ ପିଲାମାନଙ୍କ ଗହଣରେ ଦିନ ୧୦ ଘଟିକା ସମୟରେ ତାର ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ କରିଛି।ପ୍ରଥମେ ମାଆ କମ୍ପ୍ୟୁଟର ଷ୍ଟୁଡିଓ ମୁଖ୍ୟ ସମର କୁମାର କରଣ ଙ୍କ ସହ ଅନୁଷ୍ଠାନର ସଭାପତି ଶିତାଂଶୁ ସେନାପତି ଓ ସଂପାଦକ ଅଶୋକ କୁମାର ଜେନା ଅନାଥ ପିଲାମାନଙ୍କ ଗହଣରେ ମାଆ କମ୍ପ୍ୟୁଟର ଷ୍ଟୁଡିଓ ର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ କେକ୍ କଟା ଯାଇ ରୌପ୍ୟ ଜୟନ୍ତୀ ପାଳନ କରାଯାଇଥିଲା।ପରେ ପରେ ସମସ୍ତ ପିଲା ମାନଙ୍କୁ ସମର କୁମାର କରଣ ଙ୍କ ନିଜ ପରିବାର ପକ୍ଷରୁ ଶୁସ୍ୱାଦ ର ଖାଦ୍ୟ ରନ୍ଧା ଯାଇ ସେହି ଅନାଥ ପିଲାମାନଙ୍କୁ ପରିବେଷଣ କରାଯାଇ ଥିଲା।ଏହି ସବୁ କାର୍ଯ୍ୟ କ୍ରମରେ ସନତ କରଣ,ସୁକୁମାର କରଣ,ସିଲୁ ସ୍ୱପ୍ନ। କରଣ,ମଧୁମିତା କରଣ,ଇନ୍ଦୁମତି କରଣ ସହ ଖୁସି,ଲକି,ଦିଶା ଭୂମି,ଓ ବିକି ପରିଚାଳନା କରିଥିଲେ।

# ସହିଦ ଗଙ୍ଗାରାମ ଦାସ ସ୍ମୃତି ପରିଷଦ ଆନୁକୂଲ୍ୟରେ କାରଗିଲ ବିଜୟ ଦିବସ ପାଳିତ



ବାଲେଶ୍ୱର, ୨୬/୭ (ନି.ପ୍ର): ସଦରବ୍ଲକ ଖାନନଗର ପଞ୍ଚାୟତ ହରିଡା ଗ୍ରାମସ୍ଥ ସହିଦ ଗଙ୍ଗାରାମ ଦାସଙ୍କ ବାସଭବନ ପରିସରରେ ସହିଦଙ୍କ ସ୍ମୃତିରେ ଗଢା ସହିଦ ଗଙ୍ଗାରାମ ଦାସ ସ୍ମୃତି ପରିଷଦ ଆନୁକୂଲ୍ୟରେ ସହିଦଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତିରେ ବରେଣ୍ୟ ଅତିଥି, ପରିଷଦର ସମସ୍ତ ସଦସ୍ୟ, ସଦସ୍ୟା ଓ ଗ୍ରାମବାସୀମାନଙ୍କ ଦ୍ୱାରା ମାଲ୍ୟାର୍ପଣ , ସ୍ମୃତି ତର୍ପଣ ଅନୁଷ୍ଠିତ ହୋଇଯାଇଛି। କାରଗିଲ ବିଜୟ ଦିବସ ପାଳନ ଅବସରରେ ଆୟୋଜିତ ସାଧାରଣ ସଭା ଜାତୀୟ ସଂଗୀତ ଗାନରୁ ଆରମ୍ଭ ହୋଇଥିଲା, ସଂଗଠନର ସଭାପତି ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତା କରିଥିବା ବେଳେ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସହିଦଙ୍କର ତ୍ୟାଗ ସମର୍ପଣର ଅମରଗାଥା ବଖାଣିଥିଲେ। କିଭଳି ତତ୍କାଳିନ କାର୍ଗିଲ ଲଢେଇ ପ୍ରତିକୂଳ ପରିବେଶରେ, ସୁ ଉଚ୍ଚ ପର୍ବତ ଶିଖରରେ ଆନ୍ତର୍ଜାତିକ ସ୍ତରରେ ଶ୍ରେଷ୍ଠ ଲଢେଇର ମର୍ଯ୍ୟାଦା ଲାଭକରିଛି ବୋଲି ବିଷଦ ଭାବରେ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତାଭାବରେ ଅବସର ପ୍ରାପ୍ତ ଅଧ୍ୟାପକ ପ୍ରଭାତ କୁମାର ପରିଡା ,ସମ୍ମାନିତ ଅତିଥି ଭାବରେ ଏବିଏ କଲେଜର ଅଧ୍ୟକ୍ଷା ଡ. ସଂଗୀତା ମହାନ୍ତି , ନୀଳକଣ୍ଠ ଡିଗ୍ରୀ ଓ କଲେଜରୁ ଅଧ୍ୟକ୍ଷା ପ୍ରଣତୀ ପ୍ରୀୟଦର୍ଶନୀ ମିଶ୍ର,ଜୁନିୟର କଲେଜର ଅଧକ୍ଷ ଶଶୀଭୂଷଣ କର,ମାନବାଧିକାର କର୍ମୀ ସୁଧାକର ସେଠୀ, ସ୍ଥାନୀୟ ସରପଞ୍ଚ ଅଞ୍ଜନ କୁମାର ନାୟକ ସହିଦଙ୍କ ପରିବାରରୁ ପିତା ଶ୍ୟାମସୁନ୍ଦର ଦାସ , ଧର୍ମପତ୍ନୀ ମଣିମାଳା ଦାସ ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଚାରଣ କରିବା ସହ କାର୍ଗିଲ ବିଜୟର ଜୟଗାଥା ଅଭିଭାଷଣରେ ରଖିଥିଲେ । ପରିଷଦର ସଂପାଦକ ଜନନେତା କାର୍ତ୍ତିକ ଗିରି ପ୍ରାକକଥନ ରଖିଥିବା ବେଳେ ରଞ୍ଜନ ନାୟକ ଶେଷକଥା ରଖିଥିଲେ। ପରିଷଦ ଦ୍ୱାରା ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ବିଭିନ୍ନ କଲେଜରୁ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଭାବଭଞ୍ଜନ ପଣ୍ଡା ପ୍ରଥମ , ଦ୍ୱିତୀୟ ଅନୀଶା ପ୍ରୀୟଦର୍ଶନୀ ନାୟକ, ତୃତୀୟ ପବିତ୍ର କୁମାର ବାରିକ ହୋଇ ସାର୍ଟିଫିକେଟ ଓ ଟ୍ରଫି ଲାଭକରିଥିବା ବେଳେ ଶ୍ରୀୟା ସନ୍ଦିପ୍ତା ପଣ୍ଡା, ଶୁଭଦ୍ରା ଖିଲାର, ଅର୍ଚ୍ଚିତା ପୁହାଣ ସାନ୍ତ୍ୱନା ମୂଳକ ପୁରସ୍କାର ଲାଭକରିଥିଲେ। ସହିଦଙ୍କ ଅନ୍ତିମ ଯାତ୍ରାର ମୂକ ସାକ୍ଷୀ କୁରୁଡା ଛକଠାରୁ ପଳାଶପୁର ଛକ ପର୍ଯ୍ୟନ୍ତ ସହିଦଙ୍କ ସ୍ମୃତି ବାହକ ରାସ୍ତାକୁ ସହିଦଙ୍କ ନାମରେ ନାମିତ କରିବା ସହ ସହିତ ସ୍ମାରକୀ ତୋରଣ ,ସ୍ମୃତି ସଦନ , ପାଠାଗାର ଓ ସ୍ମୃତି ସଂଗ୍ରାହାଳୟ ସ୍ଥାପନ ପାଇଁ ଅତିଥିମାନେ ଅଭିଭାଷଣ ମାଧ୍ୟମରେ ସରକାରଙ୍କ ପାଖରେ ଦାବି ରଖିଥିଲେ। ଅବହେଳିତ ହୋଇ ପଡିଥିବା ସହିଦଙ୍କ ଶମସାନଙ୍କୁ ନବୀକରଣ ପାଇଁ ମଧ ସାର୍ବଜନୀନ ଦାବି ହୋଇଥିଲା। ସୁବେଦାର ତରୁଣ କୁମାର ବିଶ୍ୱାଳ, ନିରାକାର ଭୂୟାଁ, ଜିତେନ୍ଦ୍ର କୁମାର ଦାସ, ଉତ୍ତମ କୁମାର ରାଉତ, ଶୈଳେନ୍ଦ୍ର ମହନ୍ତ, ଧର୍ମେନ୍ଦ୍ର ସାହୁ, ରିତେଶ ରାଉତ, ସ ତ୍ୟବ୍ରତ ସ,ଆର.କେ ମହାପାତ୍ର, ଗୋପାଳ କୃଷ୍ଣ ବୁଗୁଡେଇ, ଗୌତମ ପାଣି ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱନକ୍ଷତ୍ର ବିଶେଷାଙ୍କ




Congrulation for the Annual day of Dhwani Pratidhwani

**Jyotiranjan Nayak**



Assistant Engineer
Rural Works
Section-I, Betnoti






*With Best Compliments from...*

**Madhusudan Mohanty**
**Balaram Mohanty**
Baisinga,
Mayurbhanj-757028





ଓଡ଼ିଶାର ସ୍ୱନାମଧନ୍ୟ ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି'ର ବାର୍ଷିକ ଉତ୍ସବ ୨୦୨୫ ପାଳନ ଅବସରରେ ହାର୍ଦ୍ଦିକ ଶୁଭକାମନା ଶୁଭେଚ୍ଛା ସହ...

**ଶୁଭ୍ରାନ୍ତ ତିଆରି**

ବୈଶିଙ୍ଗା ,ମୟୂରଭଞ୍ଜ
ମୋ : ୮୨୪୯୨୨୭୬୯୨





ଧ୍ୱନି ପ୍ରତିଧ୍ୱନିର ସ୍ୱନକ୍ଷତ୍ର ଦିବସ-୨୦୨୫ ପାଳନ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ସମ୍ବାଦପତ୍ର ସମସ୍ତଙ୍କ ଭିତରେ ଆଦରଣୀୟ ହୋଇ ସମାଜର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟକରୁ ଏତିକି ହିଁ କାମନା କରୁଛି ।

**ସନାତନ ବିଜୁଳି**

ବିଧାୟକ ବଡସାହି ନିର୍ବାଚନ ମଣ୍ଡଳୀ , ମୟୁରଭଞ୍ଜ





ଦୈନିକ ନିରପେକ୍ଷ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ଏବଂ ସାହିତ୍ୟ ପତ୍ରିକା 'ସାଗରିକା'ର ସ୍ୱନକ୍ଷତ୍ର ଉତ୍ସବରେ ଢେରସାରା ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ମନୋରଞ୍ଜନ ଦାସ**

ପରିବେଶବିତ୍ , କୁଳଡିହା ଟୁରିଷ୍ଟ ଗାଇଡ, ସଭାପତି
ଶ୍ୟାମସୁନ୍ଦରପୁର ସେବା ସମବାୟ ସମିତି ତଥା
ପ୍ରୋ :-ସାଇଇଶ୍ୱରୀ ହିଲ ଭିଉ ରିସୋର୍ଟ ପଞ୍ଚଲିଙ୍ଗେଶ୍ୱର



ଆମେ ପଢିବା ଆମେ ଲଢିବା ଗଢିବା ଆମ ଗାଁ
ସପନ ଦେଖିବା ଉଦ୍ୟମ କରି ରଖିବା ଦେଶର ନାଆଁ।

**ବଣ ଧୂଳିର ଫୁଲ**

*- ଅସମ୍ଭବ ଭିତରୁ ଏକ ସମ୍ଭାବନା*
ମୋ:- ୯୪୩୮୨୯୦୭୦୭
Email: bijayacharyaincys@gmail.com





ଓଡ଼ିଶାର ସ୍ୱନାମଧନ୍ୟ ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ର ବାର୍ଷିକ ଉତ୍ସବ ୨୦୨୫ ପାଳନ ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା । ଧ୍ୱନି ପ୍ରତିଧ୍ୱନିର ଚଲାପଥ କୁସୁମିତ ହେଉ ଏହାହିଁ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

**ଜୀବନ ପରିଡା**

ସଭାପତି ବେତନଟୀ ମଣ୍ଡଳ
ଭାରତୀୟ ଜନତା ପାର୍ଟି, ବେତନଟୀ, ମୟୁରଭଞ୍ଜ



*With Best Compliments from...*



**RAJIB RANJAN SENAPATI**

BETNOTI BLOCK BJD PRESIDENT
Mob: 9937033908





ନିରପେକ୍ଷ ଦୈନିକ ସମ୍ବାଦପତ୍ର ଧ୍ୱନି ପ୍ରତିଧ୍ୱନି ଓ 'ସାଗରିକା' ର ବାର୍ଷିକ ଉତ୍ସବ ୨୦୨୫ ବାଲେଶ୍ୱରରେ ଅନୁଷ୍ଠିତ ହେବା ଶୁଣି ମୁଁ ବହୁତ ଖୁସି ଓ ଆନନ୍ଦିତ । ଏହି ପବିତ୍ର ଅବସରରେ ମୁଁ 'ଧ୍ୱନି ପ୍ରତିଧ୍ୱନି' ତଥା 'ସାଗରିକା'ପରିବାରର ସମସ୍ତ ସଦସ୍ୟ/ ସଦସ୍ୟାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ତଥା ନିରାକାର ପରମ ପିତା ପରମାତ୍ମା ଶିବବାବାଙ୍କୁ ପ୍ରାର୍ଥନା କରୁଛି ସମସ୍ତଙ୍କର ମଙ୍ଗଳ ଓ ସଂସ୍ଥାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

**ଗୌରୀ ଶଙ୍କର ପଣ୍ଡା**

ବରିଷ୍ଠ ସମାଜସେବୀ, (ନୀଳଗିରି )
ଅଲ ଇଣ୍ଡିଆ ଟେଲେଣ୍ଟ ସର୍ଚ୍ଚ ଟ୍ରଷ୍ଟ
(ଅଧକ୍ଷ)



ଓଡ଼ିଶାର ସ୍ୱନାମଧନ୍ୟ ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି'ର ବାର୍ଷିକ ଉତ୍ସବ ୨୦୨୫ ପାଳନ ଅବସରରେ ହାର୍ଦ୍ଦିକ ଶୁଭକାମନା ଶୁଭେଚ୍ଛା ସହ...



**ସସ୍ମିତା ମହାନ୍ତ**

ଥାନା ଅଧିକାରିଣୀ, ବୈଶିଙ୍ଗା,
ମୟୂରଭଂଜ



*With Best Compliments from...*



**Ashish Parida**

"PRIDE"
Volentier Organisetion
Baisinga, Mayurbhanj - 757028
Mob: 9861926926



*With Best Compliments from...*



**SREE RAJALAXMI JWELLERY**
BAISINGA,MAYURBHANJ
M: 8018662608,7077830790






*With Best Compliments from...*

**Manwar Khan**
Ranger, Betnoti Range
Mob:7978595150

# ସ୍ୱନକ୍ଷତ୍ର ବିଶେଷାଙ୍କ

## ଆସନ୍ତା କି ଫେରି

### ନୀଳମଣି ଚାନ୍ଦ



ଭୁଲି ନାହିଁ ସିଲଟକୁ
ଭୁଲିନି ମୁଁ ଖଡ଼ିକୁ
ତାଳପତ୍ରରେ ତିଆରି
ଫେଁକାଳି, ଘଡ଼ିକୁ।

ଭୁଲିନିରେ ବସ୍ତାନି ଓ
କଳାପଟା, ଡଷ୍ଟର
ସ୍କୁଲ୍ ବେଳ ଖୁସି ଦିନ
ନଥିଲା ସେ କଷ୍ଟର।

ମନେ ଅଛି ସ୍କୁଲ୍ ଗଲେ
ନେଉଥିଲି ଚଟେଇ
ଯାଉଥିଲି ମାମୁ ଘର
ଖରାଛୁଟି କଟେଇ।

କାଗଜଡଙ୍ଗା ଭସେଇ
ମାରୁଥିଲି ତାଳିରେ
ଲିଭିଗଲେ ଇନ୍ଦ୍ରଧନୁ
ହେଉଥିଲି ଭାଳିରେ।

ଭୁଲିନାହିଁ ଶୁଣିଥିଲି
ଯେତେ ଗପ ଆଈର
ମନେଅଛି ନାନାବାୟା
ମିଠା ଗୀତ ମାଈଁର ।

ଧରୁଥିଲି କଙ୍କିକୁ ମୁଁ
ଗୋଡ଼େଇ ତା ପଛରେ
ଖେଳିଛି ଡାଳମାଙ୍କୁଡି
ଚଢ଼ି ଜାମୁ ଗଛରେ।

ସେଦିନ ତ ଥିଲା ସବୁ
ସୁନ୍ଦର ଓ ସରସ
ପଛକୁ ଚାହିଁଲେ ଲାଗେ
ସେ ଅନେକ ବରଷ।

ଆସନ୍ତା କି ଫେରି ଥରେ
ପିଲାଦିନ ସିନାରେ
ଖୁସିରେ ମୁଁ ନାଚିଯାନ୍ତି
ତାକ୍ ଧିନ୍ ଧିନାରେ ।


+ ୨୭, ମନ୍ତ୍ରମାନୋର,
ଗୋଠପାଟଣା
ଭୁବନେଶ୍ୱର-୨୯,
ମୋ:୯୫୮୩୨୦୨୩୫୭


## ବାହାରେ ଝିପିଝିପି ବର୍ଷା

### ଡଲିରାଣୀ ବ୍ରହ୍ମା



ବାହାରେ ଝିପିଝିପି ବର୍ଷା
ଭିତରେ ଭିଜୁଥାଏ ମନ
ଆବେଗରେ ପ୍ରାଣ ହୁଏ ସିକ୍ତ
ଅଙ୍ଗେ ଅଙ୍ଗେ ଖେଳେ ଶିହରଣ
ପବନରେ ନାଚୁଥାଏ ଫୁଲ
ମହକରେ ପରିବେଶ ଭରି ।

ଅଗଣାରେ ହୀରା ମୋତିସବୁ
ସ୍ମୃତି ସାଥେ ପଡୁଥାଏ ଝରି ।
ଭାସିଆସେ ପିଲାଦିନ କଥା
ସ୍ମୃତିର ଫରୁଆକୁ ଖୋଲି ।

ହୃଦୟରେ ପୁଲକର ନାଆ
ବଢ଼ିଚାଲେ ଉଜାଣିକୁ ଠେଲି ।
ନାଲିରଙ୍ଗ ସାଧବ ବହୁକୁ
ନାଲିନାଲି ସଜ କୃଷ୍ଣଚୂଡ଼ା ।

କଦମ୍ବର ମଧୁ ମଧୁ ବାସ
ସପନକୁ କରେ ମତୁଆଲା।
ମନ ଆକାଶର ଇନ୍ଦ୍ରଧନୁ
ଖେଳିଯାଏ ସାତ ଆଭା ମେଲି
ଆଶାର ପ୍ରଜାପତି ସମ
ବାରତାକୁ ଦିଏ ଉଡ଼ିବୁଲି ।


+ ମୋ: ୯୯୩୭୫୧୪୯୬୯


## ଅଙ୍ଗାର ଗାର

### ଶୈଳଜ ରବି



ଏ ସରେଇ ଘରେ
ରାତିଟାଏ ବିତେଇଲା ପରେ
କାହିଁକି ଇଚ୍ଛାହୁଏ କେଜାଣି
ଅଙ୍ଗାର ଖଣ୍ଡେ ଧରି
ମୋ ନାଆଁଟା ବି' ଲେଖିଦେଇ ଯିବି
ତା' କାନ୍ଥରେ ।

ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ
ଚାରିକାନ୍ଥରେ, ଏମିତିକି
କବାଟ, ଝିଡ଼ିକି, ଛାତ, କଡ଼ିବର୍ଗାରେ
ଚଢ଼ାଚଢ଼ି, ମଡ଼ାମଡ଼ି
ଠେଲାପେଲା ନାଆଁମାନଙ୍କର ।
ଅସଂଖ୍ୟ ନାଆଁ
ଲେଖା ହେଇଛନ୍ତି ଖଡ଼ିରେ
ଅଙ୍ଗାରରେ ଅବା
ଇଟାମୁଣ୍ଡାରେ ।

ଅସଂଖ୍ୟ ନାଆଁ
ବାପ ନାଆଁ, ଗାଆଁ ନାଆଁ, ପୋଷ୍ଟାଫିସ୍ ।
ଅସଂଖ୍ୟ ନାଆଁର
ଏଇ କାନଫଟା କୋଳାହଳ ଭିତରେ
କ'ଣ ବା ମାନେହୁଏ
ଆଉ ଗୋଟାଏ ନାଆଁ ଛାଡ଼ି ଯିବାରେ ?
କ'ଣ ବା ମାନେ ହୁଏ
ପ୍ରସୂତି ଓ୍ୱାର୍ଡ଼ର ମୋଟା ରେଜିଷ୍ଟାର୍‌ରେ
ଆଉ ଗୋଟାଏ ନାଆଁ ଚଢ଼େଇବାରେ ?

ବିପୁଳା ପୃଥ୍ୱୀ, ନିରବଧି କାଳ

ଏ ନାଆଁ କିନ୍ତୁ ଧୋଇ ହେଇଯିବ
ଆଉ ଆଷାଢ଼କୁ
ଛାତରୁ ଗଳୁଥିବା ପାଣିରେ
କି ଆଉ ସନ ଆସିଲେ
ଚୂନ ଧଉଳା ବେଳ
ଏ ନାଆଁ ବି ଲିଭିଯିବ
ଆଉ ସବୁ ନାଆଁ ସାଥିରେ ।
ସତେ,
କ'ଣ ବା ମାନେ ହୁଏ
ନାଆଁଟାଏ ଛାଡ଼ିଯିବା
ଏମିତି ଏକ ଅବିଶ୍ୱାସୀ କାନ୍ଥରେ !

ତଥାପି ଆଶା ବାନ୍ଧିଥାଏ
ଏ ମୂଢ଼ ମନ
ଭାବିଥାଏ
ଏଇବାଟେ, ଏଇ ସନ
ହୁଏତ ଚାଲି ଯାଉ ଯାଉ
ଆମ ଗାଆଁ ସନିଆ କି ଶିବ
ଏଇଠି ଅଟକି ଯିବ
ଆଉ ହୁଏତ ପାଟିରୁ ଛାଏଁ ଛାଏଁ
ବାହାରି ପଡ଼ିବ,
"ଆରେ ହେ, ଆମ ଦିବାଭାଇ ପୁଅ
ରବି ବି ଏଠି ଥେଲା
ଦିନୁଟାଏ କି ଓଳିଏ ।"
କି କେଉଁ ଅଚିହ୍ନା ମଣିଷଟିଏ

ନିଠେଇ ଚାହିଁବ ସେ ଅକ୍ଷରକୁ ଘଡ଼ିଏ
ଆଉ କହି ଉଠିବ,
"ଇଏ ତ ମୋ ହସ୍ତାକ୍ଷର !

ଏ ନାଆଁ
ନିଶ୍ଚେ ମୋ କା' ।"

ବିପୁଳା ପୃଥ୍ୱୀ, ନିରବଧି କାଳ
ଏ ଭଙ୍ଗା ନିର୍ଜନ ସରେଇ ଘରେ
ନାଆଁମାନଙ୍କର ପ୍ରବଳ କୋଳାହଳ
ତା ଭିତରେ ଏ ଛୋଟିଆ ନାଆଁଟା
ଯାତ ଭିତରେ
ହଜି ଯାଇଥିବା ପିଲାଟା ପରି
ବ୍ୟାକୁଳ ହୋଇ ଚାହିଁ ରହିଥିବ
ଆବିଷ୍କାର କରିବାକୁ
ନିଜକୁ
କେଉଁ ଦୋସର ଆଖିରେ ।


+ ଖାନନଗର, କଟକ


## ଭାବନା

### ପୀତାମ୍ବର ଦାସ



ହୋଇପଡ଼େ ଧୈର୍ଯ୍ୟ ହରା
ଦେଖିଲି ମୁଁ ଦୁଃଖ,
ସେଥିପାଇଁ ଚାହେଁ ସିନା
ସଭିଙ୍କର ସୁଖ।

ସୁଖ ଦେଖୁଥିଲେ ନିତି
ପାଆନ୍ତି ମୁଁ ଶାନ୍ତି,
ଶରୀରରୁ ଲିଭିଯାନ୍ତା
ଯେତେ ଭରା କ୍ଳାନ୍ତି।

ସତେକି ମୋ ମନୋବାଞ୍ଛା
ହୋଇବ ପୂରଣ,
ଦୁନିଆରୁ ହଟି ଯାନ୍ତା
ଦୁଃଖର କାରଣ।

ରାଶି ରାଶି ସୁଖ ଶ୍ରଦ୍ଧା
ପ୍ରାଣରେ ଭରନ୍ତା,
ଦୁଃଖ,ରାଗ,ମିଥ୍ୟା,ପାପ
ଦୂରେଇ ଯାଆନ୍ତା।

ମଧୁର ବଚନେ ସବୁ
କହନ୍ତେ କି ଭାବେ,
କାହା ମନେ କଳୁଷତା
ନ ଆସନ୍ତା କେବେ।

ନିଜେ ନିଜେ ଅଭିମାନୀ
ସ୍ୱାଭିମାନୀ ଢ଼ଙ୍ଗେ,
ବିଚରନ୍ତେ ଦୁନିଆରେ
ଶୁଭ ନୂଆ ରଙ୍ଗେ।

ସତେକି ଭାବନା ମୋର
ହୋଇବ ସାକାର,
ସବୁ ମୁଖେ ଛୁଟୁଥିବ
ହସର ଜୁଆର।


+ ଗୋପାଳ ଗାଁ,
ବାଲେଶ୍ୱର
(ମୋ)୯୪୩୭୩୪୮୭୯୧


## ଅବୁଝା ଆଖିର ସପନରେ ବର୍ଷା...

### ଲକ୍ଷ୍ମୀପ୍ରିୟା ପୃଷ୍ଟି



ଅବୁଝା ଆଖିର ସପନରେ ବର୍ଷା
ଶୈଶବର ଚପଳାମି
ଜିଦ୍ଦିର ରାଣରେ ଛନ୍ଦ ତୋଳୁଥାଏ
କାହା ହୃଦ ହୁଏ ହାଣି ।

କେବେ ଏଇ ବର୍ଷା କୁଆଁରୀ ଦେହରେ
ଲାଜୁକୀ ଆଖିର ମୋହ
ଭିଜେ, ସେ ଭିଜାଏ, ଅମାନିଆ ସାଜେ
କେବେ ହୃଦ ତଳ କୋହ ।

ବର୍ଷା କେବେ ଛମଛମ କଅଁଳ କିଶୋରୀ
ଶିଖୀ ନୃତ୍ୟର ତାଳରେ
କେବେ ବର୍ଷା ବୟସର ତାରକସି
କଦମ୍ବର ଫୁଟିଲା ଦେହରେ ।

କୁହୁକ ଏ ବର୍ଷା କନ୍ଦାଏ କାହାକୁ
ନିରିଜନ ବେଳା ଦେଖି
କାହା ବୁକୁ ତଳେ ଲଗାଏ ବି ନିଆଁ
ନରଖି କାହାକୁ ସାକ୍ଷୀ ।

ନୁହେଁ ମୁଁ ଚାତକ ତଥାପି କାହିଁକି
ଶ୍ରାବଣକୁ ଭଲ ପାଏ
ତନ୍ଦ୍ରାରେ ମୋହର ତା ତରୁଣୀ ଛନ୍ଦ
ଝୁମି ଝୁମି ନାଚୁଥାଏ ।

କେବେ ଏ ବରଷା ଅଭାବୀ ପଣର
ଛଳନାର ସରହଦ
ପିନ୍ଧା ପଣତରେ ଲୁହ କାହାଣୀର
ଯନ୍ତ୍ରଣାର ଜଉମୁଦ ।


ଅଧ୍ୟାପିକା, ଓଡ଼ିଆ ବିଭାଗ
ଦଶରଥପୁର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ
ଯାଜପୁର, ୭୫୫୦୦୬
(ମୋ) ୭୩୭୭୩୧୮୭୮୯


## ଥକି ପଡିଥିବା ମଣିଷ

### ବାବାଜୀ ଚରଣ ଜେନା



ଥକି ପଡିଥିବା ମଣିଷ ଟିଏ ମୁଁ
ଚାଲିବାକୁ ଲାଗେ ଭୟ
ଆହାତ ଆଜି ମୁଁ ଶାନ୍ତିରେ ଟିକିଏ
ବଞ୍ଚିବାକୁ ମୋତେ ଦିଅ
ଏଠି ଚାଲିବାକୁ ଲାଗେ ଭୟ ।୦।
କେହି ବୁଝେନାହିଁ ମନ ଭାବନାମୋ
ହୃଦୟର ଆବେଗତା
ସକାଳରୁ ଭିଡ଼ ଘର ଆଗରେ ମୋ
କହି ବାକୁ ନିଜ କଥା
ଖୋଲା କଥା ପଦେ କୁହନ୍ତିନି କେହି
କରୁଥାନ୍ତି ଅଭିନୟ
ଯହିଁ ନଥାଏ ତ ଟିକେ ସ୍ନେହ ।୧।

ନିଜ ନିଜ କାମ ସରିଗଲା ପରେ
ଚାଲିଯାନ୍ତି ହସି ଦେଇ
ଅଜାଣତେ କେତେ ଲୁହ ଝରି ସୁଖେ
କେହିବି ଜାଣନ୍ତି ନାହିଁ
ଦେଖା ହୋଇଗଲେ ବାଟ ଭାଙ୍ଗି ଯା'ନ୍ତି
ନଦେଇ ତ' ପରିଚୟ
ଏଠି ମଲା ନଇରେବି ସୁଅ ।୨।


+ ଅହଲ୍ୟା ନିବାସ, ପୋପରଡା,
ନୂଆବଜାର କଟକ-୪
ମୋ-୯୪୩୭୮୩୪୭୧୯


## ସ୍ମୃତି

### ଦୀପ୍ତି ଦାସ



ତୁମେ ପିଆସୀ ପିଆଲା ପହିଲି ଫଗୁଣ
ସୁହାଗ ସୁରାର ଶୋଷ
ତୁମେ ଅଳପ ଛୁଆଁର ଚଇତି ନିଆଁର
କୁଆଁରୀ କଇଁର ରୋଷ ।

ତୁମେ ମିଠା ମିଠା ତାତି ମାଟି ଦୀପ ଛାତି
ଭରା ଦହନର ନିଶା
ତୁମେ କୁହୁକୁହୁ ସ୍ୱର କଜଳ ଅନ୍ଧାର
ଅନ୍ଧ ଆଖିର ଦିଶା ।

ତୁମେ ପଉଷ କୁହୁଡ଼ି ସ୍ୱପ୍ନ ଦିହୁଡ଼ି
ଗହନ ତନ୍ଦ୍ରା ତିଥି

ତୁମେ ନିଦାଘ ଡହକ ମରୁର ମହକ
ଶୀତଳ ଚନ୍ଦ୍ରା ତିଥି ।

ତୁମେ ପାନ୍ଥଶାଳାର କରୁଣ କ୍ଳାନ୍ତିର
ବାଟୋଇର ଇତି କଥା
ତୁମେ ଇତି ହିନ ଇତି ବାସନ୍ତି ଚଇତି
ଅସୁରାଗର ବ୍ୟଥା ।


+ ଅରଡ ବଜାର, ବାଲେଶ୍ୱର


## ଏକ ବ୍ୟାକୁଳ ମାଆର ମନ

### ଅଞ୍ଜଳି ପଣ୍ଡା



ଆଜି ସମସ୍ତେ
ଏତେ ତତ୍ପର କାହିଁକି
ପୋଲିସ ଠାରୁ ପ୍ରଶାସନ
ନେତା ଠାରୁ ଜନତା
ଶିକ୍ଷକଙ୍କ ଠାରୁ ଛାତ୍ରଛାତ୍ରୀ
ସାରା ଜଗତ ।

ଏତେ ଜଗି ଛକି ସାବଧାନତା
ଆତଙ୍କିତ ଆକ୍ରମଣ ଭଳି
ମାତ୍ର ଦୁଃଖ ତ ଏତିକି
ନିଜର ହୋଇବି ସବୁ
ଠିକଣା ବେଳେ
ଫେରାଇ ନିଅନ୍ତି ଆଖି ।

ଦହନର ଜ୍ୱାଳା କେତେ ପ୍ରବଳ
ଜଳିଥିବା ଦେହ ହିଁ ଜାଣେ,
ହେଲେ ବୁଝିଲୁନି ବେଳେ ବେଳେ
ଯୋଡ଼ହସ୍ତ ପ୍ରାର୍ଥନା ବି
ହୋଇଯାଏ ବିଫଳ, ନିଷ୍ଫଳ ।

କେତେ ସ୍ୱପ୍ନ ବାପାଟିର
ମାଆଟିର
ଶିକ୍ଷାଦୀକ୍ଷା ହୋଇବ ସାର୍ଥକ
ହେଲେ କି ବୁଦ୍ଧି ହେଲା ଯେ କହ

ଭାସିଗଲା ସ୍ୱପ୍ନ ସବୁ
କାଗଜ ଡଙ୍ଗାରେ ।

ଦୀପଟିଏ ଲିଭିଗଲା ପରେ
କି ଆଉ ଲାଭ କହ
ଏତେ ସବୁ ଉଦ୍‌ବିଗ୍ନତା, ତତ୍ପରତା !
କେମିତି ଭାବିଲୁ ନାହିଁ
ଜୀବନରେ ଜିଇଁଥିଲେ
ଦୁଃଖ କଷ୍ଟ ସହି
ହେଇଥାନ୍ତୁ ଦିନେ, ଜଗତଜିତା
ଦୁର୍ଗତି ନାଶିନୀ !!

ଏ ଦୁନିଆରେ
ମଣିଷ ତ ଶ୍ରେଷ୍ଠ ଜୀବ
ଶ୍ରେଷ୍ଠ ହୋଇ ଶ୍ରେଷ୍ଠ କାମ କରି
ଦେଇଥାନ୍ତୁ ନୂଆ ରଂଗ
ନିଜ କର୍ମ ବଳେ
ହେଲେ କାହିଁକି ତୁ ଅବେଳରେ ଚାଲିଗଲୁ
ଆଉ କାହା ଦୋଷକୁ ମୁଣ୍ଡେଇ ?


ଚୌଧୁରୀ ସାହି, ବାଲେଶ୍ୱର


## ଜୀବନ

### କାଳୀପଦ ପଣ୍ଡା



ଜୀବନର ପଥେ ପଥେ
କେବେ ଫଗୁଣ ଫଗୁ ବୋଳେ
ପଳାଶର ନାଲି ରଙ୍ଗ ଚହଟେ
ଆମ୍ବବଉଳର ବାସନା ଛୁଟେ
କୋଇଲିର କୁହୁ ଡାକ ଶୁଭେ
କେବେ ପୁଣି ବୈଶାଖୀର ଝାଞ୍ଜି ବହେ
ଅଦିନିଆ ବର୍ଷା ସାଥେ
ଘଡଘଡି ନାଦ ଶୁଭେ,
ଜୀବନ ତ ଏମିତି ଟିକେ ହସ,
ଟିକେ କାନ୍ଦ
ଟିକେ ରାଗ, ଟିକେ ଅଭିମାନ ।

କେବେ ଲାଗେ ଜୀବନ
ଆହା କି ମଧୁମୟ
କେବେ ପୁଣି ବିସ୍ମୟ,
ହାରିବାର ଗ୍ଲାନିରେ
ପ୍ରତାରଣାର ଜହରରେ
ସତେଅବା ଜୀବନ ନିରର୍ଥକ ।

ଜୀବନ ଏମିତି ଆଶା ନିରାଶର
ବହମାନ ନଈ
କେବେ ଖାଉଥାଏ କୂଳ ତ
କେବେ ଶାନ୍ତ ସୁଧାର ମିଠାମିଠା
ଅମୃତ ଧାର,
ଜୀବନ କେବେ କଣ୍ଟା
କେବେ ଫୁଲ
କେବେ ମହମହ ବାସ୍ନା ବିଭୋର
କେବେ ପୁଣି ଘୋର ତିମିର ।


ସୁନାରୁଇ, ବାଲିଆପାଳ, ବାଲେଶ୍ୱର
(ମୋ) ୮୯୧୭୨୫୫୪୯୩


## ସରଗ

### ଚିତ୍ତରଞ୍ଜନ ବ୍ରହ୍ମା



ଡାକିଲି, ପରୀଲୋ, ସରଗପରୀ
କାନୁଟା କାନ୍ଦୁଛି ଅଝଟ କରି
ପିଠିରେ ବସେଇ ଉଡ଼େଇ ନେଏ
ସରଗ ପୁର ତୋ ଦେଖେଇ ଦେଏ ।

ହସି ହସି ପରୀ ଉଡ଼ିଆସିଲା,
କୁନାର ପାଖରେ ଯାଇ ବସିଲା,
ଗେଲ କରି ସାଥେ ନେଲା ଉଡ଼େଇ,
ସରଗକୁ ନେଇ ଦେଲା ଦେଖେଇ ।

କେତେ ଜାତି ଫୁଲ ତହିଁ ଫୁଟିଛି,
ସୁଲୁସୁଲୁ ହୋଇ ବାଆ ବହୁଛି,
ଫୁଲର ବାସନା ସାଥରେ ନେଇ
ସବୁଆଡ଼େ ସିଏ ଦିଏ ବିଛେଇ ।

-ଚଗଲା ଭଅଁର ମଧୁର ସୁରେ
ଗୀତ ଗାଇ ଗାଇ ମଧୁକୁ ହରେ ।
ଫୁଲ ହସ ଦେଖି କୁନା ହସିଲା,
ଫୁଲ ଛିଡ଼େଇବା ପାଇଁ ଧାଇଁଲା ।

ମନା କଲା ତାକୁ ସରଗ ପରୀ,
ଛିଡ଼େଇଲେ ଫୁଲ ଯିବି ଝାଉଁଳି ।
କୁନାକୁ ନେଇ ସେ ଆପଣା ଘର
ଦେଖେଇଲା ଭାଇ ଭଉଣୀ ତା'ର ।

କୁନାକୁ ସେମାନେ ଆଦର କଲେ
ସାଥିରେ ତାଙ୍କର ମିଶେଇ ନେଲେ
ସଭିଙ୍କ ଓଠରେ ସୁନ୍ଦର ହସ,
ସବୁରି ମୁଖରେ ମଧୁର ଭାଷ।

ବୁଲି ବୁଲି କୁନା ଦେଖିଲା ସବୁ,
ସରଷ କିପରି ବୁଝିଲା ବାବୁ ।
ଯେଉଁଠି ରହିଛି ମଧୁର ହସ
ଯେଉଁଠି ରହିଛି ମଧୁର ଭାଷ,

ଯେଉଁଠି ଗୁଣର ହୁଏ ଆଦର,
ଯେଉଁଠି ନଥାଏ ଆପଣାପର
ଯେଉଁଠି ରହିଛି ମାଆ ମମତା,
ସରଗ ସହିତ ଗଣା ହୁଏ ତା' ।

## ଏଇ ଆମ ଓଡ଼ିଶା

### ପ୍ରତିମା ପଣ୍ଡା



ଏଇତ ଓଡ଼ିଶା ଆମର
ତା' ପାଦେ କୋଟିଏ ଜୁହାର
ସୁନ୍ଦର ଚିର ସୁନ୍ଦର
ନାହିଁ ତା'ର ପଟନ୍ତର
ମରତେ ବଇକୁଣ୍ଠ ପୁର ।

ନଭଶ୍ଚୁମ୍ବି ତା'ର ନୀଳ ଶଇଳ
ରଙ୍ଗେ ବିରାଜନ୍ତି ମାଳକୁ ମାଳ
ମଗଧର ରାଜା ଚଣ୍ଡାଶୋକ
ଏ ମାଟିରେ ହେଲେ
ଧର୍ମାଶୋକ ।
ବାଜି ରାଉତ ଯେ
ଏ ମାଟିର ପୁଅ
ଯଶ ରଖିଗଲେ ତା'ର
ଏଇଯେ ଓଡ଼ିଶା ଆମର...

କୋଣାର୍କ ଯଶ ଥିଲା ତାର
ମରତେ ବଇକୁଣ୍ଠ ପୁର
ମନ୍ଦିର ମାଳିନୀ ବିଭବ ତାର

ଶିରୀକ୍ଷେତ୍ର ଧାମ ଜଗନ୍ନାଥର ।
ଏ ମାଟିକୁ ଆସି ଜୈନ ବୁଦ୍ଧ
ଗାନ୍ଧୀ
ରଚିଲେ ଅହିଂସା ଧର୍ମ
ଖଣିଜ ସମ୍ପଦ ଶିରରେ ଖୋସି
ରତ୍ନମୟୀ ମା ମୋ ଦିଅନ୍ତି ହସି ।

ରତନା ଗଉଣା ଏ ମାଟି ମୋର
କେତେ ବୀର କେତେ ନିବି
ମାଟିର
ଆମେ ତ ଓଡ଼ିଆ ଭାଷା ତ
ଓଡ଼ିଆ
ଧନ୍ୟ ଓଡ଼ିଶା ଆମର

ଆସ ମଥା ପାତି ଜଣାଇ
ପ୍ରଣତି
ପୂଜିବା ଚରଣ ତାର ।


ବାଲେଶ୍ୱର

# ସ୍ୱନକ୍ଷତ୍ର ବିଶେଷାଙ୍କ



















# ସ୍ୱନକ୍ଷତ୍ର ବିଶେଷାଙ୍କ

## ଏଇ ସ୍ୱୀକୃତି ମୋତେ ଆହୁରି କଥା ଯାତ୍ରାରେ ଅଗ୍ରଗାମୀ କରିବାର ଉତ୍‌ପ୍ରେରକ ହେଉ



**ଉଦୟ ନାରାୟଣ ଦାସ**

ଆଜି ଏଇ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ବାର୍ଷିକ ଉତ୍ସବରେ 'ସାଗରିକା ଗଳ୍ପ ପୁରସ୍କାର' ମୋ ଦୀର୍ଘ ବର୍ଷ କଥାଶିଳ୍ପୀ ଭାବେ ସାଧନାର ପ୍ରଥମ ପୁଲକର ସ୍ୱୀକୃତି। ଏହାକୁ ମୁଁ ସାଦରେ ଗ୍ରହଣ କରିବାକୁ ମନୋନୀତ ହେଇଛି। କଥାକାର ଭାବେ ଏଇ ଉତ୍କର୍ଷ ମାନ୍ୟତା ମୁଁ ପ୍ରାପ୍ତ ହେଉଛି ମୋ କଥାଶିଳ୍ପୀ ଜୀବନର ପ୍ରଥମ ଥର ପାଇଁ। ଏକ ମର୍ଯ୍ୟାଦା ସମ୍ପନ୍ନ ବାଲେଶ୍ୱରରୁ ନିରନ୍ତର ଦୀର୍ଘ ବର୍ଷ ଧରି ସମ୍ବାଦ,ସାହିତ୍ୟ,ସଂସ୍କୃତି ଓ ଶିଶୁ ସାହିତ୍ୟ ଇତ୍ୟାଦି ପ୍ରକାଶ କରୁଥିବା ନିର୍ଭୀକ 'ଧ୍ୱନି ପ୍ରତିଧ୍ୱନି' ଓ ସାହିତ୍ୟ ପତ୍ରିକା 'ସାଗରିକା'ର ଏହା ଏକ ଶ୍ରଦ୍ଧାଶୀଳ ସଗୌରବ ପ୍ରମାଣପତ୍ର ମୋ ପାଇଁ।

ମୋର ବିଗତ ୩୭ ବର୍ଷ ଧରି ସୁଦୀର୍ଘ କଥା ସାଧନାକୁ ଅନେକ ବେସରକାରୀ ସାରସ୍ୱତ ଅନୁଷ୍ଠାନ, ଖବରକାଗଜ, ପତ୍ରିକା ଓ ସରକାରୀ ଅନୁଷ୍ଠାନ ନଜର ଅନ୍ଦାଜ କରିଥିଲା ବେଳେ, 'ଧ୍ୱନି ପ୍ରତିଧ୍ୱନି' ମୋ କଥା ମାନର ଉଚିତ୍ ନିରୀକ୍ଷଣ କରି ଏଇ ମାନ୍ୟତା ପ୍ରଦାନ କରୁଛି।

୧୯୮୮ ମସିହାରେ ମୋର ଏଇ ଛୋଟ କଥା ଯାତ୍ରା ଆରମ୍ଭ ହେଇ ଥିଲା ବାଲେଶ୍ୱରର 'ନୂତନ ବାର୍ତ୍ତା' ଖବର କାଗଜ ସାହିତ୍ୟ ପୃଷ୍ଠାରୁ। କାହିଁ ଅଭୁଲା ଦୂର ଅତୀତର ସେ ଥିଲା ଏକ ସ୍ମରଣୀୟ ସ୍ମୃତି। ସେଇ ଖଣ୍ଡେ କାଗଜରେ ଛପା ଅକ୍ଷରର ପ୍ରଥମ ପ୍ରକାଶିତ ଗପ ମୋତେ ଉନ୍ମତ୍ତ କରିଥିଲା ସେତେବେଳେ। ସେଇ ପ୍ରକାଶ ହେବାର ନିଶା ମୋତେ ପ୍ରଚୋଦିତ କରିଥିଲା ବାଲେଶ୍ୱରର 'ଆଜିକାଲି' ଓ 'ରାଷ୍ଟ୍ରଦୂତ' ଖବର କାଗଜ ପୃଷ୍ଠାରେ ମୋର ଗପ ପ୍ରକାଶ କରିବାକୁ। 'ରାଷ୍ଟ୍ରଦୂତ' ଖବର କାଗଜର ସେତେବେଳର ସୁଦକ୍ଷ ସମ୍ପାଦକ ଅପୂର୍ବ ରଞ୍ଜନ ରାୟଙ୍କ ପ୍ରେରଣା କଥା ଉଲ୍ଲେଖ କରିବା ଏଠି ପ୍ରଣିଧାନ ଯୋଗ୍ୟ ମନେହୁଏ।

ଏଇ ୧୯୯୦-୧୯୯୨ ମସିହା ବେଳକୁ ପ୍ରଗତିବାଦୀ ଲେଖକ ବାଞ୍ଛାନିଧି ଦାସଙ୍କ 'ଅଳକାନନ୍ଦା' ପତ୍ରିକାରେ ମୋର ପ୍ରକାଶିତ କେତୋଟି ଗପ ବି ମୋତେ ଆଉ କିଛି ବାଟ କଥା ସାହିତ୍ୟ ଅସରନ୍ତି ଯାତ୍ରାରେ ଆଗେଇ ନେଇ ଯାଇଥିଲା। ସେଥିରୁ ଗୋଟେ ଗପ ପଢ଼ି ଓଡ଼ିଶାର କିମ୍ବଦନ୍ତୀ ପୁରୁଷ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ ଝିଅ ଲୋପାମୁଦ୍ରା ମହାନ୍ତି ମୋତେ ଗୋଟେ ଚିଠିରେ ମୋ ପ୍ରତିଭାକୁ ସମ୍ମାନ ଜଣାଇ ଲେଖିଥିଲେ।

ଏହା ପରକୁ ବାଲେଶ୍ୱରରୁ ପ୍ରକାଶ ପାଇଥିବା 'ଗପ ବହି' ଓ 'ସାଗରିକା' ପତ୍ରିକାର ମୋର ପ୍ରୟୋଗାତ୍ମକ କେତୋଟି ଗପ ମୋତେ ଭଲକରି ଓଡ଼ିଆ ସାରସ୍ୱତ ଜଗତରେ ଗାଳ୍ପିକର ପ୍ରଥମ ମାନ୍ୟତା ଆଣି ଦେଲା।

ହେଲେ ସବୁଠୁ ଅଧିକ ଭୂମିକା ଗ୍ରହଣ କଲା ମୋର ଗଳ୍ପ ଯାତ୍ରାର ଅଗ୍ରପଥରେ ଆସିବାକୁ 'ଧ୍ୱନି ପ୍ରତିଧ୍ୱନି' ଖବର କାଗଜ। ଏହାର ରବିବାସରିୟ ସାହିତ୍ୟ ପୃଷ୍ଠାରେ ମୋର ସାପ୍ତାହିକ ଧାରାବାହିକ ସ୍ତମ୍ଭ 'ଗାଁ', 'ସହର','ଅଣି ଦଶକ' ଓ 'ସତ ମଣିଷ' ପରି ଗଳ୍ପ ଭିତ୍ତିକ ଆବେଗିକ ଲେଖା ମୋତେ ଓଡ଼ିଶାର ବହୁ ବରେଣ୍ୟ ଲେଖକଙ୍କ ଠୁଁ ଯୁବ ଲେଖକଙ୍କ ପାଖରେ ଏକ ଭିନ୍ନ ଓ ନିଆରା କଥା ଶିଳ୍ପୀର ପରିଚୟ ତିଆରି କରି ଦେଲା।

ବିଶିଷ୍ଟ ସାହିତ୍ୟିକ ରମାକାନ୍ତ, ହରପ୍ରସାଦ, ସୁନିଲ ପୃଷ୍ଟି , ବିଭୂତି ପଟ୍ଟନାୟକ, ଅଧ୍ୟାପକ ବିଶ୍ୱରଂଜନ, କଥା ଶିଳ୍ପୀ ଜଗଦୀଶ ମହାନ୍ତି, ପଦ୍ମଜ ପାଳ, କୈଳାଶ ପଟ୍ଟନାୟକ, ଅନିଲ ପାଢ଼ୀ, ସୁବ୍ରତ ପଟ୍ଟନାୟକ, ନନ୍ଦିତା ମହାନ୍ତି, ଅଜୟ ସ୍ୱାଇଁ , ସିତାଂଶୁ ଲେଙ୍କା, ଭାଗବତ ଲେଙ୍କା, ବଙ୍କିମ ଚନ୍ଦ୍ର ମହାରଣା, ପ୍ରଦୀପ୍ତ ମହାନ୍ତି, କ୍ଷୀରୋଦ ଦାସ, ହିରଣ୍ମୟୀ ମିଶ୍ର, ସୃଷ୍ଟିଶ୍ରୀ, କୁମୁଦିନୀ, ନିବାରଣ ଜେନା, ଶୁଭଶ୍ରୀ ଲେଙ୍କା, ଶିରିଶ ଜେନା, ମନ୍ମଥ ପ୍ରଧାନ, ଗଙ୍ଗାଧର ବିଶ୍ୱାଳ, ଅଭୟ ଦାସ ଓ କୃଷ୍ଣ କୁମାର ମହାନ୍ତି, ହେମନ୍ତ ଘୋଷାଲ, ସାବିତ୍ରୀ କବି, ବିକାଶ ଶତପଥୀ, ଅରୁଣା ରାୟ ଓ ଗୌରହରି ଦାସଙ୍କ ପରି ଉଚ୍ଚାଙ୍ଗ ସାହିତ୍ୟିକ ମାନେ ମୋ ଲେଖାକୁ ଉତ୍କଣ୍ଠିତ ହେଇ ଚାହିଁ ରହିଲେ ପ୍ରକାଶୋନ୍ମୁଖୀ ପର ସଂଖ୍ୟାକୁ ସେଇ ସମୟରେ।

ଜଗଦୀଶ ମହାନ୍ତିଙ୍କ ପରି ଗଳ୍ପର ଟ୍ରେଣ୍ଡ ସେଟର ମୋ 'ଗାଁ' ଓ 'ସହର' କୁ ନିରନ୍ତର ପଢିଲା ପରେ ଲେଖିଲେ 'ଗାଁ' ଓ 'ସହର' ଦୁଇଟି ସଙ୍କଳନରେ ଥିବା ଭିନ୍ନ ଧରଣର ଲେଖା ଗୁଡ଼ିକ ଓଡ଼ିଆ ସାହିତ୍ୟର ଏକ ଅନନ୍ୟ ସଂଯୋଜକ। ଲେଖା ଗୁଡିକ ପାଠକକୁ କିଛି କ୍ଷଣ ବାକ ରୁଦ୍ଧ କରି ରଖି ପାରିବ ଓ ସେଥିପାଇଁ ଉଦୟ ବାବୁଙ୍କ କାହାଣୀକୁ ପ୍ରଶଂସା କରା ଯାଇପାରେ।'

ରମାକାନ୍ତ ରଥ, ଅଧ୍ୟାପକ ବିଶ୍ୱରଂଜନ ମୁଖ ଚିଠି ଧ୍ୱନି ପ୍ରତିଧ୍ୱନିକୁ ପ୍ରଦାନ କଲେ, ମୋ ଲେଖାକୁ ତାରିଫ କରି। ଔପନ୍ୟାସିକ ବିଭୂତି ପଟ୍ଟନାୟକ ଦେଖା ହେଲେ କହିଲେ, 'ତୁମେ ଉପନ୍ୟାସ ଲେଖି ପାରିବ। ଏଇ ବିଶ୍ୱାସ ମୁଁ ରଖୁଛି।'

ଅତଏବ 'ଧ୍ୱନି ପ୍ରତିଧ୍ୱନି' ଥିଲା ମୋତେ କଥାକାର ରୂପେ ସ୍ୱୀକୃତି ଦେବାରେ ଏଇ ଶତାବ୍ଦୀର ପ୍ରଥମ ଓ ଦ୍ୱିତୀୟ ଦଶକରେ ମୁଖ୍ୟ ଉତ୍‌ପ୍ରେରକ। ଏଇ ଖବର କାଗଜର ପରିଚାଳନା ନିର୍ଦ୍ଦେଶକ ସୃଷ୍ଟିଧର ପରିଡ଼ା ମହୋଦୟ ଓ ତାଙ୍କ ପତ୍ନୀ ତଥା ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସୈରିନ୍ଧ୍ରୀ ସାହୁଙ୍କୁ ଆଜିର ଏଇ ଦିନରେ ମୋର ଯେତେ କୃତଜ୍ଞତା ଦେଲେ ବି କମ୍ ହେଇଯିବ।

ଆଜି ସେଇ ଖବର କାଗଜ 'ଧ୍ୱନି ପ୍ରତିଧ୍ୱନି' 'ସାଗରିକା' ପୁଣି ଆଉ ଟିକେ ଆଗକୁ ଯାଇ ମୋତେ ଗଳ୍ପ ସମ୍ମାନ ଦେଇ ମୋର କଥାଶିଳ୍ପୀର ପରିଚୟକୁ ମୋହର ମାରି ସମଗ୍ର ଓଡ଼ିଶା ସାହିତ୍ୟ ଜଗତକୁ ପ୍ରମାଣପତ୍ରଟିଏ ଦେଉଛି। ଅବଶ୍ୟ ଯା ଭିତରେ ଆଜି ମୋର କଥା ସାହିତ୍ୟ କିଛି ବାଟ ଆଗକୁ ଅଗ୍ରସର ହେଇ ଯାଇଛି। ଗଳ୍ପ ସହିତ ମୁଁ ବହୁ ଫିଚର୍ ଧର୍ମୀ କଥା ଓ ବିଶ୍ଳେଷଣାତ୍ମକ ଉପନ୍ୟାସ ଲେଖିବାରେ ନିମଗ୍ନ ହେଇଛି। କେତେ ଖଣ୍ଡ ବହି ବି ପ୍ରକାଶିତ ହେଉ ଯାଇଛି। ହେଲେ ବି 'ଧ୍ୱନି ପ୍ରତିଧ୍ୱନି' ଆଜି ଯାଏ ମୋର କଥା ଯାତ୍ରାର ଜାଜ୍ଜ୍ୱଲ୍ୟ ବତିଘର ହେଇ ରହିଛି ଓ ରହିବ ଏ ଜୀବନ ଥିବା ଯାଏ।

'ଧ୍ୱନି ପ୍ରତିଧ୍ୱନି 'ଓ 'ସାଗରିକା' ର ଏଇ ଅମଳିନ ଆଜିର ଏଇ ସ୍ୱୀକୃତି ମୋତେ ଆହୁରି କଥା ଯାତ୍ରାରେ ଅଗ୍ରଗାମୀ କରିବାର ଉତ୍ ପ୍ରେରକ ହେଉ, ଏହା ମୋର ସର୍ବଶକ୍ତିମାନ ଈଶ୍ୱରଙ୍କ ଠାରେ ବିନୀତ ପ୍ରାର୍ଥନା।

+ ଚୂନଭାଟୀ କଲୋନୀ
ବାଲେଶ୍ୱର

## ପବନ
### କମଳ କୁମାର ମହାନ୍ତି



ପବନ ତ' ସେଦିନ ବହୁଥିଲା ତୀବ୍ର
କାହା କପାଳରେ ସତେ ଅବା
ଲେଖୁଥିଲା ଆଉ ଏକ
କରୁଣ କାବ୍ୟ !

ଫାଟିଯାଉଥିଲା ଛାତି
ଯେତେ ପଚାରିଲେ ଫିଟୁ ନଥିଲା
ଶୋକ ଆଉ କୋହର ଗଣ୍ଠି
ମାଟି ସ୍ରବୁଥିଲା ଲହୁ
ଆକାଶ ବର୍ଷୁଥିଲା ଲୁହ ବେଶୀ ବେଶୀ
ଫଟାକପାଳକୁ କାନ୍ଧରେ ବୋହି ବୋହି
ଥମି ଯାଉଥିଲା ପାଦର ଗତି ।

ମୋ' ଆଳସ୍ୟର ବାରବାଟୀ ଚାଷରୁ
ଅମଳ ହୋଇଥିଲା ଦୁଃଖ ଅପ୍ରମିତ
ନିଦକ ହୋଇ ବସିପଡ଼ିଥିଲି
ଭଙ୍ଗା ଚାଳିଆରେ
କାଲି କାଳେ ଉଇଁପାରେ ବୋଲି
ଗୋଟେ ସାତବର୍ଣ୍ଣୀ ସୂର୍ଯ୍ୟ !

ଆରସା,ତିହିଡ଼ି,
ଭଦ୍ରକ-୭୫୬୧୩୯
(ମୋ) ୯୪୩୯୦୪୭୨୮୩

ସବୁରି ମନର ଉଦବେଳନ
ଲୋଟି ପଡୁଥିଲା ଖୋଲା ଆକାଶରେ
ଦିଗହରା ପକ୍ଷୀପରି ।
ଦଲକା ଦଲକା ପବନ
ଘୂର୍ଣ୍ଣିହୋଇ ପିଟିହେଉଥିଲା ଗଛବୃକ୍ଷ
କାନ୍ଥ ଆଉ ବିଜୁଳି ଖୁଣ୍ଟରେ ।

ଆହା !
ଶଂକାଟିଏ ମାଡ଼ି ବସୁଥିଲା ମତେ
ଯେମିତି ହାତରୁ ହୁଗୁଳିଯାଉଛି ମୁଠା
ଅପସରି ଯାଉଛି ଟାଣପଣ
ଥରିଯାଉଛି ଛାତିର ମଞ୍ଜ
ଉଡ଼ି ଯାଉଛି ହଂସା ।

ସତରେ ଫିଟାଇ ହେଉ ନଥିଲା
ଯାହାସବୁ ଏକାତ୍ମ ହୋଇ
ରହିଯାଇଥିଲା, ଅନ୍ତରାତ୍ମା ତଳେ ।

ମନରେ ଅନେକ ବତାସ ଆଜି
ଅନେକ ବି ମେଘର ଆତଙ୍କ
ବାଦଲସବୁ ମୁହାଁଇଛନ୍ତି
ଅନିର୍ଦ୍ଦିଷ୍ଟ ଅସ୍ତାଚଳକୁ
ମାସ୍ତୁଲ୍ ଭଙ୍ଗା ଡଙ୍ଗାରେ ଯେମିତି
ହାତରେ ହାତ ଛନ୍ଦି ବସିଛନ୍ତି
ଜୀବନ ଓ ମୃତ୍ୟୁ ଏକାଠି ।

ପ୍ରହେଳିକାମାନେ ନାଚୁଛନ୍ତି
ଅଭିନବ ବେଶ ସାଜି ।

କହ ସଖୀ !
ଏ ଘନଘୋର ପବନକୁ
ନମସ୍କାର କରି
ଶୋକ ଆଉ ଶଂକାରେ ଶୋଇପଡ଼ିବା
ନା, ହଜିଲା ସ୍ୱପ୍ନଙ୍କୁ ସାଉଁଟିଚାଲିବା !



## ନୁହଁ ନୂଆ
### ଗଜାନନ ମିଶ୍ର

ନା, ଯାଉ ନି ସେଆଡେ।
ସବୁ ଛାଡି ବସିଛି ଏଇଠି
ମୋରି ଭିତରେ।

ନା, ରହୁ ନି ଏଇଠି।
ପାରି ନି ବାନ୍ଧି କିଛି
ଆଉ ମୁଁ ମୋଠି ଇ ଅଛି।

ଛାଡିଛି ଯେ ଅଛି
ନୁହଁ ଏୟା,
ନ ଛାଡି କିଛି
ଅଛି, ନୁହଁ ନୂଆ।

ତପୋବନ, ଟିଟିଲାଗଡ

## ସାଳନ୍ଦୀ
### ସୁରେନ୍ଦ୍ର ପାଣିଗ୍ରାହୀ



ଭଦ୍ରକର ଭରାଛାତି ଚିରି ବହେ ସୁଂଦରୀ ସାଳନ୍ଦୀ
କୁଆଁସ ଘାଟରେ କେଉଁ ଗୋରୀ ମାଜେ ପାଦର ପାଉଁଜି
ଲମ୍ବା ବେଣୀ ଗୋରା ପିଠି ସମ ତାର ଚାରୁ ଚଉହଦୀ
ରଣିଫୁଲ ରଂଗ ନେଇ ରାତି ଆସେ ବଜେଇ ପାଉଁଜି ।

କେନ୍ଦୁଝର କେନ୍ଦୁବଣେ ଖିଲିଖିଲି କୁଳୁକୁଳୁ ହାସେ
ଶୀତର ଶାୟରୀ ଗାଏ ଶାଳବନେ ଶିହରିତ ମନେ
ବରଷାରେ ଭିଜି ଭିଜି କିଆ ଆଉ କେତକୀର ବାସେ
ହଦଗଡେ ବଂଦୀ ହୁଏ ହାହାକାରେ ବନ୍ଧର ବଂଧନେ।

ବାଗୁରାଇ ବାଟଦେଇ ଆମ୍ବ ଜାମ୍ବ ବଉଳ ବୀଥିରେ
ମୋଗଲ ତାମସା ଦେଖି ମଥା ଟେକେ ମାଆକାଳୀ ପାଦେ
ପାଲୁଅ ଲଡୁ ପସରା ନେଇ ପୁଣି ବିଲବଣ ପାରେ
ଚାଲିଥାଏ ଚୁପଚାପ୍ କୃଶୋଦରୀ ଶାଳନ୍ଦୀ ନିଃଶବ୍ଦେ ।

ଶ୍ରାବଣୀ ଶାଳନ୍ଦୀ ଆଗୋ ଶୋଇଯାଅ ବିରାମେ ବିଜନେ
ଚଂପାବଣେ କାପାଳିକ ଚରୁଥାଉ ଚଟୁଳ ଚୁଂବନେ ।

ସା :ପୋ: - ବରି, ସିମୁଳିଆ, ବାଲେଶ୍ୱର
(ମୋ) ୯୪୩୭୨୮୨୯୮୪

Compliments from :

**Mr. Arijeet Ash**

B.Com, LL.B, Company Secretary

I am F. M. Alumini



BALASORE I ODISHA

Bateswar, Po: Sunhat, Dist- Balasore-756002

## ଦଳିତ ଝିଅ
### ସିଦ୍ଧେଶ୍ୱର ପଣ୍ଡା



ମୁଁ ଦଳିତ ଝିଅ
କେତେକାଳରୁ ଜଳୁଛି ଈର୍ଷାର
ଅଗ୍ନିକୁଣ୍ଡରେ
ନରକ ଭୋଗ ସହି ସହି
ଅତିକ୍ରମ କରିବାକୁ ପଡ଼େ ମୋତେ
କେତେ କେତେ ଅସହାୟତାର ଦୁର୍ଗ
ଅସ୍ପୃଶ୍ୟର ପାଚେରୀ ଭିତରେ
କେତେ କାଳରୁ ମୁଁ ବନ୍ଦୀ।

କେତେ କେତେ ହାହାକାର
ଦୁଃଖ ଓ ଦୁର୍ଭାଗ୍ୟର
ଅଶ୍ଳୀଳ ଆକ୍ରୋଶରେ ଆକ୍ରାନ୍ତ ମୋ
ଜୀବନ
ଏବେ ବି ଅସଂଖ୍ୟ ବ୍ୟଭିଚାର
ଭିତରେ ଆତଯାତ
ମୋର କଂଟକିତ ଚଲାପଥ
ମୁଁ ସଙ୍କୁଚିତ
ମୁଁ ବ୍ୟର୍ଥ ଅସମର୍ଥ
ଇଚ୍ଛାର ଈଶ୍ୱରୀ
ମୋ ଆଗରେ ଲୁହ ଟଳମଳ
ଅନ୍ଧାରର ଆଖି
କିଏ ଟାଣିଦେଇଛି
ଲକ୍ଷ୍ମଣର ନିଷେଧ ଗାର.... !

ମତେ ଛୁଇଁବାକୁ ମନା
ଗାରର ବାହାରପଟ ମାଟି
ପାଣି, ପବନର ଗୀତ
ଦେଖିବାକୁ ଶାଳ ବଣର
ମଥା ଉପରେ ହସୁଥିବା
ତାରା ଜହ୍ନ।

ମୋ ଘରର ଚାଳ ଛପର କାନ୍ଥରେ
ଲେଖା ହେଇଛି ରକ୍ତର ଝୋଟିଚିତ୍ର
ଭୋକର କରୁଣ ବୋଝ ସହି ସହି
ସମୟ ସରୁଛି ମୋର ଅନାହାର
ଅନିଦ୍ରାରେ
ଝାଳରେ ଓଦା ସରସର ମୋ ଦେହ
ମହକି ପାରେନି କେବେ ବି
ଫୁଲପରି ଚୁମିପାରେନି
ସବୁଜ ବନାନୀର ସ୍ନିଗ୍ଧ ଓଠ
ମହୁଲୀ ବଣର ସବୁଜ ଛାତିରେ
ଛଟପଟ ପକ୍ଷୀ ଭଳି
ମୋର ସମଗ୍ର ଜୀବନ
ଶୂନ୍ୟତାରେ ଝୁଲି
ହେଇପଡ଼ିଛି ମୋର ଏକାକୀତ୍ୱ
ମତେ ଭୋଗିବାକୁ ପଡୁଛି
ଆଜି ବି ଅନ୍ଧାରର ନିର୍ବାସନ
ମୋର ଭାଗ୍ୟରେ କି ଲେଖାଥିଲା
ପିଇବାକୁ ଝରଣାର ଗୋଳିଆପାଣି
ପାହାଡ଼ ଫଟେଇ ଆସିଥିବା
ଝରଣାକୁ ଦେଖି
ଭୁଲିଯିବାର ଥିଲା କପାଳର ଦୁଃଖ !

ଗଛମାନଙ୍କ ପରି
ମତେ କଣ ନୀରବ ହୋଇ
ଚୁପ୍‌ଚାପ୍ ଜୀଇଁବାର ଥିଲା ପାହାଡ଼
ମାଟି ଭଳି
ଏତେ ଏତେ ସ୍ୱପ୍ନର ଫୁଲ ଫୁଟୁଥିବା
ବେଳେ
ମତେ କଣ ପେଟରେ ପେଟେ
ଭୋକର ବୋଝ ଧରି
ଘୂରିବାକୁ ଥିଲା ସାରା ସାରା
ଜଙ୍ଗଲରେ........ !

ଶୂଳିଆପଦା , ମୟୂରଭଞ୍ଜ
ମୋ-୯୧୭୮୧୫୩୯୬୨

## ଉଦଳା ବିଜ୍ଞାପିତ ଅଂଚଳ ପରିଷଦ

ଉଦଳା ପୌରାଞ୍ଚଳ ପରିଷଦର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

- ରାସ୍ତାକଡରେ କିମ୍ବା ରାସ୍ତାରେ ଅଳିଆ ପକାନ୍ତୁ ନାହିଁ
- ନିଜ ଘରୁ ବାହାରୁଥିବା ଅଳିଆ ଆବର୍ଜନାକୁ ପୃଥକୀକରଣ (ଓଦା ଓ ଶୁଖିଲା) କରି ପୌରପାଳିକାରୁ ଆସୁଥିବା ଅଳିଆ ସଂଗ୍ରହ ଗାଡିକୁ ହସ୍ତାନ୍ତର କରନ୍ତୁ ।
- ନାଳରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
- ନିୟମିତ ଧାର୍ଯ୍ୟ ଟିକସ ଦେଇ ପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହେଅନ୍ତୁ ।
- ଘରେ ନିଜେ ତିଆରି କରିଥିବା ଶୌଚାଳୟ ଏବଂ ବିଜ୍ଞାପିତ ଅଞ୍ଚଳ ତରଫରୁ ନିର୍ମିତ ହୋଇଥିବା ଶୌଚାଳୟ ଓ ପରିସ୍ରାଗାର ବ୍ୟବହାର କରନ୍ତୁ ।
- କଠିନ ବର୍ଜ୍ୟବସ୍ତୁ ପାଇଁ ବ୍ୟବହାରିକ ଧାର୍ଯ୍ୟ ଟିକସ ସ୍ୱଚ୍ଛ ସାଥୀମାନଙ୍କୁ ଠିକ୍ ସମୟରେ ପ୍ରଦାନ କରନ୍ତୁ ।
- ପଲିଥିନ ତଥା ଥର୍ମକୋଲ ବ୍ୟବହାର ନକରି ପ୍ରଦୂଷଣ ମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହେଅନ୍ତୁ ।
- ଗୃହ ନିର୍ମାଣ ନକ୍ସା ପରିଷଦ କାର୍ଯ୍ୟାୟରେ ଅନୁମୋଦନ କରାଇ ନିଅନ୍ତୁ ।
- ଆସନ୍ତୁ ସଭିଏଁ ମିଶି ଉଦଳା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ସହଯୋଗ କରିବା ।

**ପ୍ରିୟରଂଜନ ଜେନା**
ନିର୍ବାହୀ ଅଧିକାରୀ
ଉଦଳା ବିଜ୍ଞାପିତ ଅଂଚଳ ପରିଷଦ

ପରିଷଦର ସମସ୍ତ କାଉନସିଲର ବୃନ୍ଦ ଏବଂ
କର୍ମଚାରୀଗଣ

**ପ୍ରମିଳା ପଣ୍ଡା**
ନଗରପାଳ
ଉଦଳା ବିଜ୍ଞାପିତ ଅଂଚଳ ପରିଷଦ

## ତୁମେ
### ଆଦ୍ୟାଶା ମହାପାତ୍ର



ତୁମେ ମୋ ଓଠର ହସ
ତୁମେ ମୋ ଆଖିର ଲୁହ
ତୁମେ ମୋ...ପାହାନ୍ତି ପହର ନିଦ,
ତୁମେ ମୋ ନିଃଶ୍ୱାସ
ତୁମେ ମୋ ବିଶ୍ୱାସ
ତୁମେ ମୋ...ଅନ୍ତରେ ଓଁକାର
ଶବ୍ଦ...!!

ତୁମ ଅବର୍ତ୍ତମାନରେ
ଜୀବନର ଏଇ ଲମ୍ବା ରାସ୍ତା ପରେ
ଧ୍ୱାନ୍ତ ଧୂମାଳ ଖେଳେ,
ତୁମେ ଅଦର୍ଶନରେ
ମୋ ହୃଦୟ ତନ୍ତ୍ରୀ ଆବେଗେ
ବିରାଗେ
ବିର ? ?ହର ଧୂନ୍ ତୋଳେ....!!

ତୁମେ ଲୁଚିଯାଅ ଯେବେ
ଧୂଳି ବେଶ ହୋଇ
ମୋ ଆଖିର ଆଡୁଆଳେ,
ମୋତେ ଲାଗେ ଆହା
ପିଣ୍ଡ ଛାଡି ଦେଇ ପ୍ରାଣ ପକ୍ଷୀ ମୋର
ଅଦୃଶ୍ୟ ଚକ୍ରବାଳେ...!!

ତୁମ ନୀଳ ଅଭିସାର
ପ୍ରତିକ୍ଷିତ ମୋର ନୟନ ଯୁଗଳ
ସ୍ୱପ୍ନେ ହୁଏ ଉଦ୍ଭାଳିତ
ଲାଗେ ହୀନିମାନ
ଖୋଜିବସେ ତୁମ ଦିବ୍ୟ ସାନ୍ନିଧ
ଏହି ମୋ ଜୀବନ ସତ୍ୟ

ନୂଆପଡା, କଟକ

# ସ୍ୱନକ୍ଷତ୍ର ବିଶେଷାଙ୍କ



ଧ୍ୱନି ପ୍ରତିଧ୍ୱନିର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତ ଭାଇ ଓ ଭଉଣୀଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ସମ୍ବାଦପତ୍ର ସମସ୍ତଙ୍କ ପାଖରେ ପ୍ରିୟଭାଜନ ହୋଇ ସମାଜର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟକରୁ ଏତିକି ହିଁ ଭଗବାନଙ୍କ ନିକଟରେ କାମନା କରୁଛି ।

## ବିକ୍ରମ ପଣ୍ଡା

ଯୁବନେତା ଓ ସମାଜସେବୀ,
ବାଲେଶ୍ୱର



ଓଡ଼ିଶାର ସ୍ୱନାମଧନ୍ୟ ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ର ବାର୍ଷିକ ଉତ୍ସବ ୨୦୨୫ ପାଳନ ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା । ଧ୍ୱନି ପ୍ରତିଧ୍ୱନିର ଚଳାପଥ କୁସୁମିତ ହେଉ ଏହାହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

## ଇଂ. ଅଶ୍ୱିନୀ କୁମାର୍ ଦଣ୍ଡପାଟ

ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ
ଗ୍ରାମ୍ୟ ନିର୍ମାଣ ବିଭାଜନ



ଧ୍ୱନି ପ୍ରତିଧ୍ୱନିର ସ୍ୱନକ୍ଷତ୍ର ଦିବସ-୨୦୨୫ ପାଳନ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ସମ୍ବାଦପତ୍ର ସମସ୍ତଙ୍କ ଭିତରେ ଆଦରଣୀୟ ହୋଇ ସମାଜର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟକରୁ ଏତିକି ହିଁ କାମନା କରୁଛି ।

## ନଳିନୀକାନ୍ତ ଦାସ

ଧାମରା, ଭଦ୍ରକ






'ଧ୍ୱନି ପ୍ରତିଧ୍ୱନି' ର ବାର୍ଷିକ ଉତ୍ସବ ଅବସରରେ ବାଲେଶ୍ୱର ବାସୀଙ୍କର ସାମଗ୍ରୀକ ବିକାଶ ପାଇଁ 'ଧ୍ୱନି ପ୍ରତିଧ୍ୱନି' ନିଜ ଦାୟିତ୍ୱ ନିର୍ବାହ କରୁ, ଏତିକି କାମନା ।

## ସରୋଜ ଦାସ

ଯୁବକବି, ବାଲିଆପାଳ, ବାଲେଶ୍ୱର



'ଧ୍ୱନି ପ୍ରତିଧ୍ୱନି' ର ବାର୍ଷିକ ଉତ୍ସବ ଅବସରରେ ବାଲେଶ୍ୱର ବାସୀଙ୍କର ସାମଗ୍ରୀକ ବିକାଶ ପାଇଁ 'ଧ୍ୱନି ପ୍ରତିଧ୍ୱନି' ସଦା ବିକାଶର ସାଥି ହେଉ ଏତିକ ଈଶ୍ୱରଙ୍କ ପାଖେ ପ୍ରାର୍ଥନା ।

## ପ୍ରତିମା ପଣ୍ଡା

ଶିକ୍ଷାବିତ୍, ସୁସାହିତ୍ୟିକା ତଥା ସମାଜସେବୀ, ବାଲେଶ୍ୱର









# ସ୍ୱନକ୍ଷତ୍ର ବିଶେଷାଙ୍କ



## କିଛି ଅସମାହିତ ପ୍ରଶ୍ନ
### ଡ.ଭାରତୀ ହୋତା



ଆଜି ଦୌଡ଼ିଗଲି ନଦୀ କୂଳକୁ
ପଚାରିଦେଲି କେମିତି ଅଛ...
ଲୁହ ଛଳ ଛଳ ଆଖିରେ କହିଲା
'ବର୍ଜ୍ୟ ବସ୍ତୁରେ ଆକ୍ତା ମାକ୍ତା ମୋ
ସମଗ୍ର ଅବୟବ
ମୁଁ ପାଲଟି ଯାଇଛି 'ବିଷ କନ୍ୟା'
ମୋତେ ରକ୍ଷା କର ।

ଫେରିଯାଇ ପ୍ରଶ୍ନ କଲି ପାହାଡ଼କୁ
କେମିତି ଅଛ..
ଉତ୍ତର ଆସିଲା
ଗଛ ନାହିଁ କି ପତ୍ରଟିଏ ନାହିଁ
ନଗ୍ନ ଶରୀର ନେଇ
ଠିଆ ହୋଇଛି
ମଣିଷର ନିର୍ମମ କୁରାଢ଼ୀ ଚୋଟରେ
ଧ୍ୱସ୍ତ ବିଧ୍ୱସ୍ତ ମୁଁ
ଡିନାମାଇଟ ବିସ୍ଫୋରଣରେ ଗଳିତ
ମୋ ଅବୟବ
ଟାଙ୍ଗରା ଭୂଇଁରେ
ଧୂ ଧୂ ଖରା ତାତି ।

ପଚାରିଦେଲି ହରିତ ରଙ୍ଗ ଓଢଣିରେ
ଢାଙ୍କି ହୋଇଥିବା ଶସ୍ୟ କ୍ଷେତ୍ରକୁ,
କେମିତି ଅଛ ?
ଉତ୍ତର ଆସିଲା..
ଜର୍ଜରିତ ମୁଁ କୃତ୍ରିମ ସାର ଓ
ରସାୟନରେ
ଅଧିକ ଉପାର୍ଜନ ଲାଳସାରେ
ବାଣ୍ଟି ଚାଲିଛି ମାନବସମାଜକୁ
ଦୁଃସହ ବିଷାଣୁ ।

ପଚାରି ଦେଲି ଆଜିର ଯୁବ
ସମାଜକୁ
କେମିତି ଅଛ ?
ଉତ୍ତର ମିଳିଲା
କୁଡ଼ କୁଡ଼ ବହିର ବୋଝ
ମା ବାପାଙ୍କ ଉଚ୍ଚ ଅଭିଳାଷ
ବଡ଼ ବିଦେଶୀ କମ୍ପାନୀ
ମୋଟା ବେତନ
ବଡ଼ ସହରର ରଙ୍ଗୀନ ସ୍ୱପ୍ନ
ସମାଧି ନେଉଛି
ଆମ ନିଜସ୍ୱ ଇଚ୍ଛା ଚିନ୍ତାଧାରା ।

ଶେଷରେ ପଚାରିଲି
ମଶାଣି ଚିତାକୁ
କେମିତି ଅଛ ?
ଉତ୍ତର ଆସିଲା
ମୋଠାରେ ଜଳୁଥିବା
ଲେଲିହାନ ଶିଖାରେ
ଦୂଷିତ ରକ୍ତ ଆଉ
ଖାଲି ଲୋଲୁପ ମଣିଷ ମାଂସର ଗନ୍ଧ
ଅଣ ନିଶ୍ୱାସୀ ମୁଁ ଏଠି.....

ଲେଉଟାଣି ମୁହୂର୍ତ୍ତରେ
ଚୁପି ଚୁପି କହିଗଲା ମଶାଣି ଚିତା
ମୃତ୍ୟୁ ହିଁ ଧ୍ରୁବ ସତ୍ୟ
ମୋ ପାଖକୁ ଆସ
ପବିତ୍ର ଅଗ୍ନି ଶିଖାରେ ଲେଖିଦେବି
ତୁମ କପାଳରେ
ଜନ୍ମ ନିଅ ବାରମ୍ବାର
ଆଉ ଭେଟୁଥାଅ
ପବିତ୍ର ଈଶ୍ୱର ସୃଷ୍ଟିର
ସୁନ୍ଦର ବଣ ପାହାଡ଼ ନଦ ନଦୀ
ସବୁଜିମା ଶସ୍ୟକ୍ଷେତ୍ରକୁ ପାରୁ
ପର୍ଯ୍ୟନ୍ତ ବଞ୍ଚାଅ
ମାଆ ପାଇଁ ହେଉ
କି ଭଉଣୀ ପାଇଁ ହେଉ
ଈଶ୍ୱରଙ୍କ ସୁନ୍ଦର ସୃଷ୍ଟି ପାଇଁ
ଚାରାଟିଏ ଲଗାଅ, ସୃଷ୍ଟି ବଞ୍ଚାଅ ।

+ ଖରିଆର ରୋଡ଼
ନୂଆପଡ଼ା



## ବଞ୍ଚିବାକୁ ଲାଗେ ଡ଼ର
### ନିରଞ୍ଜନ ସାହୁ

ଦୁନିଆର ଯାହା ରୀତିନୀତି ଏବେ
ବଞ୍ଚିବାକୁ ଲାଗେ ଡ଼ର
ଚିହ୍ନି ହୁଏନାହିଁ କିଏ ଆପଣାର
କିଏ ଏଠି ଅଟେ ପର ।

ବିଶ୍ୱାସ ଭିତରେ ଅବିଶ୍ୱାସଟିଏ
ଉଙ୍କି ମାରୁଥାଏ ସଦା
ସେହି ଅବିଶ୍ୱାସ ସତ୍ୟ ହୋଇ ଦିନେ
କରିଦେଇପାରେ ପଦା
ସରଳ ବିଶ୍ୱାସୀ ହେଲେ ଠକିଯିବ
ବେଳଥାଉ ଚିନ୍ତାକର ।

ଭରସା କାହାକୁ କରିବ କହୁନ
କିଏସେ ହୋଇବ ସାହା
ଆପଦେ ବିପଦେ ତୁମରି ଦୁଃଖରେ
ନିଶ୍ଚୟ କରିବ ଆହା
ସ୍ୱାର୍ଥପରଙ୍କର ଗହଳି ଭିତରେ
ପ୍ରାଣ ଲାଗେ ଥରହର ।

ସତ୍ୟପଥେ ତୁମେ ଯେତେ
ଚାଲୁଥାଅ
ଲାଗିବ କଳଙ୍କ ଦାଗ
ବଦନାମ ହେବା ନିଶ୍ଚିତ ଅଟଇ
ସମୟ ଥାଉଣୁ ଜାଗ
ସତ୍ୟର ବିଜୟ କାନଶୁଣା କଥା
ଧର୍ମକୁ ଝୁରିକି ମର ।

କେମିତି କାଟିବ ସାରା ଜୀବନଟା
ସେହି ଚିନ୍ତା ବେଶୀ ଘାରେ
ସାଦାସିଧା ହୋଇ ବଞ୍ଚି ଯାଇହେବ
କିଏ ତାହା କହିପାରେ
କିଏ ଆଣିଦେବ ସୁଖର ସନ୍ଧାନ
ଝରାଇ ଶାନ୍ତିର ଝର ।

+ ନିହଲ ପ୍ରସାଦ , ଗଁଡିଆ ପାଟଣା
ଢେଙ୍କାନାଳ-୭୫୯୦୧୬
(ମୋ) ୯୯୩୮୭୪୧୫୮୩

## ଥରେ ପଚାରି ଦେଖ
### ହରପ୍ରିୟା ସାହୁ



ଦଶମାସ ଦଶଦିନ ଗର୍ଭ ର ଯନ୍ତ୍ରଣା,
କେବେ ସେ ମାଆ କୁ ପଚାରି ଦେଖ
ଲୁହ ଲହୁକୁ ଏକ୍ କରି ଖଟୁଥିବା
ଲୋକର ଯନ୍ତ୍ରଣା
କେବେ ବାପାକୁ ପଚାରି ଦେଖ।

ନିଜ ପ୍ରେମର ବଳିଦାନ ଯନ୍ତ୍ରଣା ,
କେବେ ସେନାକୁ ପଚାରି ଦେଖ
ଆତଙ୍କ ଗୁଳିର ଯନ୍ତ୍ରଣା,
କେତେ ସିନ୍ଦୂର ଲିଭିଥିବା ସ୍ତ୍ରୀକୁ
ପଚାରି ଦେଖ...

ବୃଦ୍ଧାଶ୍ରମରେ ରହୁଥିବା
ବାପା ମାଆଙ୍କ ଯନ୍ତ୍ରଣା
କେବେ ତାଙ୍କୁ ପଚାରି ଦେଖ
ଦେଶ ପାଇଁ
ବଳିଦାନ ଦେଇଥିବା ଯନ୍ତ୍ରଣା,
କେବେ ସହିଦ ଯବାନ ପରିବାରକୁ
ପଚାରି ଦେଖ।

ପ୍ରେମକୁ ଅପେକ୍ଷା କରିବାର ଯନ୍ତ୍ରଣା,
କେବେ ପ୍ରେମୀକୁ ପଚାରି ଦେଖ
ପୁଅ ଝିଅ ବିବାହର ଯନ୍ତ୍ରଣା,
କେବେ ଅସହାୟ ବାପାମାଆଙ୍କୁ
ପଚାରି ଦେଖ।

ସ୍ୱାମୀ ଠାରୁ ଦୂରରେ ରହିବା ଯନ୍ତ୍ରଣା,
କେବେ ନବବଧୂକୁ ପଚାରି ଦେଖ
ଆଖି ଆଗରେ
ସ୍ୱପ୍ନ ଭାଙ୍ଗିବାର ଯନ୍ତ୍ରଣା,
ହାରି ଯାଇଥିବା ବ୍ୟକ୍ତିକୁ
ପଚାରି ଦେଖ ।

ଚାଲି ପାରୁନଥିବା ଦିବ୍ୟାଙ୍ଗର ଯନ୍ତ୍ରଣା
କେବେ ତାକୁ ଥରେ ପଚାରି ଦେଖ
ପିଲାଦିନରୁ
ପିତାମାତାଙ୍କୁ ହରେଇଥିବା ଯନ୍ତ୍ରଣା
ଥରେ ସେ ପିଲାକୁ
ପଚାରି ଦେଖ ।

କୋଣାର୍କର ଭଗ୍ନ ଅବସ୍ଥାର କାହାଣୀ
ଥରେ ଇତିହାସ ପଢ଼ି ଦେଖ
ଇଂରେଜୀ କବଳରୁ ମୁକ୍ତି ପାଇବା
ପାଇଁ ଯେଉଁ ଯନ୍ତ୍ରଣା
ସ୍ୱାଧୀନତା ସଂଗ୍ରାମୀଙ୍କ
ଜୀବନୀ ପଢ଼ି ଦେଖ ।

ମାଆକୁ ଅପେକ୍ଷାର ଯନ୍ତ୍ରଣା,
କେବେ ଛୋଟ ଶିଶୁକୁ
ପଚାରି ଦେଖ
ନିଜ ପାଖରୁ ଦୂରେଇ ଯାଇଥିବା
ସମ୍ପର୍କର ଯନ୍ତ୍ରଣା,
କେବେ ନିଜ ଲୋକଙ୍କୁ
ପଚାରି ଦେଖ।

ମାଗି ଖାଇବାର ଯନ୍ତ୍ରଣା,
କେବେ ରାସ୍ତା କଡ଼ରେ ରହୁ ଥିବା
ପିଲାକୁ ପଚାରି ଦେଖ
ଧନ ସମ୍ପତ୍ତି ଅଭାବର ଯନ୍ତ୍ରଣା,
କେବେ ସେ ଗରିବକୁ
ପଚାରି ଦେଖ।

ସେ ଅସହ୍ୟ ଯନ୍ତ୍ରଣାକୁ ପଚାରି ଦେଖ
ଉତ୍ତର ବା କଣ ମିଳିବ ?
ମୁଖଟି ତାର ନୀରବ ରହି
ଦୁଇ ଆଖିର ଲୁହ
କଥା କହିବ।

+ ଜଗତସିଂହପୁର, ଓଡିଶା

## ଧାରେ ଲୁହ
### ସୁହଂସ ଭୋଇ



ଏଇ ଛୋଟ ମନ ଭିତରେ ରହିଛି
ଜୀବନର ଯେତେ କୋହ
ବେଳେବେଳେ ଅଜାଣତେ ବହିଯାଏ
ହୋଇ ସେ'ତ ଧାରେ ଲୁହ ।

ସେଇ ଧାରେ ଲୁହ କଥାକହେ କେତେ
ଦୁଃଖ ବ୍ୟଥା ବେଦନାର
ଶୁଖିଯାଏ ସିନା ଚିହ୍ନ ରହିଥାଏ
ଅବସୋସ ବିଷାଦର
ବୁଝିବା ଲୋକଟି ହତାଦର କଲେ
ପଥର ପାଲଟେ ଦେହ ।

ଜାକିଜୁକି କିଛି ଧରି ରଖେ ଆଖି
କିଛି ପିଇଯାଏ ଓଠ
ପ୍ରେମ ଏକ ଫୁଲ ଅଛି ତହିଁ କଣ୍ଟା
ଅଙ୍କାବଙ୍କା ପୁଣି ବାଟ
ଯନ୍ତ୍ରଣାର ଜ୍ୱାଳା ସହିବାକୁ ହୁଏ
ନିତିନିତି ଅହରହ ।

ଜୀବନ ଯୁଦ୍ଧରେ ଜୟ ପରାଜୟ
ଆଗରୁ ନ ଥାଏ ଧାର୍ଯ୍ୟ
ଜିତିବାକୁ ହେଲେ ଧରିବାକୁ ହେବ
ଦୃଢତାର ସହ ଧୈର୍ଯ୍ୟ
କହିବା ସହଜ ଅଟଇ କଠିନ
ଭେଦିବାକୁ ଚକ୍ରବ୍ୟୁହ ।

+ ପହଣ୍ଡି,ବିଜେପୁର,ବରଗଡ଼
(ମୋ) ୯୪୩୭୫୨୨୪୫୫

## ଗାଆଁରେ ବରଷା
### କୀର୍ତ୍ତନ ସାହୁ



ଗାଆଁ ମୁଣ୍ଡ ସେଇ ପାହାଡ଼ ଦେହରୁ
ମେଘ ଖଣ୍ଡ ଭାସି ଆସେ
ଚାହୁଁ ଚାହୁଁ କଳା ହାଣ୍ଡିଆ ମେଘଟା
ଘୋ ' ଘୋ ' କରି ଝାସେ ।

ସଙ୍ଗେ ସଙ୍ଗେ ଦେଖ ଦାଣ୍ଡ ମଝିଟାରେ
ପାଣି ସୁଅ ବହି ଥାଏ
ବାଡି ପଟେ ଥିବା ଡୁବି ଗଡିଆରେ
ପାଣି ଭର୍ତ୍ତି ହୋଇ ଯାଏ ।

ବୋଉ ରାନ୍ଧୁଥିବା ରୋଷେଇ ଘରକୁ
ପାଣି ଛିଟା ଟିକେ ମାରେ
ଆମ କୁନି ପୁଅ ଡଙ୍ଗା ତା ଭସାଏ
ଚାଳ ପାଣି ଧାରେ ଧାରେ ।

ଗାଆଁ ଚାଷୀ ଭାଇ ପାଣି କାଦୁଅରେ
ଧାନ ତଳି ରୋଇ ଦିଏ
ଛତା ଖଣ୍ଡେ ଧରି ପୁଅକୁ କାଖେଇ
ମଧୁ ଭାଇ ସ୍କୁଲ ନିଏ ।

ଗୁରୁଜୀ କହନ୍ତି ଆରେ ପିଲାମାନେ
ବାହାରେ ବୁଲିବ ନାହିଁ
ବରଷାରେ ତମେ ଭିଜି ଗଲେ ଥରେ
ଥଣ୍ଡା କାଶ ହୋଇ ଥାଇ ।

ଗାଆଁ ମନ୍ଦିରରୁ ଘଣ୍ଟ ଶୁଭୁ ଅଛି
ପୂଜା ଚାଲି ଅଛି ପରା
ଯୁଇ ଯାଇ ହେନା ଟଗର ମନ୍ଦାର
ଗାଆଁରେ ଫୁଟିଛି ଭରା ।

ମଦନ ମଉସା ପକୁଡ଼ି ଛାଣନ୍ତି
ବରଷାରେ ଭଲ ଲାଗେ
ଏଇ ଦିନେ ପରା କାମ କରିବାକୁ
ମନରେ ସରାଗ ଜାଗେ ।

+ ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
(ମୋ) ୯୪୩୮୪୧୪୭୦୧

DAS I.T.I.
TULANK (Near Mathasahi Chhak),
Balasore - 03
Mob.: 9437191950, 9437445627,
Tel. - 06782 - 251617 (O)
E-mail : das_itc@rediffmail.com
AFFILIATED TO N.C.V.T.
GOVT. OF INDIA, NEW DELHI
AFFILIATED TRADES :
FITTER, ELECTRICIAN, ELECTRONICS MECHANIC, REFRIGERATION AND AIR-CONDITIONING MECHANIC, COMPUTER (COPA), DRIVER-CUM-MECHANIC, CUTTING AND SEWING,
SEWING, STENOGRAPHY (ENGLISH)

## ବେଦନାର ଝଡ଼
### ସୁରାତ୍ରୀ ପ୍ରଧାନ



ଦରଜ ଛାତିର ହୃଦୟର କୋହ
ଆଖିର ଶ୍ରାବଣ ଧାରା
ନିବୁଜ ଓଠ ଟା ସଦ୍ଦ ହୀନ ଆଜି
ଅବସାଦ ପୂର୍ଣ୍ଣ ଘେରା ।

ବେଦନାର ଝଡ଼ ଆକୁଳତା ଭରା
ଫଟାଏ ବୁକୁ କଲିଜା
ନିଆଁରେ ଜଳଇ ଇଚ୍ଛା ମାନ ସବୁ
ଚାପି ମନର ଦରଜା ।

ମନ ଆକାଶର ଡହକ ଖରାରେ
ପୋଡେ ସ୍ମୃତିର ଶାମୁକା
ଦେଖୁଛି କିଏ ବା ବେଦନାର ସ୍ୱର
କେତେ ଯେ ଖାଏ ହାବୁକା ।

ଦିନର ସୂରୁଜ ରାତିର ଜୋଛନା
ମୋ ପାଇଁ କାଳିମା ଘେରା
ବହଳ ଅନ୍ଧାରେ ଗହଳିଆ ଝଡ଼
ହୋଇଯାଏ ଦିଗହରା ।

+ କୁସୁପୁର, ଗୋପ
ପୁରୀ-୭୫୨୧୧୦
(ମୋ) ୭୦୦୮୨୬୦୫୧୬

## ସବୁ ପ୍ରଭୁଙ୍କ ଇଚ୍ଛା
### ନିରୁପମା ଭୂୟାଁ



ଗୋଟିଏ ଗାଁରେ ରହୁଥିଲେ ଜଣେ ଧର୍ମପରାୟଣ ବୃଦ୍ଧ । ସେ ସାଧାରଣ ଗୃହସ୍ଥ ଜୀବନଯାପନ କରୁଥିଲେ । ଦାନ-ଧର୍ମ-ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ । ଧର୍ମସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ । ସଂସାରରେ ଘର କରି ମଧ୍ୟ ହାରଜିତ, ଲାଭ-କ୍ଷତି, ସୁଖ-ଦୁଃଖ ଆଦିକୁ ନେଇ ବିଚଳିତ ହେଉ ନଥିଲେ । ସବୁବେଳେ ତାଙ୍କ ତୁଣ୍ଡରୁ ବାହାରୁଥିଲା, ସବୁ ପ୍ରଭୁଙ୍କର ଇଚ୍ଛା । ସେ ଘୋଡ଼ାଟିଏ ପାଳିଥିଲେ । ଦିନେ ଘୋଡାଟି କେଉଁଆଡ଼େ ଚାଲିଗଲା । ତେବେ ବୃଦ୍ଧ ଅବିଚଳିତ ରହିବା ଦେଖି ଯୁବକ ପୁତ୍ର ପ୍ରଶ୍ନ କଲା, ସେଇଟି ଥିଲା ଆମର ଏକମାତ୍ର ସମ୍ବଳ । ଆଉ ଆପଣ ଟିକିଏ ବି ଦୁଃଖ କରୁନାହାନ୍ତି । ବୃଦ୍ଧ କେବଳ କହିଲେ ସବୁ ପ୍ରଭୁଙ୍କ ଇଚ୍ଛା । କିଛି ଦିନ ପରେ ଘୋଡ଼ାଟି ଫେରି ଆସିଲା । ତା ସଙ୍ଗରେ ଆସିଥାନ୍ତି ଆଉ ଦଶଟି ଘୋଡ଼ା । ପୁତ୍ର ଆନନ୍ଦିତ ହେଲା । ହେଲେ, ପ୍ରାପ୍ତିର ଲାଭ ବୃଦ୍ଧଙ୍କୁ ବିଚଳିତ କରି ନଥିଲା । କିଛି ଦିନ ପରେ ଘୋଡ଼ାରୁ ପଡ଼ି ଯୁବକ-ପୁତ୍ରର ଗୋଡ଼ ଭାଙ୍ଗିଗଲା । ବୃଦ୍ଧ ଟିକିଏ ବି ଦୁଃଖ କରୁ ନଥିବା ଦେଖି ଗାଁବାଲା ବିସ୍ମିତ ହେଲେ । ବୃଦ୍ଧ ଚିରାଚରିତ ଭାବେ ସହି ପଦକ ହିଁ କହିଲେ, ସବୁ ପ୍ରଭୁଙ୍କ ଇଚ୍ଛା । କିଛି କାଳ ପରେ ଯୁଦ୍ଧ ଲାଗିଲା । ଗାଁର ସବୁ ଯୁବକ ଅନିଚ୍ଛା ସତ୍ତ୍ୱେ ରାଜ ନିର୍ଦ୍ଦେଶରେ ଯୁଦ୍ଧକୁ ଯିବାକୁ ବାଧ୍ୟ ହେଲେ । ଗୋଡ଼ ଭାଙ୍ଗିଥିବାରୁ ବୃଦ୍ଧଙ୍କ ପୁତ୍ରକୁ ସେନା ବାହିନୀ ଗ୍ରହଣ କଲା ନାହିଁ । ରଣାଙ୍ଗନରେ ସମସ୍ତ ଯୁବକଙ୍କର ମୃତ୍ୟୁ ହେଲା । ଗୋଡ଼ ଭାଙ୍ଗିଥିବାରୁ କେବଳ ବର୍ତ୍ତି ଯାଇଥିଲା ବୃଦ୍ଧଙ୍କ ପୁତ୍ର । ବୃଦ୍ଧ ସବୁ ଶୁଣି କହିଲେ ସବୁ ସେହି ପ୍ରଭୁଙ୍କ ଇଚ୍ଛା । ଆମେ ନିମିତ୍ତ ମାତ୍ର ।

+ ଜିଲ୍ଲା ସଂଯୋଜିକା (ଶିକ୍ଷା)
ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ,
କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ
ବାଲିଚନ୍ଦ୍ରପୁର, ଯାଜପୁର,
(ମୋ) ୯୯୩୭୪୭୦୯୮୦

## ବାରମାସେ ବାରରୂପ
### ଦିଲ୍ଲୀପ କୁମାର ସାହୁ



ପ୍ରଳୟ ଜଳରେ କେଉଁ ଧ୍ୱଂସଲୀଳାରୁ
ଭାସି ତ ଆସିଲେ ଅଦଭୁତ ମହାଦାରୁ ।

ନିଜେ ପୁଣି ନିଜକୁ ଗୁପତେ ଗଢିଲେ
ନିଜକୁ ନିଜେ ସିଏ ଦାରୁ ଭୂତ କଲେ ।

ପ୍ରେରଣାର ମହା ଉତ୍ସ ମୁକ୍ତିର ମାର୍ଗ
ଚେତନାର ରୂପକାର ଭାବର ସେ ସ୍ୱର୍ଗ ।

ଶୂନ୍ୟ ମହାଶୂନ୍ୟ ଶୂନ୍ୟ ଶୂନ୍ୟ ପୁରୁଷ
ପ୍ରତି ମାସେ ନୂଆ ନୂଆ ରୂପେ ପ୍ରକାଶ।

ବୈଶାଖ ମାସରେ ପ୍ରଭୁ 'ମଧୁସୂଦନ'
ଜ୍ୟେଷ୍ଠରେ 'ତ୍ରିବିକ୍ରମ' ରୂପ ଅନନ୍ୟ।

ଆଷାଢ଼ରେ ପ୍ରଭୁଙ୍କର ରୂପ 'ବାମନ'
'ଶ୍ରୀଧର' ରୂପ ପ୍ରଭୁଙ୍କ ହସେ ଶ୍ରାବଣ।

ଭାଦ୍ରବ ମାସରେ ପ୍ରଭୁ ଯେ 'ହୃଷୀକେଶ'
ଆଶ୍ୱିନରେ 'ପଦ୍ମନାଭ' ଶ୍ରୀ ଜଗଦୀଶ।

'ଦାମୋଦର' କାର୍ତ୍ତିକ ରେ ଜଗତସାଇଁ
ମାର୍ଗଶିର ମାସରେ ତ 'କେଶବ' ସେହି ।

ପ୍ରଭୁ ଯେ 'ଶ୍ରୀନାରାୟଣ' ପଉଷ ମାସେ
ମାଘରେ 'ମାଧବ' ମଧୁ ମଳୟ ହସେ।

ଫାଲ୍ଗୁନ ମାସରେ ପ୍ରଭୁ 'ଦୋଳଗୋବିନ୍ଦ'
ଚଇତ୍ର ରେ 'ବିଷ୍ଣୁ', ହସେ ପୂର୍ଣ୍ଣିମା ଚାନ୍ଦ।

ଅଣାକାର ପୁଣି ପ୍ରଭୁ ଆକାର ହୋଇ
ଲିଳା କରିଥାନ୍ତି କେତେ ମର୍ତ୍ତ୍ୟେ ଓହ୍ଲାଇ।

ଚର୍ମ ଚକ୍ଷୁ ସେ ଲୀଳାକୁ ପାରିଲେ ଦେଖି
କରିଥାଏ ମୋକ୍ଷ ଲାଭ ଏ ପ୍ରାଣ ପକ୍ଷୀ ।

+ ଚାରବାଟିଆ, ଚୌଦ୍ୱାର, କଟକ

# ସ୍ୱନକ୍ଷତ୍ର ବିଶେଷାଙ୍କ

## ଓଡିଶା କାନ୍ଦୁଛି

**ତାନଶ୍ରୀ ପାଣିଗ୍ରାହୀ**



ସାରାବିଶ୍ୱରେ ମହାନ ମୋ ଦେଶ
ଦେବଭୂମି ମୋ ଭାରତ
ସଂସ୍କାର ସଂସ୍କୃତି ଭରା ମୋ ରାଇଜ
ସବୁଠି ଚିର ଗର୍ବିତ...

କଳିଙ୍ଗ କୁଶଳ ଉତ୍କଳ ଉଡ୍ର
ଯାର ନାମେ ଥିଲା ଖ୍ୟାତି
କଳା କାରୁକାର୍ଯ୍ୟ ଓଡିଶା ବିଖ୍ୟାତ
ଅମ୍ଳାନ ଅମର କୀର୍ତ୍ତୀ...

ଲୁଟିଯାଇଅଛି ତା ଗୌରବ ଆଜି
ହଜିଛି ତାର ସଂସ୍କାର
ରାଜନୀତି ନାମେ ଚାଲେ କୂଟନୀତି
ଚାଲେ ଅନ୍ଧ ବିଚାର...

ନାରୀ ନିର୍ଯାତନା ଦିନୁ ଦିନ ବଢ଼େ
କାନ୍ଦୁଛି ଉତ୍କଳ ମାଟି

ଦିନରେ ଦିମୁଠା ଖାଦ୍ୟ ନ ପାଇ
ଯାଆନ୍ତି ଦାଦନ ଖଟି...

ବେକାରୀ ସମସ୍ୟା ନାହିଁ ସମାଧାନ
ବିକାଶ ଦିଶେ ଅନ୍ଧାର
ଏ ଦେଶ ରକ୍ଷକ ସାଜଇ ଭକ୍ଷକ
ଜନତା ମାଗେ ବିଚାର...

ତୁଳସୀ ଚଉରା ପଡିଅଛି ଫାଙ୍କା
ନାହିଁ ପୂଜା ଫୁଲ ଧୂପ
ଓଡ଼ିଆ ବୋହୂର ହଜିଛି ଓଢଣୀ
ଜାଳୁନାହିଁ ସଞ୍ଜଦୀପ...

ଶାଶୁ ଶଶୁରଙ୍କୁ ସେବା ଓ ଭକତି
ନାହିଁ ଆଉ ଆଗ ପରି
ବୃଦ୍ଧାଶ୍ରମ ଆଜି ବୃଦ୍ଧ ଓ ବୃଦ୍ଧାଙ୍କୁ
ନେଉଛି କୋଳେ ଆଦରି....

ଶିକ୍ଷକ୍ଷର୍ଥୀଙ୍କ ମନ ଖୋଜୁଛି ସେଦିନ
ଗୁରୁକୁଳ ଶିକ୍ଷାଦାନ
ଶିକ୍ଷା ଅନୁଷ୍ଠାନେ ଚାଲେ ରାଜନୀତି
ଆସଇ ଘୋଟି ଦୁର୍ଦ୍ଦିନ...

ଛାତ୍ରୀଟିଏ ଆଜି ନୁହେଁ ସୁରକ୍ଷିତ
ଜୀବନକୁ ଦିଏ ବାଜି
ସଭିଙ୍କ ଆଖିରେ ଲୁହ ଝର ଝର
ଓଡିଶା କାନ୍ଦୁଛି ଆଜି... ।

+ ଆଚାର୍ଯ୍ୟା,
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ବାଲିଆ,ବାଲେଶ୍ୱର
ମୋ -୯୩୩୭୩୦୪୨୯୫

## ରାମାୟଣର ୧୧ଟି ସ୍ଥଳ

**ଡା. ଦିଲ୍ଲୀପ କୁମାର ମହାରଣା**



ଯୁଗ ଯୁଗ ଧରି ରାମାୟଣ ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ମାନଙ୍କୁ ନିଜ ଦିବ୍ୟମୟ ଜୀବନ ପାଇଁ ରାସ୍ତା ଦେଖାଉଛି। ସେହିପରି ରାମାୟଣ ସହିତ ଏଗାଟି କ୍ଷେତ୍ର, ଘଟଣାବଳୀ ସଂଯୋଗ ହୋଇ ରହିଛି। ଏହାରି ଉପରେ ଆସନ୍ତୁ ଆଲୋକପାତ କରିବା।

ଅଯୋଧ୍ୟା : ଅଯୋଧ୍ୟା ହେଉଛି ସେହି ନଗରୀ, ଯେଉଁଠାରେ ଭଗବାନ ରାମ ମନୁଷ୍ୟ ଶରୀର ଧରି ଜନ୍ମ ହୋଇଥିଲେ ଏବଂ ସେହି ସ୍ଥାନ ଯେଉଁଠାରୁ ତାଙ୍କର ୧୪ ବର୍ଷର ବନବାସ ଆରମ୍ଭ ହୋଇଥିଲା। ଅଯୋଧ୍ୟା କୋଶଳ ରାଜ୍ୟର ରାଜଧାନୀ ଥିଲା। ଏହି ରାଜ୍ୟର ଇକ୍ଷାକୁ ରାଜବଂଶରେ ଭଗବାନ ରାମ ଜନ୍ମଗ୍ରହଣ କରିଥିଲେ। ଅଯୋଧ୍ୟାର ଦକ୍ଷିଣ ଭାଗର ଶେଷ ଅଂଶରେ ଥିବା ରାମକୋଟ ହିଁ ଭଗବାନ ରାମଙ୍କ ଅନ୍ତୁଡ଼ିଶାଳ।

ଜନକପୁର : ଜନକପୁର ହେଉଛି ରାମାୟଣର ସେହି ସ୍ଥାନ ଯେଉଁଠାରେ ମା'ସୀତା ଜନ୍ମ ନେଇଥିଲେ ଏବଂ ଭଗବାନ ରାମଙ୍କୁ ବିବାହ କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ ଜନକପୁରର ରାଜା ଜନକ ମରୁଡ଼ିରୁ ରକ୍ଷା ପାଇବା ପାଇଁ ଏହି ଜମି କର୍ଷଣ କରିଥିଲେ ଏବଂ କର୍ଷଣ ସମୟରେ ମାଟି ଭିତରୁ ଏକ ପେଡ଼ି ପାଇଥିଲେ, ଯେଉଁଥିରେ ସୀତା ଥିଲେ। ସେହି କାରଣରୁ ଏହାକୁ ସୀତାମାଢ଼ି ମଧ୍ୟ କୁହାଯାଏ।

ପ୍ରୟାଗ : ଭଗବାନ ରାମ ପତ୍ନୀ ସୀତା ଏବଂ ଭାଇ ଲକ୍ଷ୍ମଣଙ୍କ ସହ ଏହି ସ୍ଥାନରୁ ଗଙ୍ଗାନଦୀ ପାର ହୋଇଥିଲେ ନିଜ ରାଜ୍ୟର ସୀମା ବାହାରକୁ ଯିବା ପାଇଁ। ରାମାୟଣର ବର୍ଣ୍ଣନା ଅନୁଯାୟୀ ଏହି ତିନିଜଣ ଆଗକୁ ଯିବା ପୂର୍ବରୁ ଋଷି ଭରଦ୍ୱାଜଙ୍କ ଆଶ୍ରମରେ କିଛି ସମୟ କଟାଇଥିଲେ।

ଚିତ୍ରକୂଟ : ଏହି ସ୍ଥାନ ରାମାୟଣରେ ରାମ ଓ ଭରତଙ୍କ ମିଳନର ସ୍ଥଳ ଭାବରେ ବର୍ଣ୍ଣିତ। ଏହି ସ୍ଥାନରେ ଭରତ ଭଗବାନ ରାମଙ୍କୁ ଦଶରଥଙ୍କ ପରଲୋକ ସମ୍ପର୍କରେ ସୂଚନା ଦେବା ସହ ଅଯୋଧ୍ୟା ଫେରି ରାଜ୍ୟ ଶାସନ ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଯେତେବେଳେ ରାମ ୧୪ ବର୍ଷ ବନବାସ ପାଇଁ ଅଟଳ ରହିଲେ ସେତେବେଳେ ସେ ଏହିଠାରେ ହିଁ ରାମଙ୍କ ପାଦୁକା ଗ୍ରହଣ କରିଥିଲେ ଏବଂ ରାମ ଅଯୋଧ୍ୟାକୁ ଫେରିବା ପର୍ଯ୍ୟନ୍ତ ଏହି ପାଦୁକାକୁ ରାଜ ସିଂହାସନରେ ସ୍ଥାପନ କରିଥିଲେ।

ଦଣ୍ଡକାରଣ୍ୟ : ଦଣ୍ଡକାରଣ୍ୟ ରାମାୟଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହିଠାରେ ରାବଣର ଭଉଣୀ ସୁପର୍ଣ୍ଣଖା ରାମଙ୍କୁ ଦେଖି ତାଙ୍କ ପ୍ରେମରେ ପଡ଼ିଥିଲା। କିନ୍ତୁ ଯେତେବେଳେ ରାମ ତାକୁ ସ୍ୱୀକାର କରିବାକୁ ମନା କରିଦେଲେ ସେ ନିଜ ଅନ୍ୟ ଦୁଇଭାଇ ଖର ଏବଂ ଦୂଷଣଙ୍କୁ ରାମଙ୍କୁ ଆକ୍ରମଣ ପାଇଁ ପଠାଇଥିଲା, ଯେଉଁମାନେ କି ରାମଙ୍କ ସହ ଯୁଦ୍ଧରେ ପ୍ରାଣ ହରାଇଥିଲେ। ହିନ୍ଦୁ ପୁରାଣ ଅନୁଯାୟୀ ଏହି ସ୍ଥାନ ଗୁରୁତ୍ୱପୂର୍ଣ୍ଣ, କାରଣ ମନୁଷ୍ୟ ନିଜର କୁକର୍ମ ପାଇଁ ପ୍ରାୟଶ୍ଚିତ କରିବା ନିମନ୍ତେ ଏହି ସ୍ଥାନକୁ ସର୍ବୋତ୍ତମ ବିବେଚିତ କରାଯାଏ। ବର୍ତ୍ତମାନ ରାମାୟଣ ବର୍ଣ୍ଣିତ ଘୋର ଜଙ୍ଗଲ ଦଣ୍ଡକାରଣ୍ୟ ରହିଛି ଛତିଶଗଡ଼-ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶରେ ମିଳିତ ଭାବରେ।

ପଞ୍ଚବଟୀ : ଦଣ୍ଡକାରଣ୍ୟ ଜଙ୍ଗଲ ମଧ୍ୟରେ ଯେଉଁ ସ୍ଥାନରେ ଭଗବାନ ରାମ ଏକ କୁଟୀର ସ୍ଥାପନ କରି ପତ୍ନୀ ସୀତା ଏବଂ ଭାଇ ଲକ୍ଷ୍ମଣଙ୍କ ସହ ରହୁଥିଲେ ବନବାସ କାଳରେ ସେହି ସ୍ଥାନ ରାମାୟଣରେ ପଞ୍ଚବଟୀ ଭାବରେ ବର୍ଣ୍ଣିତ। ଏହି ସ୍ଥାନକୁ ତପବନ ମଧ୍ୟ କୁହାଯାଏ।

କିଷ୍କିନ୍ଧା : ରାମାୟଣରେ ଏହା ବାନରମାନଙ୍କ ରାଜ୍ୟ ଭାବରେ ବର୍ଣ୍ଣିତ। ଏହି ସ୍ଥାନର ବର୍ଣ୍ଣନା ରାମାୟଣ ସହ ମହାଭାରତରେ ମଧ୍ୟ ନିଖୁଣ ଭାବରେ ରହିଛି। ବର୍ତ୍ତମାନ ଏହି ବାନରଙ୍କ ରାଜ୍ୟ କର୍ଣ୍ଣାଟକର ହାମ୍ପି ନିକଟସ୍ଥ ତୁଙ୍ଗଭଦ୍ରା ନଦୀ ଆଖପାଖରେ ରହିଛି।

ଋଷ୍ୟମୁଖ ପର୍ବତ : ରାମାୟଣରେ ଏହା ରାମଙ୍କ ସହ ହନୁମାନଙ୍କ ଭେଟସ୍ଥଳୀ। ଯେତେବେଳେ ରାମ ଏବଂ ଲକ୍ଷ୍ମଣ ଅପହୃତା ସୀତାଙ୍କୁ ଖୋଜି ଖୋଜି ଏଠାରେ ପହଞ୍ଚିଥିଲେ ସେତେବେଳେ ହନୁମାନଙ୍କ ସହ ତାଙ୍କର ଭେଟ ହୋଇଥିଲା। ଏହି ଋଷ୍ୟମୁଖ ପର୍ବତରେ ସୁଗ୍ରୀବ ଏବଂ ହନୁମାନ ବାଳୀକୁ ଭୟ କରି ଲୁଚିଥିଲେ। ଋଷ୍ୟମୁଖ ପର୍ବତ ସହ ସଲଗ୍ନ ହୋଇ ରହିଛି ଅଞ୍ଜନେୟ ପର୍ବତ। ରାମାୟଣରେ ଏହି ପର୍ବତର ଗୁରୁତ୍ୱ ବର୍ଣ୍ଣନା କରାଯାଇଛି, କାରଣ ଏହି ପର୍ବତରେ ହନୁମାନ ଜନ୍ମ ନେଇଥିଲେ।

ରାମେଶ୍ୱରମ୍ : ରାମାୟଣରେ ବର୍ଣ୍ଣିତ ଏହି ସ୍ଥାନରୁ ବାନରସେନା ରାମ ଲଙ୍କାରେ ପହଞ୍ଚିବା ପାଇଁ ରାମସେତୁ ନିର୍ମାଣ ଆରମ୍ଭ କରିଥିଲେ। ବିଶ୍ୱାସ କରାଯାଏ ଲଙ୍କାରୁ ଫେରିବା ପରେ ଦେବୀ ସୀତା ଏଠାରେ ଏକ ଶିବଲିଙ୍ଗ ସ୍ଥାପନ କରିଥିଲେ। ଏହିଠାରେ ରାମ ତାଙ୍କୁ ବ୍ରହ୍ମହତ୍ୟା ଦୋଷରୁ ମୁକ୍ତ କରିବା ପାଇଁ ଶିବଙ୍କୁ ଆରାଧନା କରିଥିଲେ। ରାମେଶ୍ୱରମ୍‌ର ରାମସେତୁ ଚୂନ ପଥରର ଏକ ଶୃଙ୍ଖଳ। ଯାହାକି ତାମିଲନାଡୁର ରାମେଶ୍ୱରମ୍ ଉପଦ୍ୱୀପ ଏବଂ ଶ୍ରୀଲଙ୍କାର ମାନାର ଦ୍ୱୀପକୁ ସଂଯୁକ୍ତ କରିଛି।

ଅଶୋକ ବାଟିକା : ଅଶୋକ ବାଟିକା ରାମାୟଣରେ ବର୍ଣ୍ଣିତ ଏକ ପୁଷ୍ପ ଉଦ୍ୟାନ। ଏହି ଉଦ୍ୟାନ ଥିଲା ରାକ୍ଷସରାଜ ରାବଣଙ୍କର। ସୀତାଙ୍କୁ ପଞ୍ଚବଟୀରୁ ଅପହରଣ କରି ଆଣିବା ପରେ ରାବଣ ତାଙ୍କୁ ଏହି ସ୍ଥାନରେ ରଖିଥିଲା। ସୀତା ରାବରଣ ମହଲରେ ରହିବାକୁ ମନା କରି ଏହି ଉଦ୍ୟାନର ଏକ ଅଶୋକ ବୃକ୍ଷ ତଳେ ବସିଥିଲେ, ତେଣୁ ଏହି ସ୍ଥାନ ଅଶୋକ ବାଟିକା।

ତାଲାଇମାନାର : ଭଗବାନ ରାମ ଶ୍ରୀଲଙ୍କାରେ ଯେଉଁ ସ୍ଥାନରେ ପ୍ରଥମେ ପାଦ ଦେଇଥିଲେ ସେଇ ସ୍ଥାନ ତାଲାଇମାନାର। ଏହିଠାରେ ହିଁ ରାବଣର ଶକ୍ତିଶାଳୀ ସେନାଙ୍କ ସହ ରାମଙ୍କର ଯୁଦ୍ଧ ଆରମ୍ଭ ହୋଇଥିଲା। ଏହି ଯୁଦ୍ଧ ପରେ ରାମ ରାବଣଙ୍କୁ ବଧ କରି ବିଭୀଷଣଙ୍କୁ ଲଙ୍କାର ରାଜଗାଦିରେ ବସାଇଥିଲେ।

ଲେପାକ୍ଷି : ଆନ୍ଧ୍ରପ୍ରଦେଶରେ ଲେପାକ୍ଷି ନାମକ ଏକ ସ୍ଥାନ ରହିଛି। ରାମାୟଣରେ ରାବଣ ଦ୍ୱାରା ସୀତା ଅପହୃତ ହେଉଥିବାର ଚାକ୍ଷୁଷ ପ୍ରମାଣ ଜଟାୟୁ ସୀତାଙ୍କୁ ଉଦ୍ଧାର କରିବା ପାଇଁ ରାବଣ ସହ ଏଠାରେ ଯୁଦ୍ଧ କରିଥିଲେ ଓ ଏହି ସମ୍ବାଦ ରାମଙ୍କୁ ଜଣାଇବା ପାଇଁ ଭୀଷଣ ଆହତ ଅବସ୍ଥାରେ ଏଠାରେ ଅପେକ୍ଷା କରିଥିଲେ।

ହାମ୍ପି : ସେହି ସ୍ଥାନ ଯେଉଁଠାରେ ରାମ ହନୁମାନଙ୍କୁ ଭେଟିଥିଲେ। ଇତିହାସରେ ମଧ୍ୟ ଏହା ବିଜୟର ସ୍ଥାନ ଭାବରେ ଉଲ୍ଲେଖ ରହିଛି। ଏହି ସ୍ଥାନରେ ପାର୍ବତୀ ଶିବଙ୍କୁ ବିବାହ କରିଥିଲେ ବୋଲି ମଧ୍ୟ ପୁରାଣରେ ବର୍ଣ୍ଣନା ରହିଛି।

ସୀତା କଟଓ୍ୱା : ଯେତେବେଳେ ରାବଣ ସୀତାଙ୍କୁ ଅପହରଣ କରିନେଇଥିଲେ ସେତେବେଳେ ସେ ତାଙ୍କୁ ଏକ ସ୍ଥାନରେ ରଖିଥିଲେ ଯାହା ବର୍ତ୍ତମାନ ସୀତା କଟଓ୍ୱା ନାମରେ ଖ୍ୟାତ।

ଦିବୁରୁମ୍ପୋଲା : ଦିବୁରୁମ୍ପୋଲା ଶବ୍ଦର ଅର୍ଥ ଶପଥର ସ୍ଥାନ। ଏହି ସ୍ଥାନ ରହିଛି ଶ୍ରୀଲଙ୍କାରେ। ରାବଣ ସହ ଯୁଦ୍ଧରେ ବିଜୟୀ ହୋଇ ଫେରିବା ପୂର୍ବରୁ ସୀତା ସେଠାରେ ଅଗ୍ନି ପରୀକ୍ଷା ଦେଇଥିଲେ।

କାନିଆ ଉଷ୍ଣପ୍ରସ୍ରବଣ : ଶ୍ରୀଲଙ୍କାର ତ୍ରିଙ୍କୋମାଲିରେ ଥିବା କାନିଆ ଉଷ୍ଣପ୍ରସ୍ରବଣ ଠାରେ ସାତଟି ଉତ୍ତପ୍ତ ଜଳର କୂପ ରହିଛି। ପ୍ରତ୍ୟେକଟି କୂପ ୩-୪ଫୁଟ ଗଭୀର। ବିଶ୍ୱାସ କରାଯାଏ ରାବଣ ନିଜେ ଏହି କୂପଗୁଡ଼ିକ ନିର୍ମାଣ କରାଇଥିଲେ।

ଉଷାଙ୍ଗୋଦା : ଶ୍ରୀଲଙ୍କାରେ ଥିବା ଏହି ସ୍ଥାନକୁ ରାବଣ ନିଜର ପୁଷ୍ପକ ବିମାନ ରଖିବା ପାଇଁ ବ୍ୟବହାର କରୁଥିଲେ ବୋଲି ବିଶ୍ୱାସ କରାଯାଏ।

ବିଶ୍ରାକ : ବିଶ୍ୱାସ କରାଯାଏ ଏହି ସ୍ଥାନ ରାବଣଙ୍କ ଜନ୍ମସ୍ଥାନ। ଏହି ଛୋଟ ଗାଁ ରହିଛି ଉତ୍ତରପ୍ରଦେଶରେ। ଭାରତରେ ଥିବା ଅଳ୍ପ କେଇଟି ରାବଣ ମନ୍ଦିର ମଧ୍ୟରୁ ଗୋଟିଏ ଏଠାରେ ଅଛି।

ମାଣ୍ଡସୌର : ମଧ୍ୟପ୍ରଦେଶର ଦଶାପୁର ବା ମାଣ୍ଡସୌର ରାମାୟଣର ବର୍ଣ୍ଣନା ଅନୁଯାୟୀ ରାବଣଙ୍କ ପତ୍ନୀ ମନ୍ଦୋଦରୀଙ୍କ ଜନ୍ମ ସ୍ଥାନ।

ଧନୁଷକୋଡି : ତାମିଲନାଡୁର ପାମ୍ବନ୍ ଦ୍ୱୀପରେ ଏକଦମ୍ ଶେଷ ମୁଣ୍ଡରେ ଥିବା ଏକ କ୍ଷୁଦ୍ର ଗାଁ ଧନୁଷକୋଡି। ରାମ ଏହିଠାରୁ ସେତୁବନ୍ଧ ଆରମ୍ଭ କରିବାକୁ ବାନରସେନାଙ୍କୁ ପରାମର୍ଶ ଦେଇଥିଲେ ବୋଲି ବିଶ୍ୱାସ କରାଯାଏ।

ନିଲାଓ୍ୱାରୀ : ନିଲାଓ୍ୱାରୀ ଜାଫନାର ଏକ ବିଖ୍ୟାତ ଗ୍ରାମ। ବିଶ୍ୱାସ କରାଯାଏ ଯେତେବେଳେ ବାନରସେନା ଲଙ୍କାରେ ଜଳାଭାବର ସମ୍ମୁଖୀନ ହେଲେ ସେତେବେଳେ ରାମ ପୃଥିବୀ ବକ୍ଷକୁ ଏକ ଶର ମାରି ଏହି ଜଳଉତ୍ସ ସୃଷ୍ଟି କରିଥିଲେ। ଏହି କୂପର ଗଭୀରତା ଆଜି ମଧ୍ୟ ମପାଯାଇ ପାରିନାହିଁ ଏବଂ ଏହି କୂପର ଜଳ କେବେ ମଧ୍ୟ ଶୁଖିନାହିଁ।

ନାଗଫେଣୀ ଗୁମ୍ଫା : ଶ୍ରୀଲଙ୍କାର ସିଗିରିଆରେ ଏକ ଗୁମ୍ଫା ରହିଛି ଯାହାର ପ୍ରାକୃତିକ ଆକାର ନାଗସାପର ଫଣା ପରି। ଏହି ଗୁମ୍ଫାରେ ମଧ୍ୟ କିଛିଦିନ ପାଇଁ ରାବଣ ସୀତାଙ୍କୁ ବନ୍ଦୀ କରିଥିଲା ଓ ଅସୁରୀମାନେ ସେଠାରେ ତାଙ୍କୁ ଜଗି ରହିଥିଲେ।

+ ଶିଖରପୁର ଉପରସାହି, କଟକ
(ମୋ) : ୮୨୮୦୯୬୩୨୮୩,

## ଆଣିଦେ ପଖାଳ ବାଢ଼ି

**ନିରାକାର ଚଇନି**



ସକାଳୁ ସକାଳୁ ଗାଧୋଇ ପାଧୋଇ
ଠାକୁରଙ୍କ ପୂଜା ସାରି
ଘର ଅଗଣାରେ ବସିଗଲେ ଜେଜେ
ଚକାସନଟିଏ ପାରି।

ବରାଦ କରିଲେ ନାତୁଣୀକୁ ତାଙ୍କ
ଆଣିଦେ ପଖାଳ ବାଢ଼ି
ଦେଖୁନୁ କେମିତି ଖରା ଆସିଲାଣି
ମହାବଳ ପରି ମାଡ଼ି।

ପଖାଳ ଖାଇକି ତୋରାଣି ପିଇଲେ
ପେଟଟି ରହିବ ଥଣ୍ଡା
କଞ୍ଚାଲଙ୍କା ସହ ଖଟା ଦଳିଦେଏ
ଲୋଡ଼ାନାହିଁ ମାଛ ଅଣ୍ଡା।

ପଖାଳ କଂସାଟି ଆମ ଓଡ଼ିଆଙ୍କ
ଅଟଇ ଜୀବନ ଧନ
ଧନୀଠୁ ଗରିବ ଖାଇବାକୁ ତାକୁ
ଉଚ୍ଛନ୍ନ ସଭିଙ୍କ ମନ।

ସହର ବଜାର ହୋଟେଲରେ ଏବେ
ମିଳଇ ଯାହାକୁ ଯେତେ
ଦେଶ ବିଦେଶରେ ଚାହିଦା ତା ?ହାର
ବଢ଼ିଲାଣି କାହିଁ କେତେ।

ପଖାଳ ଖାଇଲେ ଦୂର ହୋଇଥାଏ
ପେଟବଥା ପରି ରୋଗ
ଦହି ପଖାଳଟି ଜଗନ୍ନାଥଙ୍କର
ଅଟଇ ତ ପ୍ରିୟ ଭୋଗ।

+ ଶିକ୍ଷକ, ସରକାରୀ ପ୍ରାଥମିକ
ବିଦ୍ୟାଳୟ ସୁବୁଦ୍ଧିସାହି,ଗୋଳାବନ୍ଧ,
ଜଗମୋହନପୁର, କେନ୍ଦୁଝର -୮୪
ମୋ - ୮୨୪୯୩୮୭୯୭୩

## ପ୍ରତାରଣା

**କସ୍ତୁରୀ ଚରଣ ରାଉତ**



ପ୍ରେମର ହିସାବ କରିନି ମୁଁ ସଖୀ
ଅନ୍ଧ ଭାବେ ଭଲ ପାଇଲି
ଜୀବନ ସଉଦା ଭୁଲି ଯାଇ ନିଜେ
ପ୍ରୀତିର ସଂଗୀତ ଗାଇଲି ।

ତୋ ପ୍ରେମ ମେଳାରେ ହଜିଲା ଦିନ ଠୁ
ଖୋଜି ପାଇଲିନି ରାହା
କେତେ କାଳ ସଖୀ ବୁଲୁଥିବି ଏକା
ଶୁଣିଲିନି ପଦେ ଆହା ।

ଶ୍ରାବଣ ଆସିଲା ଲୁହ ଝରାଇଲା
ବଦଳୁନି ତମ ମନ
ତୁମ ଓଠଛୁଆଁ ପ୍ରୀତି ଫଗୁଣକୁ
ଝୁରୁଛି ମୁଁ ରାତିଦିନ ।

ତୁମରି ପୁରୁଣା ଚିଠିକୁ ପଢିଲେ
କାନ୍ଦି ଉଠେ ମୋର ପ୍ରାଣ
ତୁମ ପ୍ରତାରଣା ନିରବ ଦଂଶନେ
ହେଉଛି ଲହୁଲୁହାଣ ।

+ ସତ୍ୟବାଦୀ ହାଇସ୍କୁଲ,
ଧଣ୍ଡାମାଳ
ବଲାଙ୍ଗିର
ମୋ.୮୯୧୭୩୯୭୩୪୮

## ଲକ୍ଷେ ଶାଳଗ୍ରାମେ ରତନ ବେଦୀ

**ସୁଶ୍ରୀ ଶୁଭସ୍ମିତା ମହାନ୍ତି**



ଗର୍ବ ଓ ଗୌରବ କୋଟି ଓଡିଆର
ଅଟଇ ଯେ ଶ୍ରୀମନ୍ଦିର,
ମନ୍ଦିରର ରତ୍ନ ସିଂହାସନରେ ଯେ
ବସିଛନ୍ତି ମୋ ଠାକୁର।

ରତ୍ନ ସିଂହାସନ ଅଟେ ନାମ ତା'ର
ଖଚିତ ଯେ ରତ୍ନ ମାନ,
ହୀରା, ନୀଳା, ମୋତି, ମାଣିକ, ମୁକୁତା
ଗଢ଼ା ସେହି ରତ୍ନାସନ।

ଲକ୍ଷେ ଶାଳଗ୍ରାମେ ରତନ ବେଦୀଟି
ପ୍ରତିଷ୍ଠା ଯେ ହୋଇଅଛି,
ହୀରା ଅଛି ପୂର୍ବେ, ବୈଦୁର୍ଯ୍ୟ ପଶ୍ଚିମେ
ଉତ୍ତରେ ବିଦ୍ରୁମ ଅଛି।

ଦକ୍ଷିଣେ ମୁକ୍ତା ଯେ ଅଗ୍ନି ରେ ସ୍ଫଟିକ
ମଧ୍ୟଭାଗେ ବ୍ରହ୍ମରାଗ,
ତିନି ଦିଅଁ ପାଇଁ ରତ୍ନ ସିଂହାସନରେ ଯେ
ରହିଛି ଯନ୍ତ୍ର ର ଭାଗ।

ତାରାଯନ୍ତ୍ରରେ ଯେ ବଳଭଦ୍ର ପୁଣି
ମହାପ୍ରଭୁ ଶ୍ୟାମାଯନ୍ତ୍ରେ,
ଦେବୀ ସୁଭଦ୍ରା ଯିଏ ରହି ଅଛନ୍ତି
ଭୁବନେଶ୍ୱରୀର ଯନ୍ତ୍ରେ।

ଏହି ଅଟେ ପ୍ରଭୁଙ୍କ ରତନ ବେଦୀ
ଶଙ୍ଖ ନାଭି ସିଂହାସନ,
ଅଷ୍ଟ ରତ୍ନରେ ପ୍ରସ୍ତୁତ ହୋଇଅଛି
ବିଶ୍ୱରେ ଅତି ମହାନ।

+ ନବରଙ୍ଗପୁର
(ମୋ) ୯୦୭୮୦୧୮୪୬୯

Rotary
People of Action



RTN. Josoda Nandan Ash
MEMBER
The Bar Association, Balasore
Cell : +91-9937257937
Bateswar, Po: Sunhat, Dist- Balasore-756002

With Best Compliments from:
KALINGA
ELECTRICAL
CORPORATION
KACHERY ROAD,
BALASORE -756001 (ORISSA)
PH : 265976, 262432(S),
FAX : (06782) 265927

With best Compliments from :



Parsuram Pradhan &
Associates
(A Leading Legal Firm 24x7)
Dhaulinagar, Padhuanpada, Near Vidyut Marg
Chandi Vandar, Balasore-756001, Odisha
Mob- 9861224069, 6371529710
Email : parsu.adv.bls@gmail.com

# ସ୍ୱନକ୍ଷତ୍ର ବିଶେଷାଙ୍କ



ବାଲେଶ୍ୱର ସହରରୁ ପ୍ରକାଶ ପାଉଥିବା ଦୈନିକ ଖବର କାଗଜ ଧ୍ୱନି ପ୍ରତିଧ୍ୱନିର ବାର୍ଷିକ ଉତ୍ସବରେ ମୁଁ ସମସ୍ତ ଭାଇ ଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମଗ୍ର ବିଶ୍ୱବାସୀ ସୁଖ ଶାନ୍ତିରେ ରୁହନ୍ତୁ ।

## ଲୋପାମୁଦ୍ରା ନାୟକ

ଥାନା ଅଧିକାରୀ, ବାସୁଦେବପୁର
ଭଦ୍ରକ, ଓଡ଼ିଶା



ଧ୍ୱନି ପ୍ରତିଧ୍ୱନିର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । 'ଧ୍ୱନି ପ୍ରତିଧ୍ୱନି' ଅଧିକ ଲୋକପ୍ରିୟ ହେଉ ଏତିକି ମୋର କାମନା ।

## ଶ୍ରୀମତୀ କୃଷ୍ଣା ପ୍ରଧାନ

କବୀ ଓ ସୁସାହିତ୍ୟିକା, ବାଲେଶ୍ୱର



ଧ୍ୱନି ପ୍ରତିଧ୍ୱନିର ସ୍ୱନକ୍ଷତ୍ର ଦିବସ ଅବସରରେ ଏହି ସମ୍ବାଦପତ୍ର ନିରପେକ୍ଷ ଖବର ପରିବେଷଣ କରୁ ଏତିକି କାମନା କରୁଛି ।

## ହରିହର ବେହେରା

ଚେୟାରମ୍ୟାନ୍ କ୍ଲବ ମେମ୍ବର, ଜୀବନବୀମା ନିଗମ, ବାଲେଶ୍ୱର ଶାଖା, ବାଲେଶ୍ୱର



ଧ୍ୱନି ପ୍ରତିଧ୍ୱନି ଓ ସାଗାରିକାର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ସହ ନିରୋଗ କାମନା କରୁଛି ।

## ପୀତାମ୍ବର ଦାସ

ଶିଶୁ ସାହିତ୍ୟିକ, ଗାଳ୍ପିକ, ଗୀତିକାର, ପ୍ରାବନ୍ଧିକ ଓ ନାଟ୍ୟକାର



ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ମିଳିତ ବାର୍ଷିକ ଉତ୍ସବ ଅବସରରେ ଓଡିଶାର ସମସ୍ତ ସାହିତ୍ୟପ୍ରେମୀଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା । ଦୁଇଜଣ ମିଶି ସମାଜରୁ ଅମାନବିକତାର ଅନ୍ଧକାର ଦୂର କରନ୍ତୁ, ଏତିକି ଶୁଭକାମନା ।

## ଡ. ଶିଶିର କୁମାର କର

ଶ୍ରୀକଣ୍ଠପୁର, ବାଲେଶ୍ୱର



ଦୈନିକ ଖବର କାଗଜ ଧ୍ୱନି ପ୍ରତିଧ୍ୱନିର ବାର୍ଷିକ ଉତ୍ସବରେ ମୁଁ ସମସ୍ତ ଭାଇ ଭଉଣୀ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମଗ୍ର ବିଶ୍ୱରେ ସମସ୍ତେ ସୁଖ ଶାନ୍ତିରେ ବାସ କରନ୍ତୁ ।

## କ୍ୟାପଟେନ ମନୋରଞ୍ଜନ ନାୟକ

ସହକାରୀ ଶ୍ରମ ଅଧିକାରୀ, ବାସୁଦେବପୁର ବ୍ଲକ, ବାସୁଦେବପୁର, ଭଦ୍ରକ, ଓଡ଼ିଶା



ଧ୍ୱନି ପ୍ରତିଧ୍ୱନିର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ସମ୍ବାଦପତ୍ର ସମସ୍ତଙ୍କ ଭିତରେ ଜନାଦୃତ ହୋଇ ସମାଜର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟକରୁ ଏତିକି ହିଁ କାମନା କରୁଛି ।

## ଗିରିଜା ଶଙ୍କର ଶର୍ମା

ବରିଷ୍ଠ ସାହିତ୍ୟିକ, ସମ୍ବଲପୁର



ଧ୍ୱନି ପ୍ରତିଧ୍ୱନିର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ସମ୍ବାଦପତ୍ର ସମସ୍ତଙ୍କ ଭିତରେ ଜନାଦୃତ ହୋଇ ସମାଜର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟକରୁ ଏତିକି ହିଁ କାମନା କରୁଛି ।

## ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ

ଦକ୍ଷ ସଂଗଠକ, ବାଲେଶ୍ୱର



'ଧ୍ୱନି ପ୍ରତିଧ୍ୱନି' ର ବାର୍ଷିକ ଉତ୍ସବ ଅବସରରେ ବାଲେଶ୍ୱର ବାସୀଙ୍କର ସାମଗ୍ରୀକ ବିକାଶ ପାଇଁ 'ଧ୍ୱନି ପ୍ରତିଧ୍ୱନି' ସଦା ବିକାଶର ସାଥି ହେଉ ଏତିକ କାମନା ।

## ରଶ୍ମିତା ସୀ

ଆଦର୍ଶ ଶିକ୍ଷୟିତ୍ରୀ, ବାଲିଆପାଳ, ବାଲେଶ୍ୱର



'ଧ୍ୱନି ପ୍ରତିଧ୍ୱନି' ର ବାର୍ଷିକ ଉତ୍ସବ ପାଳନ ଅବସରରେ ସମସ୍ତଙ୍କ ପାଇଁ ମୋର ଶୁଭେଚ୍ଛା ଓ ଶୁଭକାମନା । ଧ୍ୱନି ପ୍ରତିଧ୍ୱନି ଦୀର୍ଘଜୀବି ହେଉ, ଜନଜୀବନର ଜାଗ୍ରତ ପ୍ରହରୀ ପରି ନିଜ ଦାୟିତ୍ୱ ନିର୍ବାହ କରୁ ଏତିକି କାମନା ।

## ସଞ୍ଜୀବ କୁମାର ମଲ୍ଲିକ

ବିଧାୟକ ଭଣ୍ଡାରୀ ପୋଖରୀ






# ସ୍ୱନକ୍ଷତ୍ର ବିଶେଷାଙ୍କ

## ସମୁଦ୍ରର ଶୋଷ

### ଡ. ଶିଶିର କୁମାର କର



ତୁମେ ଏକ ନିର୍ମୂଳି ଲତା !
ଯିଏ ତୁମକୁ ସାହାରା ଦେଲା
ରସଦେଇ ବଢେଇଲା, ମଡେଇଲା
ଧୀରେଧୀରେ ତାକୁ କରିଲ ଦୁର୍ବଳ
ଲଟେଇଲ, ପେଟେଇଲ
ଲୁଟିଲୁଟି ତୁମର ବିସ୍ତୃତି ।

'ବାପା' 'ମା' ତୁମକୁ ଜନ୍ମଦେଇ
ନିଖାଡ଼ିଲେ
ମାଟି, ପାଣି, ପବନ
ଗଛଲତା ଭରିଲେ ପ୍ରାଣଶକ୍ତି
ସ୍କୁଲ୍ କଲେଜ୍‌ରେ ପଢିଲ ପାଠ
ମେଧାବୀ ତୁମେ ରଖିବ ଟେକ
ଅବଧାନେ ଶିଖାଇଲେ, ଭଲ
ମଣିଷ ହେବାର କଥା
ପରୀକ୍ଷା ଦେଇ ପାଇଲ ଚାକିରି
ଦେଶ ଓ ସମାଜ ଦେଲା ତୁମକୁ
ସ୍ୱୀକୃତି ।

ତୁମେ ହେଲ ପ୍ରଶାସକ, ଯନ୍ତ୍ରୀ
କଣ୍ଟ୍ରାକ୍ଟର, ବିଚାରପତି,
ତହସିଲଦାର,
ନେତା, ଓଭରସିଅର୍ ଅବା ମନ୍ତ୍ରୀ
ନୀରିହ ଜନତାଙ୍କ ସଞ୍ଚୟକୁ
ଭାବିଲ ନିଜର
ମା'ର କ୍ଷୀର ଖାଉଁ ଖାଉଁ
ଶୋଷିଲ ରକ୍ତ ବାଳକୃଷ୍ଣ ପରି
ବକ୍‌ସିସ୍, ଭେଟି,
ଉପହାର ନେଉଁ ନେଉଁ
ସାନରୁ ବଡ଼ କରିଲ ଦୁର୍ନୀତି ।

ଶୋଷ ମେଣ୍ଟିଲା ନାହିଁ
ଅଜଗର ପରି ଗିଳିଲ
ସମ୍ମୁଖରେ ଆସୁଥିବା ଖାଦ୍ୟକୁ
ଧରାପଡିଲ ଇଡି କିମ୍ବା ସବିଆଇ
ହାତରେ
ପରୀକ୍ଷା କଲ ନାହିଁ
ତୁମରି ଭାଇ-ବଂଧୁ କୁଟୁମ୍ବଙ୍କ
ତାହା ଝାଳ ବୁହା ଧନ
ଯିଏ ପାଳିପୋଷି ବଡ କରିଥିଲେ
ତୁମକୁ
ଆଜି ସେ ଅସହାୟ ଲଗାମ୍ ହୀନ
ସ୍ରୋତସ୍ୱତୀ ।

ତୁମ ଆଦର୍ଶକୁ ଅନୁକରଣ କରୁଥିବା
ପିଲା ଆଖିରେ ଲୁହ
ଜନ୍ମ ଦେଇଥିଲା ପିତା-ମାତାଙ୍କ
ଛାତିରେ କୋହ
ଗାନ୍ଧାରୀରଙ୍କ ପରି ଦେଇପାରିଲେନି
ଆଶୀର୍ବାଦ
ଅପମାନିତ ହେଲା ଜନ୍ମମାଟି,
କର୍ମମାଟି
ଭୁଷୁଡ଼ି ପଡିଲା ଲେଖକ ସାମ୍ରାଜ୍ୟ
ରାତାରାତି ହୀରୋରୁ ହେଲ ଜୀରୋ
ହେଲେ ମିଳିଲାନି ବିହିତ ଦଣ୍ଡ
ସସ୍‌ପେଣ୍ଡ ହୋଇ ନେଲ ବ୍ରେକ୍
ଘାଇଲା ବାଘ ପରି ଗର୍ଜନ କରୁ କରୁ
ନୂଆ ପାଳି ଆରମ୍ଭର ଆଙ୍କିଲ
ଲେଖାଚିତ୍ର ।

ଉଜୁଡ଼ି ଗଲା ବିଶ୍ୱାସର କାଶତଣ୍ଡି
ସର୍ବଗ୍ରାସୀ ଗ୍ରୀଷ୍ମର ତତଲା ପବନରେ
ବିବସ୍ତ୍ର ବିବେକ, ନୀରିହ ସାଧୁତା
ବଢିବଢି ଚାଲେ ସମୁଦ୍ରର ଶୋଷ
ହାଡ଼ ମାଂସ, ଚମଡ଼ା ତଳେ
ଉତ୍କଟ ବିଷ
ଲୋଭର ଅନ୍ଧାର ମଧ୍ୟରେ ଲୁଚିଯାଏ
ଚନ୍ଦ୍ରମାର ନିସ୍ତେଜ ଅବଶେଷ ।

+ ଶ୍ରୀକଣ୍ଠପୁର, ବାଲେଶ୍ୱର
(ମୋ) ୯୭୭୮୫୪୩୮୯୭

## ଅସହାୟ ବାର୍ଦ୍ଧକ୍ୟର ଆତ୍ମଲିପି

### ଅଧ୍ୟାପକ ଶ୍ରୀ ଶରତ କୁମାର ଦାସ



ବୟସ ଗଡ଼ିଗଲେ ଛୁଇଁଯାଏ ଡହକ ଲଗାଣ
ତାଳୁଠୁ ତଳିପା' ଯାଏ;
ଆଉ ଶୁଭେନା ବସନ୍ତର କଳରବ
ଦିଶେନା ହଳଦୀବସନ୍ତର ରଙ୍ଗମଖା ଦିହ ।

ଝାପ୍ସା ଲାଗେ ଦିଗନ୍ତର ଦୃଶ୍ୟ
ଖୁବ ଅସହ୍ୟ ନିଦାଘର ନିର୍ଘାତ ପ୍ରହାର।
ଗୋଟେ ହଜିଯାଇଥିବା କଞ୍ଚାଳିଆ ଜହ୍ନରାତି
ନିରୋଳାରେ ଖୋଜେ ତା' ହଜିଲା ଠିକଣା ।

ଶୃଙ୍ଖଳା ମାଟିରେ ପିଟିହୁଏ ତତଲା ପବନ;
ସ୍ପଷ୍ଟ ବାରିହୋଇପଡୁଥିବା
ବୈଶାଖର ପାଦଚିହ୍ନ ଭିତରେ
ଖଣ୍ଡିଆଭୂତର ସ୍ୱର୍ଦ୍ଧିତ ପ୍ରବେଶ।

ଭସାମେଘର ଆଖିରୁ ଝରୁପଡୁଥିବା
ଶ୍ରାବଣର ବର୍ଷା ବିନ୍ଦୁ ଲୁହଝାରନ୍ତି ନୀରବରେ ।

ଉଡ଼ନ୍ତା ଚଢେଇର ପର ଗଣୁଥିବା ମଣିଷଟି
ଆଜି ନିସ୍ତେଜ ଓ ନିର୍ବାକ
ଘୋଡ଼ା ଚଢ଼ି ବୁଲୁଥିବା ଇଚ୍ଛାମାନେ
ତା'ର ସ୍ଥାଣୁ ଓ ବିକଳାଙ୍ଗ।

କେତେ କ'ଣ ନକରିଛି ସିଏ !
କେତେଥର ନଗିଳିଛି ସେ ଜଳନ୍ତା ନିଆଁକୁ !
କେତେଥର ନବାନ୍ଧିଛି ବନ୍ଧ ସେ ଅଥଳ ଜଳରେ !

ଏବେ ସେ ପରାହତ। ତା' ମଳିନ ମୁହଁ ତଳେ
ଗୁମୁରି କାନ୍ଦୁଛି ଚଇତର ଚିତ୍ରିତ ଚଇତାଳି;
ସେଦିନର ନୀଳନୀଳ ସ୍ମୃତିସବୁ ଆଜି ରକ୍ତ ଜରଜର
ଏକାଏକା ପଥଯାତ୍ରୀ ସେ ମରୁର ଛାତିରେ ।

ମଉଳିଗଲାଣି ସମ୍ପର୍କର ବାସଫୁଲ
ଚିହ୍ନାମୁହଁ ଲାଗିଲାଣି ଅଚିହ୍ନା ଅଜଣା
ଦୂରେଇଗଲାଣି କୋଳାହଳ ସମୁଦ୍ର ତଟରୁ
ବନ୍ଦୀହେଲେଣି ସ୍ୱପ୍ନମନେ ନିର୍ଜନଦ୍ୱୀପରେ ।

କିଏ ଜଣେ ତା କାନରେ କହୁଚି ଯେପରି -
'ବହିଲାଣି ଅଣଚାଶ ବା'
ଯା' ବାନ୍ଧିଦିଏ ତୋ ପିନ୍ଧା କାନିରେ
ତୋ ଅର୍ଜିତ ସୁଖ-ଦୁଃଖ ଯେତେ ।'

ମଥାନ ଉପରୁ ସୂର୍ଯ୍ୟ ଓହ୍ଲାଇ ଆସିଲେଣି
ସରିଲାଣି ଛାଇଆଲୁଅର ଖେଳ ।

ବିଶ୍ୱାସ ଓ ଅବିଶ୍ୱାସର ପାଚେରୀ ଡେଇଁ
ସମାନ୍ତରାଳଭାବେ ହସଲୁହ ଦୁହେଁ ତା'ର
ଧାଇଁଲେଣି ଅନ୍ତରରୁ ଅନ୍ତରୀକ୍ଷ।

ଏକାନ୍ତ ଅସହାୟ ହୋଇ ଖୋଜୁଛି ସେ
ଏକ ନିରୁଦ୍ଦିଷ୍ଟ ଇଲାକାର ଠିକଣା
ବନ୍ଦ କୋଠରୀର ଅନ୍ଧାରୀ ଉପତ୍ୟକାରେ ।

ଲେଖୁଛି ବସି ସେ ନୀରବରେ
ତା' ଅସହାୟ ବାର୍ଦ୍ଧକ୍ୟର ପାଉଁଶିଆ ଆତ୍ମଲିପି ।

ରାଜନୀତି ବିଜ୍ଞାନ ବିଭାଗ,
ବଡବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର-୭୫୮୦୩୫
ମୋ-୮୨୪୯୧୩୭୦୯୧

## ପ୍ରହସନ

### ପୁଷ୍ପାଞ୍ଜଳି ପଣ୍ଡା



କାଲି ସକାଳର ମଣିଷଟା
ଏବେ ପ୍ରେତ..!!
ବାଡ଼ି ପଟେ ଥୁଆ ହେଉଛି
ପିଢା, ପାଣି, ଭାତ ....!!

ଖାଁ ଖାଁ ଲାଗୁଥିବା ଘରଟା
ଆଜି ଘୋ ଘାରେ ଫାଟିପଡୁଛି ,
ବୁଢାଟା ଏତେ ଭଲ
ନଖିନାନୀ ବି କହୁଛି ।
ବୁଢାଟା ଭାରି ପୁଣ୍ୟବାନ
ଅଜୁ ଗୋସାଇଁ ମାନିଛି ।

ବୁଢ଼ୀ ଯିବାପରଠୁ
ବୁଢ଼ାକୁ ହସିବାର କିଏ ଦେଖିଛି ?
ବ୍ରାହ୍ମଣ ଭୋଜନରେ
ସବୁ ଅଜାଡି ଦେବା ।
କାଳେ ବୁଢାର
ଆଶୀଷ ପାଇଯିବା ।
ତେର ଦିନକୁ ତିନଦିନ ମନେକରି
ଶୁଦ୍ଧି ଶ୍ରାଦ୍ଧ ସବୁ ସାରିଦବା।

କାଲି ତ ଦୀପ ଜଗିବାରେ
ପାଳି ଆରମ୍ଭ ହେଇଛି
ସାନ ପୁଅ ବଡ଼ପୁଅ
ପରିବାର ଆରମ୍ଭ କଲେଣି
କେବେ ଏ ଝିଂଝଟ ସରିବ
କେଜାଣି ?

ଶାନ୍ତି ଉଦକର ପବିତ୍ର ପାଣି,
ଦେହରୁ, ମନରୁ ଛୁଆଁ
କଟେ କି ନାହିଁ କେଜାଣି ?
କିନ୍ତୁ ତୁମେ ନାହିଁ......!
ଏ ସତକୁ ଗ୍ରହଣ କରି ହେଉନି ।
ଶରୀର ଛାଡ଼ି ଆଉକିଛି ଅନ୍ୟଆଡେ
ଥାଏ କି ଜୀବନ ...!!
ସେଇଥିପାଇଁ ବୋଧେ ଏଇ
ମୃତ୍ୟୁକ୍ରିୟାର ପ୍ରହସନ....!!

+ କେନ୍ଦ୍ରାପଡ଼ା
(ମୋ) ୯୮୬୧୪୫୭୫୬୩

## ମୁଁ ଜାଣିନି କି ତୁମେ ଜାଣିନ !

### ହରେରାମ ପଣ୍ଡା

ମୁଁ ଜାଣିନି କି ତୁମେ ବି ଜାଣିନ
କାହା ମନରେ ବା କି ଭାବ ଅଛି ,
ଅଚାନକ କେବେ ଘଟିପାରେ କିଛି
ଭଲ କିବା ମନ୍ଦ କିଏ ଜାଣିଛି ?
ସମୟ ସାଥିରେ ଯୁଦ୍ଧ କରି କେହି
କହି ପାରିବନି ଜିତିବ ବୋଲି ,
ଆଲୋକର ସ୍ୱପ୍ନ ଯିଏ ବି ଦେଖୁଛି
ହୁଏତ ଅନ୍ଧାର ଦେଖିବ କାଲି ।
କେତେ ସଞ୍ଜ ଆଉ ସକାଳ ଦେଇଛି
କେତେ ଅନୁଭବ , କେତେ ସାନ୍ତ୍ୱନା
ସୁଖର ସଉଦା କରିବାକୁ ଯାଇ
ସାଉଣ୍ଟିଛି କେତେ ଦୁଃଖ ଯାତନା ।
ଜୀବନର ପଥ ଭାରି ଅଙ୍କାବଙ୍କା
କେତେ ଖାଲଖମା ନ ପଡ଼େ ଜଣା ,
କିଏ ବା ଜାଣିଛି ଚାଲୁ ଚାଲୁ ବାଟେ
କେବେ ଘଟିପାରେ କିଛି ଘଟଣା ।
ସମ୍ପର୍କ ଚେହେରା ସ୍ୱାର୍ଥ ସାମନାରେ
ଦିଶେ ଆଜି ସତେ କେତେ ମଳିନ ,
କିଏ ପର ଏଠି , କିଏ ଆପଣାର
ମୁଁ ଜାଣିନି କି ତୁମେ ଜାଣିନ !

ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ , ମେରଦା କାଟିଆଛକ ,
ଯାଜପୁର
(ମୋ) ୯୪୩୮୦୬୫୧୯୫

## କିବା ଅସାଧ ମହୀ ତଳେ

### କିଶୋର କୁମାର ଜେନା



ଆମେ ପ୍ରତ୍ୟେକେ ହେଉଛୁ ଜଣେ ତୀର୍ଥଯାତ୍ରୀ। ଆମେ ଚାଲିଯିବା ପାଇଁ ଆସିଥାଉଁ। ଈଶ୍ୱର ହିଁ ଆମର ଲକ୍ଷ୍ୟସ୍ଥଳ। ଆମେ ଯେଉଁ ଉତ୍ତରାଧିକାର ହରାଇବସିଛୁ, ଯେଉଁ ଉତ୍ତରାଧିକାର ସୂତ୍ରରେ ପାଇଥିବା ସମ୍ପତ୍ତି ବିଷୟ ଆମେ ପାଶୋରି ଯାଇଛୁ, ସେହି ଅଧିକାର, ସେହି ସମ୍ପତ୍ତି ଅନ୍ୱେଷଣ କରିବା ହିଁ ଆମର କାର୍ଯ୍ୟ। ଈଶ୍ୱରଙ୍କ ସହିତ ଆମର ଅଭିନ୍ନତ୍ୱ ରହିଛି - ଏ ବିଷୟରେ ଏକ ସଚେତନ ଉପଲବ୍ଧି ଜାଗ୍ରତ କରାଇବା ହିଁ ଜୀବନର ପ୍ରଧାନ ମୌଳିକ ଲକ୍ଷ୍ୟ। ଏଥିରୁ ପୃଥକ ହୋଇଗଲେ ଜୀବନର କୌଣସି ଅର୍ଥ ରହେନାହିଁ। ଜୀବନ ଯେତେବେଳେ ପୂର୍ଣ୍ଣ ବା ସାମୂହିକ ହୋଇଯାଏ, ଯେତେବେଳେ ଜୀବାତ୍ମା ପରମାତ୍ମାରେ ମିଳିତ ହୋଇଯାଏ, ସେତେବେଳେ ଜୀବନ ସାର୍ଥକ ଓ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଯାଏ।

ଏହି କଳିଯୁଗରେ ମଣିଷର ଆବଶ୍ୟକତା ବହୁ ପରିମାଣରେ ବୃଦ୍ଧି ପାଇଛି। ଆମ ଭିତରେ ଥିବା ଉପଭୋଗ, କାମନା ଏବଂ ଲୋଭକୁ ସନ୍ତୋଷ କରିବା ନିମନ୍ତେ ଅସୀମ ପରିମାଣରେ ଦ୍ରବ୍ୟ ଆମେ ଚାହୁଁ। ଏପରିକି ଦ୍ରବ୍ୟର ଆବଶ୍ୟକତା ଥାଉ କି ନଥାଉ ସେଥିରେ କିଛି ଯାଏ ଆସେନାହିଁ। ଆମେ ନିଜ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଦ୍ରବ୍ୟ ରଖିବାକୁ ଚାହୁଁ। ନେତ୍ର ଦେଖଇ ଯାହା ଚର୍ତୁଦିଗର ମନ ଚାହେଁ ହେବାକୁ ତାହାର ଅଧିଶ୍ୱର। ଏସବୁକୁ ଉପଭୋଗ କଲେ ମଧ ମାୟାର ଜାଲ ଯୋଗୁଁ ପ୍ରକୃତ ଶାନ୍ତି ଏବଂ ସନ୍ତୋଷ ଦୂରକୁ ଚାଲିଯାଏ। ମନ ମାନେ ନାହିଁ। ଆମର ବୈଜ୍ଞାନିକମାନେ ନିଜର ମସ୍ତିଷ୍କକୁ ଲଗାଇ ପର୍ଯ୍ୟାପ୍ତ ପରିଶ୍ରମ କରି ଦ୍ରବ୍ୟମାନ ଉଦଭାବନା ବା ଆବିଷ୍କାର କରନ୍ତି। ଗଣମାଧ୍ୟମରେ ତାହାର ପ୍ରଚାର ହୁଏ। ସେ ଏହାକୁ ହାସଲ କରିବା ନିମନ୍ତେ ସବୁ ପ୍ରକାରର ଉଦ୍ୟମ କରିଥାଏ। ଏହାକୁ ହାସଲ କରିବା ନିମନ୍ତେ ଉଦ୍ୟମ କଲାବେଳେ ଏହାର ଉପଯୋଗିତା ତାହା ନିମନ୍ତେ ଅଛି କି ନାହିଁ ତାହାର ବିଚାର ମଧ ସେ କରେନାହିଁ। ଗବେଷଣା ଏବଂ ବିଭିନ୍ନ ଉଦ୍ୟମ ଫଳରେ ବହୁ ଦ୍ରବ୍ୟ ଆମେ ଦେଖିବାକୁ ପାଇଥାଉ। ଏତେସବୁ ଦ୍ରବ୍ୟ ଦେଖି ଜୀବ ମଧ୍ୟରେ ଲୋଭ ସୃଷ୍ଟି ହୁଏ। ଏହି ଲୋଭ ଏତେ ପ୍ରବଳ ହୁଏ ଯେ ଦ୍ରବ୍ୟକୁ ହାସଲ ନକରିବା ପର୍ଯ୍ୟନ୍ତ ମନରେ ଶାନ୍ତି ମିଳେନାହିଁ। ଏଥିନିମନ୍ତେ ସେ ଯାହା କିଛି କରିଦେବାକୁ ପଛାଏ ନାହିଁ। ହୁଏତ ଉଦ୍ୟମ ଫଳରେ ଆମକୁ ସଂପୂର୍ଣ୍ଣ ଭାବେ କିମ୍ବା କିଛି ପରିମାଣରେ ଦ୍ରବ୍ୟ ମିଳେ; କିନ୍ତୁ ଏହି ମିଳିବାରେ ଶାନ୍ତି ଆସେ ନାହିଁ। ଦ୍ରବ୍ୟକୁ ଉପଭୋଗ କରୁଥିବା ସମୟରେ ହିଁ ପ୍ରକୃତ ଶାନ୍ତି ଠେଲି ଦେଇ ଚାଲିଯାଏ ଏବଂ ମନ ଭିତରକୁ ଏହି ଅସନ୍ତୋଷ ପଶିଆସେ।

ଜୀବନ ହେଉଛି ଏକ ଚେତନାର ସ୍ରୋତ। ଜୀବନର ପ୍ରତିଟି ଅଣୁ ସ୍ପନ୍ଦନଶୀଳ। ସକଳ ବସ୍ତୁରେ ଜୀବନ ବିଦ୍ୟମାନ। ନିର୍ଜୀବ ବୋଲି କୌଣସି ବସ୍ତୁ ହିଁ ନାହିଁ। ଖଣ୍ଡିଏ ପଥରର ବି ଜୀବନ ରହିଛି। ବସ୍ତୁମାତ୍ରେ ଯେ ଜୀବନର ସ୍ପନ୍ଦନରେ ପୂର୍ଣ୍ଣ, ତାହା ଅତ୍ୟାଧୁନିକ ବୈଜ୍ଞାନିକମାନେ ସଂପୂର୍ଣ୍ଣରୂପେ ପ୍ରମାଣ କରିସାରିଛନ୍ତି।

ଆମ ଭିତରୁ ଅନେକ ଜାଣନ୍ତି ଯେ ସନ୍ତୋଷ ହେଉଛି ମାନସିକ ସ୍ଥିତିରେ ପରିବର୍ତ୍ତନ ବା ଏକ ଅନୁଭୂତି। ଯଦି ଜଣେ ବ୍ୟକ୍ତିଙ୍କର ଅନ୍ୟ ମାନଙ୍କ ପାଖରେ ଥିବା ଦ୍ରବ୍ୟଟି ନଥାଏ ଏବଂ ତାହାକୁ ଲାଭ କରିବା ପାଇଁ ସେ ବହୁତ ଚିନ୍ତା କରନ୍ତି ତେବେ ସେ କ୍ଷେତ୍ରରେ ତାଙ୍କ ମନରେ କିପରି ସନ୍ତୋଷ ପ୍ରବେଶ କରିବ ? ମୋର ନାହିଁ ମୋର ନାହିଁ ବୋଲି ଯଦି ସବୁବେଳେ ସେ କହେ ତେବେ ତାଙ୍କୁ ଶାନ୍ତି ମିଳିବ କି ? ତେଣୁ ଈଶ୍ୱରଙ୍କ ଆଶୀର୍ବାଦରୁ ଆମକୁ ଯାହା ମିଳିଛି ସେଥିରେ ଆମେ ତୁଷ୍ଟ ହୋଇ ତାହାକୁ ଉପଭୋଗ କଲେ ଶାନ୍ତି ମିଳିବ। ସନ୍ତୋଷ ହେଉଛି ଏକ ସହଜାତ ପ୍ରବୃତ୍ତି। ଏହା ଆକାଶରୁ ଖସି ପଡ଼େ ନାହିଁ। ଏହି କଳିଯୁଗରେ ଆମେ ଅନ୍ୟକୁ ଅନୁକରଣ କରି ଆମୋଦ ପ୍ରମୋଦ ମଧ୍ୟରେ ଜୀବନ ବିତାଇବା ମଧ୍ୟରେ ମଜ୍ଜି ରହୁଛେ। ଈଶ୍ୱର ଯେଉଁ କାର୍ଯ୍ୟ ନିମନ୍ତେ ଆମକୁ ଏହି ଭବ ସାଗରକୁ ପଠାଇଛନ୍ତି ତାହା ସଂପାଦନ କରିବା ପରେ ଆମକୁ ସନ୍ତୋଷ ପ୍ରାପ୍ତି ନିମନ୍ତେ ଈଶ୍ୱରଙ୍କ ଶରଣାପନ୍ନ ହେବାକୁ ପଡ଼ିବ। ଯେତେ ଶୀଘ୍ର ହେବ ସେତେ ଭଲ। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ କାଳଜୟୀ ସ୍ମରଣୀୟ ଧାଡ଼ିଟି ମନେପଡୁଛି - 'ଧନଜନ ଦୁହେଁ ଚିରଶତ୍ରୁ ଭବେ, କିଏ କି ନ ଜାଣେ କାହିଁ ? ଧନ ରହିଥାଏ ପୁରି ଯେ ଠାବେ ଲୋ, ଜନ ତ ଆସଇ ନାହିଁ। ଧନ ଯାଏ ମର୍ତ୍ତ୍ୟେ ବୋଲନ୍ତି ସତେ ସେ, ଦିନ ଦୁଇକଥା ସିନା, ଲକ୍ଷ୍ମୀଙ୍କ ନିଗ୍ରହେ କୁବେର କେତେଲୋ, ପିନ୍ଧୁଛନ୍ତି ଚିରା କନା। ଦୁଃଖୀ ପାଇଁ ଦିନେ, କାହାରି ଜଗତେ, ନକାନ୍ଦେ ଅନ୍ତର ତିଳେ, ଯାହାର ଯେତିକ ଧନମାନ ଶିରୀ, ପୂଜା ତାର ମହୀତଳେ।' ଭାଗବତ ମଧ ଯଥାର୍ଥରେ ଉଲ୍ଲେଖ ହୋଇଛି - 'ଧନ, କାର୍ପଣ୍ୟ ସେବା ତଳେ, କିବା ଅସାଧ ମହୀ ତଳେ।'

ଆଇନଜୀବୀ,
ବଙ୍ଗାଳିସାହି, କଟକ
(ମୋ) ୭୩୨୫୯୦୪୯୨୭/
୭୩୭୭୪୩୯୦୭୭

## ଚାଷୀ ଭାଇ ଓ ଭଉଣୀମାନଙ୍କ ନିମନ୍ତେ କୃଷି ପରାମର୍ଶ

୧. ସିଏମ କିଷାନ ଯୋଜନା ରାଜ୍ୟସରକାରଙ୍କର ଏକ ଯୁଗାନ୍ତକାରୀ ଯୋଜନା ଏହି ଯୋଜୋନାରେ ସାମିଲ ହେବା ପାଇଁ ବାଦ ରହିଯାଇଥିବା କ୍ଷୁଦ୍ର ନାମମାତ୍ର ଏବଂ ଭୂମିହୀନ ଚାଷୀ ଭାଇ ଓ ଭଉଣୀ ମନେ ସିଏମ କିଷାନ ପୋଟାଲରେ ଆବେଦନ କରି ପାରିବେ ।
୨. ସିଏମ କିଷାନ ଯୋଜନା ଓ ପିଏମ କିଷାନ ଯୋଜନାରେ ଯୋଗ୍ୟ ବିବେଚିତ ହେବା ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ କିମ୍ବା ଜନସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ।
୩. ଉତ୍ତମ ଫସଲ ଓ ଜମିର ସୁରକ୍ଷା ତଥା ମାଟିର ସ୍ୱାସ୍ଥ୍ୟ ବିଷୟରେ ଜାଣିବା ପାଇଁ ମାଟି ପରୀକ୍ଷା କରାଇ ଫଳାଫଳ ମୁତାବକ ଜମିରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ ।
୪. ଫସଲ ଚାଷ ପୂର୍ବରୁ ବିହନକୁ କାର୍ବେଣ୍ଡାଜିମ, ଥିରାମରେ ବିଶୋଧନ କରି ଚାଷ କାର୍ଯ୍ୟରେ ଲଗାନ୍ତୁ।
୫. ଅଧିକ ଅମଳ ପାଇବା ପାଇଁ ଅଧିକ ଅମଳକ୍ଷମ ବିହନ ଓ ଶଙ୍କର ଜାତୀୟ ବିହନ ପଞ୍ଜୀକୃତ ବିହନ ବିକ୍ରୟ କେନ୍ଦ୍ର କିମ୍ବା ପ୍ରାଥମିକ କୃଷି ସେବା ସମବାୟ ସମିତିରୁ କ୍ରୟ କରନ୍ତୁ ଓ ଗଜା ପରୀକ୍ଷା କରି ଚାଷ କାର୍ଯ୍ୟରେ ବ୍ୟବହାର କରନ୍ତୁ ।
୬. ପ୍ରାକୃତିକ ଦୁର୍ବିପାକ ଦାଉରୁ ଫସଲ କ୍ଷୟକ୍ଷତିର ଭରଣା ପାଇଁ 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା'ରେ ପଞ୍ଜୀକୃତ କରାନ୍ତୁ। ଏଥିପାଇଁ ନିକଟସ୍ଥ ସେବା ସମବାୟ ସମିତି / ବିଭିନ୍ନ ଜାତୀୟକରଣ ବ୍ୟାଙ୍କ / ବୀମା କମ୍ପାନୀ ଏଜେଣ୍ଟ / ଗ୍ରାମ୍ୟ କୃଷି କର୍ମଚାରୀ / ବ୍ଲକ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ । ( ଋଣୀ ଏବଂ ଅଣଋଣୀ ଚାଷୀଙ୍କ ନିମନ୍ତେ )
୭. ଫସଲର ଉତ୍ପାଦନ ବୃଦ୍ଧି ନିମନ୍ତେ ସମନ୍ୱିତ ଖାଦ୍ୟସାର ଓ ରୋଗପୋକ ପରିଚାଳନା କରନ୍ତୁ ।
୮. କୃଷି ଉଦ୍ୟୋଗ ପ୍ରତିଷ୍ଠା କରି ପାରମ୍ପରିକ କୃଷିକୁ ବ୍ୟବସାୟିକ କୃଷିରେ ପରିଣତ କରି କୃଷକର ଆୟ ବହୁଗୁଣିତ କରିବା ପାଇଁ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' (**MKUY**) ରେ ଅନ୍ତର୍ଭୁକ୍ତ ହେବ ପାଇଁ ଆପିକଲର ୱେବସାଇଟ **www.apicol.nic.in** ମାଧ୍ୟମରେ ପଞ୍ଜୀକରଣ କରନ୍ତୁ। ଏହି ଯୋଜନାରେ ସାଧାରଣ ବର୍ଗର ପୁରୁଷ ଉଦ୍ୟୋଗୀମାନଙ୍କ ପାଇଁ ୪୦% ଓ ଅନୁସୂଚିତ ଜାତି/ ଜନଜାତି / ମହିଳା ଉଦ୍ୟୋଗୀ/ ଭିନ୍ନକ୍ଷମ ବ୍ୟକ୍ତି ତଥା କୃଷି ଓ ଆନୁଷଙ୍ଗିକ ବିଷୟରେ ସ୍ନାତକମାନଙ୍କ ପାଇଁ ୫୦% ତଥା ସର୍ବୋଚ୍ଚ ୧ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ରହିଛି । ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ଗ୍ରାମ୍ୟ କୃଷି କର୍ମଚାରୀ / ବ୍ଲକ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।
୯. 'ବଳରାମ' ଯୋଜନାରେ ଭାଗଚାଷୀ ମାନେ ମିଳିତ ଦେୟ ଗୋଷ୍ଠୀ (**JLG**) ଗଠନ କରି **NABARD** ମାଧ୍ୟମରେ ଫସଲ ଋଣ ପାଇବା ପାଇଁ ନିଜ ଅଞ୍ଚଳର କୃଷକ ସାଥିଙ୍କ ସହିତ ଯୋଗାଯୋଗ କରନ୍ତୁ ।
୧୦. ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପାଇଁ କୃଷି ଯନ୍ତ୍ରପାତି ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉଅଛି। **ATMA** ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ କରିବା ପାଇଁ **revolving fund E** ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା ରହିଛି । ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।
୧୧. ସମନ୍ୱିତ କୃଷି ପ୍ରଣାଳୀ (**IFS**) ଯୋଜନାରେରେ କୃଷି ଓ ଆନୁଷଙ୍ଗିକ ବିଭାଗର ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତ କରି ଏହା ବାବଦରେ ସରକାରୀ ରିହାତି ପାଇବା ନିମନ୍ତେ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।
୧୨. କୃଷି ଓ ଆନୁଷଙ୍ଗିକ ବିଭାଗର ବିଭିନ୍ନ ସରକାରୀ ସୁବିଧା ପାଇବା ନିମନ୍ତେ ଚାଷୀମାନେ ନିକଟସ୍ଥ ଜନ ସେବା କେନ୍ଦ୍ର / ମୋ ସେବା କେନ୍ଦ୍ର ଠାରେ **Farmer Registry,** କୃଷକ ଓଡିଶା ଓ ଗୋ-ସୁଗମ ପୋର୍ଟାଲରେ ନାମ ପଞ୍ଜୀକରଣ କରାଇନିଅନ୍ତୁ।
୧୩. କୃଷି ସମ୍ବନ୍ଧୀୟ ସମସ୍ତ ପରାମର୍ଶ ପାଇଁ **Krushi Samruddhi** ଟୋଲ ଫ୍ରି ନମ୍ବର ୧୫୫୩୩୩ ରେ ଯୋଗାଯୋଗ କରନ୍ତୁ ।

**ସ୍ୱା/-**
**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ବାଲେଶ୍ୱର**

## ରଖିବା ଦେଶର ନାମ

### ସାବିତ୍ରୀ ମଲ୍ଲିକ

ବାଣିଜ୍ୟ କରିବା ନିମନ୍ତେ ବିଦେଶୀ
ଦେଶକୁ ଆସିଲେ ପଶି,
ଶାସନ କରିଲେ ଏମିତି ଆମକୁ
ପାରିଲୁନି ଟିକେ ହସି ।

ଉଚ୍ଚ ପଦବୀରେ ରହୁଥିଲେ ସେହି
ଆମକୁ ତଳକୁ ରଖି,
ମାଡ଼ ମାରି ଘୃଣା କରୁଥିଲେ ,ହୀନ
ନଜରରେ ଥିଲେ ଦେଖି।

ବହୁଦିନ ଧରି ପରାଧୀନ ଥିଲା
ଆମର ଭାରତ ଦେଶ,
ଲଢେଇ କରିକି ସ୍ୱାଧୀନ ଆଣିଲେ
ଅନେକ ମହାପୁରୁଷ।

ଭାରତ ମାତାର ସୁଯୋଗ୍ୟ ସନ୍ତାନ
ଦେଶକୁ ସ୍ୱାଧୀନ କରି,
ଜୀବ ଦାନ ଦେଲେ ଅକାଳରେ
ପରା
ଅନିଷ୍ଟ ନକରି କା'ରି।

ପ୍ରତି ବରଷରେ ଅଗଷ୍ଟ ମାସର
ପନ୍ଦର ତାରିଖ ଦିନ,
ଆମେ ଭାରତୀୟ ତ୍ରିରଙ୍ଗା ଉଡାଇ
ରଖୁ ଆମ ଦେଶ ମାନ।

ତ୍ରିରଙ୍ଗା ନାମରେ ନାମିତ ପତାକା
ତିନି ରଙ୍ଗେ ଅଛି ଗଢ଼ା,
ସାହସ ଶକତି ସମୃଦ୍ଧି କୁ ନେଇ
ଅନୁଷ୍ଠାନେ ହୁଏ ଉଡ଼ା।

ଗଣତନ୍ତ୍ର ଭାରତର ପ୍ରତୀକ ଏ
ଜନ ଦ୍ୱାରା ଗଢ଼ା ହେଲା,
ଶାସନ ଦେଶର ଚଳିବା ନିମନ୍ତେ
ସମ୍ବିଧାନ ଲେଖା ଗଲା।

ଆମେ ଦେଶବାସୀ ସଦା ହସି ହସି
ରଖିବା ଦେଶର ନାମ,
ଏକାଠି ରହିବା ଭାଇ ଭାଇ ହୋଇ
କରିବାନି ଘୃଣ୍ୟ କାମ।

ଦଶରଥପୁର, ଯାଜପୁର ଓଡ଼ିଶା

# ସ୍ୱନକ୍ଷତ୍ର ବିଶେଷାଙ୍କ


DR. NIRMALYA MOHAPATRA
MBBS, MD (PMR)
fellowship in Pain Medicine (Aiims, New Delhi)
Assistant Professor ( PMR)
Dept. of Orthopaedic
F.M Medical College
Hospital Balasore

First Time in Balasore

ବିନା ଅସ୍ତ୍ରୋପଚାରରେ ଯନ୍ତ୍ରଣାରୁ ମୁକ୍ତି
ଭଲ ନ ହେଉଥିବା ପୁରୁଣାରୁ ପୁରୁଣା ଯନ୍ତ୍ରଣା

For all Orthopedic, Neurological, Rheumatological and Other Chronic Pain Conditions

- ଆଣ୍ଠୁ ଯନ୍ତ୍ରଣା ହେବା
- ନ୍ୟୁରୋଲୋଜି ଯନ୍ତ୍ରଣା
- ସ୍ପଣ୍ଡିଲାଇଟିସ୍ ଯନ୍ତ୍ରଣା
- ସିଆଟିକା ଯନ୍ତ୍ରଣା
- ବିଭିନ୍ନ ଗଣ୍ଠି ଯନ୍ତ୍ରଣା ହେବା
- ର୍ୟୁମାଟୋଏଡ଼ଆର୍ଥ୍ରାଇଟିସ
- ଆଙ୍କାଲୋଜିଙ୍ଗ ସ୍ପଣ୍ଡିଲାଇଟିସ
- ଗାଉଟ୍ ଏବଂ ହାଇ ୟୁରିକ୍ ଏସିଡ୍

ବ୍ୟଥା କ୍ଲିନିକ୍

Consult - Everyday

MAA VAISHNOBI MEDICINE STORE & CLINIC
ମା' ବୈଷ୍ଣବି ମେଡ଼ିସିନ୍ ଷ୍ଟୋର ଏବଂ କ୍ଲିନିକ୍
ଜେଲ୍ ରୋଡ଼, ବାଲେଶ୍ୱର, ମୋ : 7978360737/ 9853608262
ଏଠାରେ କଟକ ଏବଂ ଭୁବନେଶ୍ୱର ଡାକ୍ତର ମାନଙ୍କ ଦ୍ୱାରା ପ୍ରେସକ୍ରାଇବ ସମସ୍ତ ଡାକ୍ତରୀ ଔଷଧ ସୁଲଭ ମୂଲ୍ୟରେ ମିଳେ ।




ଧ୍ୱନି ପ୍ରତିଧ୍ୱନିର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । 'ଧ୍ୱନି ପ୍ରତିଧ୍ୱନି' ଅଧିକ ଲୋକପ୍ରିୟ ହେଉ ଓ ସାଧାରଣ ଲୋକଙ୍କର ସୁଖ ଦୁଃଖର ସାଥୀ ହେଉ ଏତିକି ମୋର କାମନା ।

## ଶ୍ରୀମତୀ ଅଂଜଳି ପଣ୍ଡା

କବୀ ତଥା ସୁସାହିତ୍ୟିକା, ବାଲେଶ୍ୱର

'ଧ୍ୱନି ପ୍ରତିଧ୍ୱନି'ର ବାର୍ଷିକ ଉତ୍ସବ ପାଳନ ଅବସରରେ ବାଲେଶ୍ୱର ବାସୀଙ୍କର ସାମଗ୍ରୀକ ବିକାଶ ପାଇଁ 'ଧ୍ୱନି ପ୍ରତିଧ୍ୱନି' ସଦା ବିକାଶର ସାଥି ହେଉ ଏତିକ କାମନା ।

## କବି ଭାରତୀ ସରିତା ମହାନ୍ତି

ବାଲିଆପାଳ, ବାଲେଶ୍ୱର





ଓଡ଼ିଶାର ସ୍ୱନାମଧନ୍ୟ ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି'ର ବାର୍ଷିକ ଉତ୍ସବ ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ଓ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ଓ ଶୁଭକାମନା ।

## ପ୍ରମିଳା ପଣ୍ଡା

ନଗରପାଳ, ବିଜ୍ଞାପିତ ଅଂଚଳ ପରିଷଦ, ଉଦଳା



ଓଡ଼ିଶାର ଦୈନିକ ନିରପେକ୍ଷ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି'ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ରାଜ୍ୟର ସମସ୍ତ ଭାଇଭଉଣୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

## ଡ. ତପନ କୁମାର ବେହେରା

ଅଧକ୍ଷ, ନୀଳମଣି ମହାବିଦ୍ୟାଳୟ, ରୁପ୍ସା, ବାଲେଶ୍ୱର

'ଧ୍ୱନି ପ୍ରତିଧ୍ୱନି' ର ବାର୍ଷିକ ଉତ୍ସବ ଅବସରରେ ବାଲେଶ୍ୱର ବାସୀଙ୍କର ସାମଗ୍ରୀକ ବିକାଶ ପାଇଁ 'ଧ୍ୱନି ପ୍ରତିଧ୍ୱନି' ସଦା ସର୍ବଦା ସାଥିଟିଏ ହୋଇ ଥାଉ, ଏତିକ କାମନା ।



## ଇଂ. ହୃଷିକେଶ ସାହୁ

ଲେଖକ ଓ ସମାଜସେବୀ ବାଲେଶ୍ୱର


LN
916 Hallmark Gold
LAXMI NARAYAN JEWELLERY
Motiganj, Balasore, Ph: 06782- 262754
Extension Counter :
V.N. Marga, Balasore, Ph : 06782- 265495
Web : www.lnjewellery.com
22 ct & KDM Gold Ornaments


'ଧ୍ୱନି ପ୍ରତିଧ୍ୱନି' ର ବାର୍ଷିକ ଉତ୍ସବ ଅବସରରେ ସମସ୍ତଙ୍କ ପାଇଁ ମୋର ଶୁଭେଚ୍ଛା ଓ ଶୁଭକାମନା । ସମ୍ବାଦପତ୍ରଟି ଦୀର୍ଘାୟୁ ହେଉ, ଏତିକି କାମନା କରିବି ।



## ସିଦ୍ଧାଂଶୁ ଶେଖର ମହାପାତ୍ର

ବିଧାୟକ, ଭଦ୍ରକ



ଧ୍ୱନି ପ୍ରତିଧ୍ୱନିର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ସମ୍ବାଦପତ୍ର ସମସ୍ତଙ୍କ ପାଖରେ ଆଦୃତି ଲଶଭ କରିବା ସହ ସମାଜର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟକରୁ ଏତିକି କାମନା କରୁଛି ।

## ସଂଜୀବ କୁମାର ମଲ୍ଲିକ

ବିଧାୟକ, ଭଣ୍ଡାରୀ ପୋଖରୀ



ଧ୍ୱନି ପ୍ରତିଧ୍ୱନିର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ସମ୍ବାଦପତ୍ର ସମସ୍ତଙ୍କ ଭିତରେ ନବ ଜାଗରଣ ସୃଷ୍ଟି କରିବା ସହିତ ଜନାଦୃତ ହେଉ, ଏତିକି ହିଁ କାମନା କରୁଛି ।

## ଇଂ ମଧୁସୂଦନ ସିଂ

ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ ଇଂଜିନିୟର
ପବ୍ଲିକ ହେଲ୍ଥ ସବଡିଭିଜନ, ଭଦ୍ରକ


with best Compliments from : (M) 9439656277

SIDDHESWAR COLLEGE OF PHARMACEUTICAL SCIENCES

At/Po : Amarda Road- 756030 Dist : BALESWAR, ODISHA
Approved by Pharmacy Council of India, New Delhi, Govt of Odisha
&
Affiliated to Odisha State Board of Pharmacy
Bhubaneswar




ଧ୍ୱନି ପ୍ରତିଧ୍ୱନିର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ସମ୍ବାଦପତ୍ର ସମସ୍ତଙ୍କ ଭିତରେ ଜନାଦୃତ ହୋଇ ସମାଜର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟକରୁ ଏତିକି ହିଁ କାମନା କରୁଛି ।

## ପରେଶ ରାମ୍ଭ ମହାପାତ୍ର

ବରିଷ୍ଠ କବି
ରାଜମୁକୁନ୍ଦପୁର, ଭଦ୍ରକ



ଓଡ଼ିଶାର ସ୍ୱନାମଧନ୍ୟ ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି'ର ବାର୍ଷିକ ଉତ୍ସବ ୨୦୨୫ ପାଳନ ଅବସରରେ ହାର୍ଦ୍ଦିକ ଶୁଭକାମନା ଶୁଭେଚ୍ଛା ସହ...

## ଶୁଭ୍ରାନ୍ତ ତିଆରି

ବୈଶିଙ୍ଗା ,ମୟୂରଭଞ୍ଜ
ମୋ: ୮୨୪୯୨୨୭୬୯୨

# ସ୍ୱନକ୍ଷତ୍ର ବିଶେଷାଙ୍କ





## ଆଧୁନିକ କବିତାରେ ପ୍ରେମ ପ୍ରସଂଗ

### ପ୍ର. ଗିରିଜା ଶଂକର ଶର୍ମା

ବିଗତ ଶତାବ୍ଦୀରେ ସଂଗଠିତ ହୋଇଯାଇଥିବା ଦୁଇ ଦୁଇଟି ବିଶ୍ୱଯୁଦ୍ଧ ଏବଂ ତାର ଭୟାବହତା ମାନବ ସମାଜରେ ବିଶେଷ ଭାବରେ ରେଖାପାତ କରିଛି ଯାହା ମାନସପଟରୁ ସଂପୂର୍ଣ୍ଣ ରୂପେ ଲିଭାଇ ଦେବା ଆଦୌ ସହଜ ନୁହେଁ । ଜୀବନର ବାସ୍ତବତା, ଯନ୍ତ୍ରଣା, ଯୁଦ୍ଧର ଆତଂକ, ଅର୍ଥନୈତିକ ଅସଂଗତି ଆଦି ସମସ୍ୟାମାନ ନିଜ ନିଜର ଭୟାବହ ସ୍ଥିତିକୁ ଜାହିର କରି ମନୁଷ୍ୟକୁ ଗଭୀର ନୈରାଶ୍ୟ ଆଡ଼କୁ ଠେଲି ଦେବାକୁ ସତେ ତତ୍ପର ହେବା ବେଳେ କବି ସେ ସ୍ଥିତିରୁ ପଳାୟନ କରି ନିଜ ପାଇଁ ସୁରକ୍ଷିତ ସ୍ଥାନ ଖୋଜିବାରେ ଲାଗିଛି । ଏପରି ଲୁଚକାଳି ଖେଳରୁ ନୂଆ ଏକ କାବ୍ୟଶୈଳୀ କବିତାର ଭାବଧର୍ମକୁ ପ୍ରଭାବିତ କରିଛି । ଗ୍ରାମୀଣ ସଭ୍ୟତା ଏ ଭିତରେ ଧୀରେ ଧୀରେ ସହରୀ ସଭ୍ୟତା ଆଡ଼କୁ ଗତି କରି ସହରୀ ଚାକଚକ୍ୟ, ଯାଂତ୍ରିକ ଜୀବନ ଓ ସଭ୍ୟତା, ନିର୍ବନୀକରଣ, ପ୍ରଦୂଷଣ, ବେକାରୀ ସମସ୍ୟା, କ୍ରମବର୍ଦ୍ଧିଷ୍ଣୁ ଅପରାଧ ଆଦିର ସମ୍ମୁଖୀନ ହୋଇଛି । ମଣିଷ ମନରୁ ସରଳତା ଅନ୍ତର୍ଦ୍ଧାନ ହୋଇ ଜଟିଳତା ପ୍ରବେଶ କରିଛି ଏହିସବୁ ପରିବର୍ତ୍ତନ ଫଳରେ କିଛି ନୂତନ ଓ କିଛି ପୁରାତନ ଭାବ ବସ୍ତୁ ନୂତନ ରୂପରେ ଓଡ଼ିଆ କବିତାର ସୌନ୍ଦର୍ଯ୍ୟ ବୃଦ୍ଧି କରି ଆସିଛି ।

ଆଧୁନିକ ଓଡ଼ିଆ କବିତାର ଭାବ ବଳୟ ମଧ୍ୟରେ ସ୍ଥାନିତ ହୋଇଛି ଯୁଦ୍ଧ ଯନ୍ତ୍ରଣା, ନୈରାଶ୍ୟ, ଆତ୍ମ ଅନୁସନ୍ଧିତ୍ସା, ସହରୀ ସଭ୍ୟତା, ଅନ୍ୟର ସୁଖଦୁଃଖରେ ନିର୍ବିକାର ଭାବ, ମାଟି ପ୍ରତି ମମତା, ନାରୀ ନିର୍ଯ୍ୟାତନା, ବିସ୍ଥାପନ ଓ ଦାଦନ ପରି ସମସ୍ୟା । ଉଲ୍ଲିଖିତ ଭାବ ବିନୟ ବାହାରେ ମଧ୍ୟ ଅନେକ ଭାବ ରହିଛି ଯାହା ଆଜି କାଲିର ଓଡ଼ିଆ କବିତାରେ ଦେଖିବାକୁ ମିଳେ ।

ପ୍ରେମ ଏପରି ଏକ କାବ୍ୟିକ ଉପାଦାନ ଯାହା କବିତାରେ ଯୁଗେ ଯୁଗେ ସ୍ଥାନ ପାଇ ଆସିଛି । ଆମେ ଯେତେ ପଛକୁ ମନେ ପକେଇ ପାରିବା, ଦେଖିବା ଯେ ପ୍ରେମ ସେ ସମୟରେ ଲେଖା ଯାଉଥିବା କାବ୍ୟ କବିତାରେ ମଧ୍ୟ ଥିଲା ରାମାୟଣ ମହାଭାରତ ଠାରୁ ଆରମ୍ଭ କରି 'ଓଡ଼ିଶୀ' ଓ 'ଇଲିଆର୍ଡ଼'ରେ ମଧ୍ୟ ପ୍ରେମ ଉପାଦାନ ଥିଲା । ଆମର ଚର୍ଯ୍ୟାଶୀଳତାରୁ ଆରମ୍ଭ କରି ରୀତିଯୁଗ, ସବୁଜ ଯୁଗ ପର୍ଯ୍ୟନ୍ତ ବ୍ୟାପ୍ତ ହୋଇ ଆଜି ପର୍ଯ୍ୟନ୍ତ ପ୍ରେମ ଏକ ସାହିତ୍ୟିକ ପ୍ରସଂଗ ହୋଇ ରହିଛି । କାଳିଦାସଙ୍କ 'ମେଘଦୂତ' 'ଅଭିଜ୍ଞାନ ଶକୁନ୍ତଳମ୍' ମଧ୍ୟ ପ୍ରେମ ପର୍ଯ୍ୟବେସିତ ।

ପ୍ରେମ ତାହାଲେ କଣ ? ଏବଂ କାହିଁକି ପ୍ରେମ ଯୁଗ ଯୁଗ ଧରି କବିର କଲମରୁ ଝରି ଆସୁଛି ? ପ୍ରେମ ଜୀବନର ଏକ ସୂକ୍ଷ୍ମ ଆନନ୍ଦମୟ ଅନୁଭୂତି ଯାହା ବିନା ଏ ସଂସାର ମରୁଭୂମି ସଦୃଶ ରୁକ୍ଷ ତଥା ନୀରସ ଲାଗନ୍ତା ପ୍ରେମ ଜୀବନକୁ ରସସିକ୍ତ ତଥା ଅମୃତମୟ କରିଥାଏ । ସପ୍ତଦଶ ଶତାବ୍ଦୀର ରାଜନୈତିକ ରାଜନୀତିକ ତଥା ପ୍ରାବନ୍ଧିକ **Sir Willam Temple** ପ୍ରେମକୁ ଖୋଲାଖୋଲି ଭାବରେ ଜୀବନର ଶ୍ରେଷ୍ଠ ଆନନ୍ଦ ଆକାରରେ ଅଭିହିତ କରିଛନ୍ତି । ତାଙ୍କ ଭାଷାର **'the greatest pleasure of life in live'** । ସେହିପରି ମଧ୍ୟ କହନ୍ତି **'Life is a flower of which love is its honey'**. ଦେହ, ମନ ଓ ଆତ୍ମାର ସାନ୍ନିଧ୍ୟ ଓ ତହିଁରୁ ଆନନ୍ଦର ସ୍ଫୁରଣକୁ ହିଁ ପ୍ରେମ କୁହାଯାଇ ପାରିବ । ପ୍ରେମ କହିଲେ ସବୁବେଳେ ଦୈହିକ ପ୍ରେମକୁ ବୁଝିବ ଭୁଲ । ପ୍ରେମ ଦେହାତୀତ ମଧ୍ୟ ହୋଇପାରେ ଯେପରି ଭଗବତ୍ ପ୍ରେମ । ଇତର ଜୀବଜନ୍ତୁଙ୍କ ପ୍ରତି ପ୍ରେମ, ସ୍ୱକୀୟା ଓ ପରକୀୟା ପ୍ରେମ, ରୀତି ଯୁଗୀୟ ପ୍ରେମ, ପ୍ରକୃତ ପ୍ରେମ ଇତ୍ୟାଦି ଭିନ୍ନ ଭିନ୍ନ ପ୍ରେମ । ସମସ୍ତ ପ୍ରେମ ଏକ ପ୍ରକାରର ନୁହେଁ କିନ୍ତୁ ପ୍ରେମର ରହିବାଟା ନିତାନ୍ତ ଜରୁରୀ । ବିନା ପ୍ରେମରେ ଏ ପୃଥିବୀ ତିଷ୍ଠି ପାରିବ ନାହିଁ । ଏହି ତତ୍ତ୍ୱକୁ ଯିଏ ଭଲ ଭାବରେ ବୁଝି ପାରନ୍ତି, ତାଙ୍କୁ ହିଁ ବିଦ୍ୱାନ ବୋଲି କୁହାଯାଇ ପାରିବ । ସନ୍ଥ କବୀର ଦାସ, ତାଙ୍କର ବହୁ ପ୍ରଶଂସିତ ଦୋହାରେ କହିଛନ୍ତି- 'ପୋଥି ପଢ଼ ପଢ଼ ଯୁଗ ମୁଆ, ପଣ୍ଡିତ ହୁଆ ନ କୋୟ/ ଢ଼ାଇ ଅକ୍ଷର ପ୍ରେମକା, ପଢ଼େ ସୋ ପଣ୍ଡିତ ହୋଏ ।'

ମାନବୀୟ ପ୍ରେମ ଯେପରି ଜଟିଳ, ସେହିପରି ରହସ୍ୟମୟ ମଧ୍ୟ । ପ୍ରେମ ମନୁଷ୍ୟର ମାନସିକତା ମଧ୍ୟରେ ଅବସ୍ଥାନ କରୁଥିବାରୁ ଏହା ରହସ୍ୟମୟ, ବେଳେ ବେଳେ ତୀବ୍ର, ମଧୁର ତଥା ଆବେଗମୟ ମଧ୍ୟ । ପ୍ରତ୍ୟେକ ଯୁଗରେ ନରନାରୀଙ୍କ ପ୍ରତୀୟ ଅନୁଭୂତିକୁ ନେଇ ଅସଂଖ୍ୟ କାବ୍ୟ କବିତା ରଚିତ ହୋଇଛି । ପ୍ରେମାନୁଭୂତି ବର୍ଣ୍ଣନା ସମକାଳୀନ କବିତାରେ ଦେଖା ଗଲେ ମଧ୍ୟ ଏହା କବିତାର ଏବକାର ଉପାଦାନ ନୁହେଁ । ମାନବ ସମାଜର ଉତ୍ପତ୍ତି କାଳରୁ ପ୍ରେମାନୁଭବ କାବ୍ୟ କବିତାରେ ରହି ଆସିଛି । ଗ୍ରୀକ୍ କବି ହୋମର୍‌ଙ୍କ 'ଓଡ଼ିଶୀ' କାବ୍ୟର ମୁଖ୍ୟ ବିଷୟବସ୍ତୁ ପ୍ରେମ ଉପରେ ହିଁ ଆଧାରିତ । ଏହି ମହାକାବ୍ୟରେ ବର୍ଣ୍ଣିତ ଟ୍ରୋଜନ୍ ଔାର ସୁନ୍ଦରୀ ହେଲେନ୍‌ଙ୍କ ପାଇଁ ସଂଗଠିତ ହୋଇ ବିଶାଳ ଟ୍ରୟ ସଂମ୍ରାଜ୍ୟ ଧ୍ୱଂସ ପାଇଥିଲା । କୌଣସି କବି ଲେଖନୀରେ ।' ହେଲେନ୍ ନାମରେ ଗୋଟିଏ ସୁନ୍ଦରୀ, ବିଶାଳ ଟ୍ରୟ ସାମ୍ରାଜ୍ୟ ଦେଲା ଧ୍ୱଂସ କରି' ଠିକ୍ ସେହିପରି କ୍ଲିଓପାଟ୍ରାଙ୍କ ପାଇଁ ରୋମ୍ ସାମ୍ରାଜ୍ୟର ପତନ ଘଟିଥିଲା ।

ଭାରତବର୍ଷରେ ମଧ୍ୟ ଅନେକ ଯୁଦ୍ଧ କେବଳ ନାରୀରୀ ମାନଙ୍କ ପ୍ରେମାନୁଭୂତି ପାଇବା ପାଇଁ ସଂଗଠିତ ହୋଇଯାଇଛି । ପୌରାଣିକ ପୃଷ୍ଠା ଅବଲୋକନ କଲେ ଆମେ ଜାଣୁ ଯେ ରାମାୟଣ ସୀତାଙ୍କ ପାଇଁ ସଂଗଠିତ ହୋଇଥିଲା ମହାଭାରତ ଯୁଦ୍ଧର ମଂଜି ମଧ୍ୟ ଦ୍ରୌପଦୀଙ୍କୁ ବିବସନା କରିବା ପ୍ରଚେଷ୍ଟାରୁ ସଂଗଠିତ ହୋଇଥିଲା ।

ପ୍ରେମ ମଣିଷ ମନର ଅବଚେତନର ଭାଷା ଯାହାକୁ ସାରା ଜୀବନ ଭୁଲି ହୁଏ ନାହିଁ । ସୃଷ୍ଟିର ଆରମ୍ଭରୁ ଆମେ ଦେଖୁ ଆଡାମ୍ ଓ ଇଭର ଚରିତ୍ର ଯାହାଙ୍କ ଠାରୁ ସମଗ୍ର ବିଶ୍ୱର ଜୀବ ସତ୍ତା (ମନୁଷ୍ୟ) ଆମେ ଉପଲବ୍ଧ କରିଥାଉ । ସୃଷ୍ଟିର ଅୟମାରମ୍ଭରେ ପ୍ରକୃତି ଆଦିମାତା ରୂପରେ ଅବିର୍ଭାବ ହୋଇଥିଲେ ଏବଂ ତାଙ୍କୁ ଯେବେ ବିଶ୍ୱ ସର୍ଜନାର ଦାୟିତ୍ୱ ନ୍ୟସ୍ତ କରାଗଲା ସେ କହିଲେ ସୃଷ୍ଟି ସଂରଚନା ପାଇଁ ସେ ବୀଜ ଆବଶ୍ୟକ କରନ୍ତି, ଯାହା କେବଳ ପୁରୁଷ ଠାରୁ ମିଳିବା ସଂଭବ । ସେହିଦିନ ଠାରୁ ପୁରୁଷ ତ ପ୍ରକୃତି ଆଜିର ନର ଏବଂ ନାରୀ ରୂପରେ ପ୍ରତିଭାତ ହେଉଛନ୍ତି ଏବଂ ବିଶ୍ୱନିୟନ୍ତାଙ୍କ ସୃଷ୍ଟିକୁ ଆଗକୁ ଆଗେଇ ନେବାପାଇଁ ଚେଷ୍ଟା କରୁଛନ୍ତି, ସେମାନଙ୍କ ମଧ୍ୟରେ ରହିଥିବା ଆଦିମ ଆକର୍ଷଣକୁ ଆମେ ପ୍ରେମ ବୋଲି ଅବିହିତ କରିଥାଉ । ସାରଳା ମହାଭାରତରେ ଗଂଗା ଏବଂ ଶାନ୍ତନୁଙ୍କ ପ୍ରେମର ବର୍ଣ୍ଣନା ରହିଛି । ତା' ପରେ ପଂଚସଖା ଯୁଗରେ ପ୍ରେମ କହିଲେ ଆତ୍ମା ସହିତ ପରମାତ୍ମାର ମିଳନକୁ ବୁଝାଏ ।

ପ୍ରେମ ଏକ ବାସ୍ତବତା ପ୍ରେମ ବିନା ଏ ସଂସାର ଦଣ୍ଡେ ମଧ୍ୟ ତିଷ୍ଠି ପାରିବ ନାହିଁ । ଏଠାରେ କେହି ପ୍ରଶ୍ନ ମଧ୍ୟ କରି ପାରନ୍ତି ଯେ ମୁନି ଋଷିମାନେ ନିଜ ଘରଦ୍ୱାର ଛାଡ଼ି ହିମାଳୟରେ ବର୍ଷ ବର୍ଷ ଏକାନ୍ତ ଭାବରେ ସମୟ ଅତିବାହିତ କିପରି କରୁଛନ୍ତି ଯଦି ସେମାନଙ୍କର ପ୍ରେମପ୍ରତି ଆସକ୍ତି ଥାଆନ୍ତା । ତାହାର ଏକ ସଂକ୍ଷିପ୍ତ ଉତ୍ତର ହେଲା ଯେ ମୁନି ଋଷିଙ୍କ ପାଇଁ ପ୍ରେମ କହିଲେ ଈଶ୍ୱର ସହିତ ମିଳନ ବା ଆତ୍ମା ସହ ପରମାତ୍ମାର ମିଳନ । ଗୌତମ ବୁଦ୍ଧ ଯଦି ସାଂସାରିକ ପ୍ରେମକୁ ଗୁରୁତ୍ୱାରୋପ କରିଥାନ୍ତେ ସେ ରାଜ ସିଂହାସନ ଏବଂ ନବ ବିବାହିତା ପତ୍ନୀ ଓ ସଦ୍ୟଜାତ ପୁତ୍ରଙ୍କୁ ତ୍ୟାଗ କରି ନିଶାର୍ଦ୍ଧରେ ଜ୍ଞାନର ଆହରଣ କରିବା ପାଇଁ ଯାଂଇ ନଥାନ୍ତେ । ଏହାର ଅର୍ଥ ସେ ପାର୍ଥିବ ସଂସାରକୁ ଛାଡ଼ି ଜ୍ଞାନ ଆହରଣ ବା ବୁଦ୍ଧତ୍ୱପ୍ରାପ୍ତି ପାଇଁ ଅଧିକ ପ୍ରେମାସକ୍ତ ଥିଲେ ତେଣୁ ଏହା ଏକ ଅବଧାରିତ ସତ୍ୟ ଯେ ପ୍ରେମ ବିନା ଏ ସଂସାର ତିଷ୍ଠି ପାରିବ ନାହିଁ ଏବଂ କବିମାନେ ସହଜେ ପ୍ରେମକୁ ଗୁରୁତ୍ୱ ଦେଇଥାନ୍ତି ।

ମହାକବି କାଳିଦାସ ମଧ୍ୟ ପ୍ରେମକୁ ଆଧାର କରି ତାଙ୍କର ପ୍ରସିଦ୍ଧ କାବ୍ୟ 'ମେଘଦୂତ' ରଚନା କରି ଯାଇଛନ୍ତି । ତାଙ୍କ ମହାକାବ୍ୟ ମେଘଦୂତର ମର୍ମ ଏହା ଯେ କୌଣସି ଅବସ୍ଥାନ କରିବା ପାଇଁ ବାଧ ହୋଇଛନ୍ତି ଏବଂ ଗଭୀର ଭାବରେ ବିରହ ବେଦନାରେ ପ୍ରପିଡ଼ିତ ହୋଇ ନିଜ କାନ୍ତାକୁ ସ୍ମରଣ କରି ବାର୍ତ୍ତାଳାପ କରିବା ପାଇଁ ଇଚ୍ଛା କରିଛନ୍ତି । ସେ ଶାପଗ୍ରସ୍ତ ହୋଇଥିବା ହେତୁ ତାହା ସଂଭବ ହୋଇ ପାରୁନାହିଁ । ସେ ସମୟରେ ନିଜ ଭଲମନ୍ଦ ଜଣେଇବା ପାଇଁ ଏବଂ ପତ୍ନୀର କୁଶଳ ମଂଗଳ ଜାଣିବା ପାଇଁ ଆକାଶର ଭାସମାନ ମେଘକୁ ଅନୁରୋଧ କରିଛନ୍ତି ଯେ ସେ ଭାସି ଭାସି ଯାଇ ଉଜ୍ଜୟୀନି ନଗରୀରେ ରହୁଥିବା ତାଙ୍କ ପ୍ରିୟ କାନ୍ତା ପାଖକୁ ତାଙ୍କର ସନ୍ଦେଶ ପହଁଚାଇ ଦିଅନ୍ତି । ଏହି ମହାନ୍ ଗ୍ରନ୍ଥ ମେଘଦୂତରେ ପଂକ୍ତି ସବୁ ଯକ୍ଷ, ଯକ୍ଷୀଣିଙ୍କ ପ୍ରେମ ସଂବନ୍ଧୀୟ ।

କବିଙ୍କ ଲେଖନୀରେ
'ମୁନିର ! ତୁମେ ତ ତାପିତ ଜନର ଆଶ୍ରୟ
ମୋହରି ପ୍ରେୟସୀ ପାଶେ ନେଇଯାଅ
କୁଶଳ ବାରତା ନିଶ୍ଚୟ'
(ଡଃ. ହରେକୃଷ୍ଣ ମେହେରଙ୍କ ଅନୁବାଦ ପୃ-୨୩)

ରୀତି ଯୁଗ ବି କବି ସମ୍ରାଟ ଉପେନ୍ଦ୍ର ଭଂଜ ତାଙ୍କର ବହୁ ପ୍ରତିଷ୍ଠିତ ଏବଂ ପଠିତ କାବ୍ୟ 'ବୈଦେହୀଶ ବିଳାସ' ଏବଂ 'ଲାବଣ୍ୟବତୀ'ର ମୁଖ୍ୟ ଉପାଦାନ ଓ ଲାବଣ୍ୟବତୀର ପ୍ରେମ ଉପରେ ପର୍ଯ୍ୟବେସିତ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ପ୍ରେମ ଯୁଗେ ଯୁଗେ କବିମାନଙ୍କୁ କାବ୍ୟ କବିତା ଲେଖିବା ପାଇଁ ଅନୁପ୍ରେରିତ କରି ଆସିଛି । ସମସ୍ତେ ସ୍ୱୀକାର କରନ୍ତି ଯେ ପ୍ରେମ ଜୀବନକୁ ରସସିକ୍ତ କରାଇଥାଏ ବା ଭିନ୍ନାର୍ଥରେ ପ୍ରେମ ବିନା ଏ ଜଗତ ନୀରସ ମରୁଭୂମି ସଦୃଶ ପ୍ରତୀତ ହେବ । ତେଣୁ ସବୁ ଯୁଗର କବିମାନେ ପ୍ରେମକୁ ଏକ କାବ୍ୟିକ ଉପାଦାନ ରୂପେ ଗ୍ରହଣ କରିଛନ୍ତି ।

ସାଂପ୍ରତିକ ଅନେକ କବିତାର ମୁଖ୍ୟ ଉପାଦାନ ପ୍ରେମ । ବର୍ତ୍ତମାନର ଏଇ କାଳଖଣ୍ଡରେ ମନୁଷ୍ୟ ଜୀବନ ଶତଧା ବିଭକ୍ତ ହେବାକୁ ବାଧ ହୋଇଛି । ସାମାଜିକ, ଆର୍ଥିକ, ତଥା ରାଜନୈତିକ ବାତାବରଣ ମଧ୍ୟ ଅନେକ ସମସ୍ୟା ଯଥା ଅପରାଧ ପ୍ରବଣତା ଆତଙ୍କବାଦ, ବେକାରୀ ସମସ୍ୟା, ଦେଶ ଦେଶ ମଧ୍ୟରେ ଯୁଦ୍ଧ, ନାରୀ ଶିକ୍ଷା ଓ ସ୍ୱାଧୀନତା, ଦଳିତ ସମସ୍ୟା ସୃଷ୍ଟି କରୁଛି । ଏ ସ୍ଥିତିରେ କବିତା କେବଳ ପ୍ରେମ ଉପରେ ଆଧାରିତ ହେବା ସଂଭବ ନୁହେଁ । ତଥାପି ଏ ଯୁଗରେ ମଧ୍ୟ 'ପ୍ରେମ' କବିତାର ଏକ ବଳିଷ୍ଠ ଉପାଦାନ ।

ଧନକଉଡ଼ା,
ସଂବଲପୁର- ୭୬୮୦୦୬

## ବର୍ଷା ଗୋ ! ତୁମେ ବରଷି ଗଲନି ସେଦିନ ଜଳିବାବେଳେଞ୍ଚ

### ବିକାଶୀ ପ୍ରିୟଦର୍ଶିନୀ ରାଉତ



ବର୍ଷା ଗୋ ! ତୁମେ ବରଷି ଗଲନି
ସେଦିନ ଜଳିବାବେଳେ,
ଅବେଳରେ ଏବେ ଅଜାଗାରୁ ଖସି
ଉପହାସ କର ଛଳେ ।

ଏତେ ଅଭିମାନ କିଆଁ କଲ କୁହ
ଆଉ ଝରୁନ ବଉଦ ତଳୁ,
ଏବେ ଝରୁଅଛ ମିଛ ଲୁହ ଧାରେ
କପଟୀଙ୍କ ଆଖି ତଳୁ ।

ନିର୍ମମ ନିଦାଘ ପୀଡାରୁ ମୁକତି
ଯା ସ୍ୱର୍ଗେ ହରଣ ହୁଏ,
ପାରିଲନି କିଆଁ ପ୍ରମାଣିତ କରି
ପ୍ରକୃତି ବି ନ୍ୟାୟ ଦିଏ ।

ତୁମ ଆବାହନେ ଅଙ୍କୁରିତ ହୁଏ
ନୂତନ ସୃଷ୍ଟି ରାଜି,
ଆଜି କିଆଁ କୁହ ଉପସ୍ଥିତି ସତ୍ତ୍ୱେ
କଳିକାଟେ ଗଲା ହଜି ।

କହିବକି ଥରେ ତୁମ ସମୟରେ
ତୁମ ରାଜୁତି ନଥିବା କଥା,
ନେତା, ଅଧିକାରୀ, ଆତ୍ମୀୟଙ୍କ ପରି
ମନେ ଦେଲ ବଡ଼ ବ୍ୟଥା ।

ଭାବିନେଲ କି ଗୋ
ଆପଣାର ଲୋକେ
ପର ଯେବେ ହୋଇଗଲେ,
ମୁଁ କିଆଁ ଯାଚିବି ଅନ୍ତରଙ୍ଗତାକୁ
ଲାଭ ହେ ସାଇତି ଦେଲେ ।

ବ୍ରହ୍ମା ବିଷ୍ଣୁ ପୁଣି ମହେଶ୍ୱରଙ୍କର
ରୂପାନ୍ତର ପରା ଯିଏ,
ଏଠି ଶିଷ୍ୟାର ଯୁଆନ ଡିହକୁ ନଜର
ସିଏ ପରା ରଖିଥାଏ ।

ବିନା ଫେବରରେ ଫାଇନି ନମ୍ବର
ଫଳରେ କି ବାରି ହୁଏ,
ପ୍ରତିବାଦ ଏଠି ପ୍ରତିଦ୍ୱନ୍ଦୀ ସାଜି
ନ୍ୟାୟ ସ୍ୱର ଚାପି ଦିଏ ।

ନ୍ୟାୟ ମାଗି ମାଗି
ନିରବୀ ଗଲା ଯେ
ମଶାଣିର ଫୁଲ ସାଜି,
ଶୁଣ ହେ !
କାନେଇ ଗର୍ଜୁଛି ମର୍ତ୍ତ୍ୟରେ
ମିଛ ପ୍ରହସନ ବାଜି ।

ମର୍ତ୍ତ୍ୟେ ପ୍ରସ୍ଫୁଟିତ ସବୁରି ଫୁଲକୁ
ଏବେ ଅନ୍ଧାରଟା ଭାରି ପ୍ରିୟ,
ଶେଫାଳି ହେଇକି ବଂଚିବା ଶିଖିବେ
ସୂର୍ଯ୍ୟ ଛାଇ ଛୁଇଁବନି ଦିହ ।

କ୍ରୁର ପୁରୁଷର ତମାମ ପୃଥ୍ୱୀରେ
ଦିନେ ନର୍କ ଦେଖିବ ସେ ରାକ୍ଷସ,
ଆଲୁଅଟା ଥାଇ ଝିଅ ବିନା କେଡେ
ବିବର୍ଣ୍ଣ, ବିବସ୍ତ୍ର ଦିଶିବ ଆକାଶ ।

ଏବେ କୁହ ସାର ସକଳ ଋତୁର !
ମନେ କେତେ ପ୍ରଶ୍ନ ଖେଳେ,
ସେଦିନ ବି କ'ଣ ଅଭିମାନୀ ହେଇ
ହସୁଥିବ ସାଥୀମେଳେ ?

ବର୍ଷା ଗୋ ! ତୁମେ ବରଷିଗଲନି
ସେଦିନ ଜଳିବାବେଳେ,
ଅବେଳରେ ଏବେ ଅଜାଗାରୁ ଖସି
ଉପହାସ କର ଛଳେ ।

ଶିକ୍ଷୟିତ୍ରୀ, ବଡ଼ପଲ୍ଲୀ ପ୍ରାଥମିକ
ବିଦ୍ୟାଳୟ
ବଡ଼ପଲ୍ଲୀ, ରାଜନଗର,
କେନ୍ଦ୍ରାପଡ଼ା
(ମୋ) ୭୮୭୩୦୮୩୯୦୮

## ମୋ ଭାଷା ମୋ ମାଟି ମୋ ପାଇଁ ଗର୍ବ

### ଦୀପ୍ତି ମିଶ୍ର



ଓଡ଼ିଶା ମୋ ଜନ୍ମ ମାଟି ମୋର ପ୍ରିୟ ଜନମ ଭୂଇଁ,
ମାତୃଭାଷା ଓଡ଼ିଆ ମୋ ଜୀବନରେ ଅଟେ ପୂଣ୍ୟ ନଈ ।

ଯା'ର ଚିର ସବୁଜିମା ମୋ ମନକୁ କରିଛି ସବୁଜ,
ଯା'ର ନାମ ଅଙ୍ଗେ ମୋର ଭରିଦିଏ ପ୍ରୀତିର ମୁରୁଜ ।
ଯାହାର ମଧୁ ମଳୟ ମନେ ଭରେ କେତେ ଶିହରଣ,
ଯାହାର ଋତୁ ବଳୟ ଗଢିଛି ମୋ ତନୁ ମନ ପ୍ରାଣ ।
ସେଇ ମୋ ଓଡ଼ିଶା ଦେଶ ସରଗ ଠୁ ଅଧିକ ସୁନ୍ଦର,
ଓଡ଼ିଆ ମୋ ମାତୃଭାଷା କଣ୍ଠେ ଆମ ଭରେ ମଧୁସ୍ୱର ।

ଯା'ର ଛାତି ମୋ ପାଇଁ ଅଟେ ସତେ ମଧୁ ଉପବନ,
ଯା' ମମତା ହୋଇଥାଏ ମୋ ହୃଦୟେ ମୁଗ୍ଧ ପ୍ଲାବନ....
ଯା' ପବନେ ଭରିଥାଏ ମୋ ଓଠର ମିଠା ମାତୃଭାଷା,
ଯେ ଦେଖାଏ ନିତି ମୋତେ ନୂଆ ନୂଆ ସ୍ୱର୍ଣ୍ଣମୟ ଉଷା ।
ସେଇ ମୋର ପୂଜନୀୟା ମୋ ମାଆ ମୋ ମାଟି ଓଡ଼ିଶା
ସେଇ ମୋର ଭାବମୟ ମଧୁମୟ ମୋ ଓଡ଼ିଆ ଭାଷା ।

ମୋ ମାଆର ପାଦତଳେ ଢାଳେ ମୁହିଁ କୋଟି ପ୍ରଣିପାତ,
ମୋର ମାତୃଭାଷା ହେଉ ସବୁଠାରେ କଥିତ ଓ ଖ୍ୟାତ ।

ବାରିପଦା, ମୋ - ୯୪୩୮୪୦୪୩୦୮

## ଓଢ଼ଣୀ

### ଜ୍ୟୋସ୍ନା ମିଶ୍ର (ପାଣିଗ୍ରାହୀ)



ଥକ୍କା ମେଣ୍ଟେଇବ ବୋଲି ବସିଥିଲା ଜ୍ୟୋତି ।

କୁମାରପୂର୍ଣ୍ଣମୀର ରାତି....

ସୁବର୍ଣ୍ଣଥାଳିରେ ଥାଳିଏ ଅବିର ଛିଞ୍ଚା କର୍ପୂର ପରି ଢ଼ଳଢ଼ଳ ଜହ୍ନର କିରଣ ଘରର ଅଗଣା ଘରିଆଢ଼େ ବୁଣି ହେଇଯାଉଥିଲା । ବର୍ଷର ସବୁଠାରୁ ଉଜ୍ଜ୍ୱଳତମ ପୂର୍ଣ୍ଣଚନ୍ଦ୍ର । ଖାଲି ସେତିକି ନୁହେଁ, ଆକାଶରେ ଜହ୍ନକୁ ଘେରି ବଡ଼ସୁନ୍ଦର ଗୋଲାପୀ ରଙ୍ଗର ବଳୟଟିଏ ବି ସୃଷ୍ଟି ହୋଇଥିଲା । ସତେ ଯେମିତି ଭଲ ଦି'ମୁଠା ଗୋଲାପୀ ଅବିର କିଏ ବିଞ୍ଚି ଦେଇଥିଲା ସେଇ ଚାରିପଟେ । ବଡ଼ ମନୋରମ ଆଉ ମନ୍ତ୍ରମୁଗ୍ଧକର ଥିଲା ଏ ଦୃଶ୍ୟ ।

ହେଲେ ଏସବୁ ଭିତରେ ବି ଜ୍ୟୋତି ଥାଇ ନଥିଲାଭଳି.... ମନ ତା'ର ଫେରିଯାଇଥିଲା ଅନେକବର୍ଷ ତଳର କୁମାରପୂର୍ଣ୍ଣିମାବେଳକୁ । କ'ଣ ବା ସେ କରିଥିଲା... ସାମାନ୍ୟ ଟିକେ କଥା ପାଇଁ ମୋହନ୍ ଯେ ଏମିତି ତାକୁ କହିବେ, ସେ ଭାବି ନଥିଲା । ବାହାଘରବେଳେ ସେ ଦେଖିବାକୁ ଯାଇ ନଥିଲେ, ଏଥିରେ ତା'ର ଦୋଷ କ'ଣ ? ମୋହନଙ୍କର ବାପା, ମା', କକା, ଖୁଡ଼ୀ ସମସ୍ତେ ଆସିଥିଲେ । ସମସ୍ତଙ୍କ ପସନ୍ଦରେ ସେ ଏ ଘରକୁ ବୋହୂ ହୋଇ ଆସିଲେ । ହେଲେ ପ୍ରଥମରାତିର ପ୍ରଥମ ମିଳନର ନିବିଡ଼ ମୁହୂର୍ତ୍ତରେ ସେ ଯେତେବେଳେ କହିଲେ, "ଆଫ୍ରିକାନ୍ ବ୍ଲାକ୍ କଲର ତମ ? ଏ ଜହ୍ନ ରାତିରେ ତମ କଳାରଙ୍ଗ ଆହୁରି ଚମକୁଛି । ଘରଲୋକ କହିଲେ କ'ଣ ନା ଶ୍ୟାମଳୀ ସୁକୁମାରୀ.. । ଛିଃ... କଳାରଙ୍ଗ ମୁଁ ଜମା ପସନ୍ଦ କରେନି । ମୋ ସାମ୍ନାକୁ ଆସିବନି ଜମା । ସ୍ଥାଣୁ ହୋଇଯାଇଥିଲା... ଜ୍ୟୋତି । ମୋହନ ସେପଟକୁ ମୁହଁ ବୁଲେଇ ଶୋଇପଡ଼ିଥିଲେ । ନିଜେ ନିଜକୁ ପ୍ରଶ୍ନ କରୁଥିଲା ଜ୍ୟୋତି । ତା'ର ଦୋଷ କ'ଣ ? ସେ ସୁନ୍ଦରୀ ବୋଲି ସମସ୍ତେ କହନ୍ତି । ବଡ଼ବଡ଼ ପୋଟଳଚିରା ଆଖି, ଲମ୍ବାନାକ, ସରୁ ଗୋଲାପି ଓଠକୁ ଡାଳିମ୍ବମଞ୍ଜି ପରି ଧଳାଦାନ୍ତ ମାଢ଼ିକ ବି ତାକୁ ଅପରୂପା କରିଥିଲା । ରଙ୍ଗ ଟିକିଏ କମ୍ ଥିଲେ ବି ଶ୍ୟାମଳୀ ସୌନ୍ଦର୍ଯ୍ୟ ନାମରେ କଲେଜ୍‌ରେ ସମସ୍ତେ ତାକୁ ଡାକୁଥିଲେ । କ'ଣ କହୁଥିଲେ ତ.. ପୋଏଟିକ୍ ଲୁକ୍ ତା' ଚେହେରାରୁ ଆସେ । ତା'ର କ୍ଲାସ୍‌ମେଟ୍ ମଞ୍ଜୁ ତ ରହିପାରିଲାନି, ଶେଷରେ କହିଦେଲା, "ବୁଝିଲୁ ଜ୍ୟୋତି ତୋ'ର ଏ ଭଙ୍ଗୀୟ କାବ୍ୟନାୟିକା ଚେହେରା ପଛରେ ତ ସମସ୍ତେ ପଡ଼ିଲେ, ଆମକୁ ଆଡ଼ଆଖିରେ ବି କେହି ଅନଉ ନାହାଁନ୍ତି । ସେ ଚାଲିଗଲା ମାନେ ପଛରୁ ବୟେଜ୍ କମନରୁମ୍ ଆଡୁ କିଏ ସବୁ ଗାଉଥିଲେ, "ରେଖା ଓ ରେଖା... ଯବ୍‌ସେ ତୁମେ ଦେଖା... ଖାନା ପିନା ଶୋନା ସବୁ ଭୁଲଗୟା । ସେଇଥିପାଇଁ ତା' ଘରଲୋକ ଏଇ ପ୍ରଥମ ପ୍ରସ୍ତାବରେ ରାଜି ହୋଇଗଲେ । ଆଉ ସେ ନିଜଲୋକର ଆଖିରେ ହିଁ ଅସୁନ୍ଦରୀ, କାଳି କନିଆଁ ହେଇ ରହିଗଲେ ।

ନିଜକୁ ଦୃଢ଼କଲେ ଜ୍ୟୋତି । ବାସରରାତିରେ ପାହାନ୍ତିପହରରୁ ସେଇ ଯେ ଓଢ଼ଣା ଟାଣିଲେ, ଆଉ କେବେ କେହି ତାଙ୍କ ମୁହଁ ଦେଖି ନାହାଁନ୍ତି । ଶାଶୂଘରେ ସମସ୍ତେ ବାଃ ବାଃରେ ଶତମୁଖ ଥିଲେ । ସହରୀ କଲେଜ୍‌ପଢୁଆ ଝିଅ ବି ଯେ ନିପଟ ଗାଁର ଚାଲିଚଳନୀକୁ ଏତେ ସୁନ୍ଦର ଭାବରେ ଚଳେଇନବ, ସେଇ କଥାକୁ ସମସ୍ତଙ୍କୁ କହୁଥିଲେ । ସତକଥା କେବଳ ମୋହନ ଜାଣିଥିଲେ ବୋଧେ । କେବେ ବି ସେ ତାଙ୍କ ସାମ୍ନାକୁ ବିନା ଘୁଙ୍ଗଟ୍‌ରେ ଯାଆନ୍ତି ନାହିଁ । ବହୁତ କମତ ସେ ତାଙ୍କ ସାମ୍ନାକୁ ଯାଉଥିଲେ । ତାଙ୍କ ସହ ଗକିରି ଜାଗାକୁ ଯିବାକୁ ଡାକିଥିଲେ ମୋହନ । ହେଲେ ସେ ମନା କରିଥିଲେ, କହିଥିଲେ, "କେତେବାଟ କି ବାଲେଶ୍ୱରୁ ଭୁବନେଶ୍ୱର.. । ଲୋକ ତ ସବୁଦିନ ଯିବାଆସିବା କରୁଛନ୍ତି । ବରଂ ଘରେ ରହିଲେ ମା', ବାପା, ଘର, ଚାଷବାସ ସବୁ ଦେଖିହେବ । ଏଥର ମୋହନ ତାଙ୍କ ଅଭିମାନକୁ ଠିକ୍ ବୁଝିପାରିଥିଲେ । ଆସ୍ତେ ଆସ୍ତେ ସବୁ ଦେହସୁହା ହେଇଯାଇଥିଲା । ତା' ପୁଅ ଏବେ କଲେଜ୍‌ରେ ପଢ଼ିଲାଣି । ସୁବିଧା ଅସୁବିଧା ସବୁ ଫୋନ୍‌ରେ ମୋହନକୁ ଜଣାଉଥିଲେ । ଅନେକ ସମୟରେ ସେ ଆସୁଥିଲେ, ନହେଲେ ସେଇ ଫୋନ୍‌ରେ ବି କ'ଣ କରିବାକୁ ହେବ କହି ଦେଉଥିଲେ । ହେଲେ... ଏଥର ଘରକୁ ଆସିଥିଲାବେଳେ ସେ ତା' ହାତରେ ଗୋଟେ ଆଣ୍ଡ୍ରୋଏଡ୍ ଫୋନ୍ ଧରେଇ ଦେଇ ଯାଉଥିଲେ ।

ଏ ଫୋନ୍ ପାଇଁ ଯେ ସେ ଏତେ ହଇରାଣରେ ପଡ଼ିବେ, ଏକଥା ଭାବି ନଥିଲେ ଜ୍ୟୋତି । ପ୍ରତିଦିନ ଏଣିକି ମୋହନ୍ ଭିଡ଼ିଓ କଲ୍ କରିବା ଆରମ୍ଭ କରିଛନ୍ତି । ନିଜ ରୁମ୍ ଭିତରେ ଆରାମରେ ସେ ଟିକେ ଓଢ଼ଣା ଖୋଲି ଶାନ୍ତିରେ ନିଃଶ୍ୱାସ ନେଇଥିବେ କି ନାହିଁ, ଆସିବ ଭିଡ଼ିଓକଲ୍ । ପୁଣି ମୁହଁକୁ ଓଢ଼ଣାରେ କଭର୍ କରି କଥା ହଉହଉ ଅନେକ ସମୟ ଯାଉଛି । ଅନେକଥର ଏବେ ମୋହନ୍ କହୁଛନ୍ତି, କାହିଁକି ଏତେ ଓଢ଼ଣା ? କ'ଣ ସେଦିନର କଥାକୁ ଭୁଲିଯାଇନ ଏପର୍ଯ୍ୟନ୍ତ ? ସିଏ କିଛି କୁହନ୍ତିନି । କାହାପାଇଁ କେମିତି ଥିବ ପ୍ରିୟପୁରୁଷଙ୍କର ପ୍ରଥମ ସମ୍ଭାଷଣ କିଏ ଜାଣେ ? ହେଲେ ତାଙ୍କ ପାଇଁ ତ ସୁଖଦ ନଥିଲା । ସବୁବେଳେ ସେକଥା ମନେ ପଡ଼ିଲେ, 'ଛିଃ' ହିଁ ଲହରେଇ ଲହରେଇ ଶୁଭିଯାଏ । ଭୁଲିଆସୁଥିବା ଅଭିମାନ ପୁଣି କୁହୁଳି ଉଠେ । ଆରେ ... ଏ କ'ଣ.. ହଠାତ୍ ଓଢ଼ଣୀଟା କିଏ ଏମିତି ଟାଣି ଖସେଇ ଦେଲ ଯେ... ? ସେ ପଛକୁ ବୁଲିପଡ଼ିଲାବେଳକୁ ମୋହନ ଠିଆ ହୋଇଥିଲେ, ତାଙ୍କ ପାଖରେ । ମୋର ସେଇକଥାକୁ ଏମିତି ମନରେ ଗଣ୍ଠି ପକେଇ ଧରିଛ ନା ? ଭୁଲିଯାଅ ପ୍ଲିଜ୍ କହି ମୋହନ ତା' ମୁହଁକୁ ନିଜ ପାପୁଲିରେ ତୋଳି ଧରିଲେ । କେବେ କ'ଣ କହିଥିଲି, ତାକୁ ମନରେ ରଖିବନି । ତମେ ମୋର ଅର୍ଦ୍ଧାଙ୍ଗିନୀ । ସୁଖରେ ଦୁଃଖରେ ତମେ ମୋ ସହ ଛାଇଭଳି ଅଛ । ସତରେ ତମେ ଖୁବ୍ ସୁନ୍ଦର, ଆହୁରି ସୁନ୍ଦର ତମ ମନ.... ତା' ଠୁ ବି ସୁନ୍ଦର ତମ ଅଭିମାନ... । ବୁଝିଲ ତମେ ହେଲ-

"ମୋର ଫୁଲ ଫାଇଲିନି
ଅଭିମାନିନୀ ଅନୁରାଗିଣୀ ।"

ଜ୍ୟୋତିର ଆଖି ଲୁହରେ ମୋହନଙ୍କର ଛାତି ଭିଜୁଥିଲା ।

ଫକୀରମୋହନ ନଗର,
ଆଇଟିଆଇ ଛକ, ବାଲେଶ୍ୱର-୧
ମୋ : ୮୨୬୦୦୪୩୬୯୨

## ଥରେ ଥରେ ଏମିତି ହୁଏ

### ସୁନନ୍ଦା ମହାନ୍ତି

ମୁହୂର୍ତ୍ତ ମାନେ ହାତ ପାତି ମାଗନ୍ତି
କିଛି ନେବାକୁ ବା ଦେବାକୁ
ଟୋପେ ଅମାବାସ୍ୟା ଅନ୍ଧାର
ମୁଠେ ଦୀପାବଳୀ ଆଲୋକ
କିଛି ନିଛାଟିଆ ଛାଇ ଛାଇ ସ୍ମୃତି
କିଛି ଅଚେତନ ମନର ଭାବ
ପ୍ରୀତି
ସବୁ ପରି ମୁହୂର୍ତ୍ତ ବି ଦୁଇଭାଗ
ଗୋଟେ ପଟେ
ଭୂଗୋଳ ତ ଆରପଟେ
ବୁଦ୍ଧି କଳ ବଳ
ନିୟନ୍ତାଙ୍କ ଦାନରେ
ଲାଗିଛି ଜଂଜାଳ
ଗୋଟେପଟେ ସାହିତ୍ୟ
ଆରପଟେ
ନିତ୍ୟ ନିୟମିତ
କେବେ ସାରସ୍ୱତ
କେବେ ପରିପକ୍ୱତ
ଗୋଟେ ପଟେ ଗଣିତ
ଜୀବନର ଜଳଛବି
କଳକଳ ଛଳଛଳ
ଅତୀବ ଶାଶ୍ୱତ
କେଜାଣି ସେ ମୁହୂର୍ତ୍ତ ସବୁ
କେବେ ସ୍ମୃତି କେବେ
ପ୍ରୀତି କେବେ
ଦୁଃଖଦ ବହୁତ ପୁଣି
ଆପ୍ଲୁତ ଅନେଶତ
ଜନ୍ମରୁ ଜୁଇ ଏଯାବତ ।

+ ସାକ୍ଷୀଗୋପାଳ, ପୁରୀ
(ମୋ) ୯୦୪୦୯୭୭୩୨୭

# ସ୍ୱନକ୍ଷତ୍ର ବିଶେଷାଙ୍କ




ଓଡ଼ିଶାର ସ୍ୱନାମଧନ୍ୟ ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ରବାର୍ଷିକ ଉତ୍ସବ ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।

## ରଶ୍ମୀରେଖା ଦେବ୍

ସମାଜସେବୀ, ବରିଷ୍ଠ ବିଜେପି ନେତ୍ରୀ,ବାଲେଶ୍ୱର



ଶୁଭେଚ୍ଛା ସହ...

## ସଂଗ୍ରାମ କୁମାର ପହ୍ଲାଇ

ସାଇ ଲକ୍ଷ୍ମୀ ଇଲେକ୍ଟ୍ରିକାଲ ଆଣ୍ଡ ହାର୍ଡୱାର୍ଡ
ପାଳିଆହାଟ, ଭଦ୍ରକ

*Congrulation for the Annual day of Dhwani Pratidhwani*

## Mr. Harihar Giri



Special Class
Contractor
Guhaldangri

Mob: 9437615444

*With Best Wishes from:*

## Krishna Medical Store Rairangpur

**Prop. S.S. Mandal**

Mob: 7008789852



ବାଲେଶ୍ୱରରୁ ପ୍ରକାଶିତ ଦୈନିକ ଖବରକାଗଜ 'ଧ୍ୱନି ପ୍ରତିଧ୍ୱନି' ଏବଂ ସାହିତ୍ୟ ପତ୍ରିକା 'ସାଗରିକା'ର ସ୍ୱନକ୍ଷତ୍ର ୨୦୨୫ ଉପଲକ୍ଷେ ମୋ ତରଫରୁ ଅଭିନନ୍ଦନ ଓ ଶୁଭକାମନା । ସଂସ୍ଥାର ମଙ୍ଗଳ ମନାସି ରହିଲି ।

## ଉପେନ୍ଦ୍ର ଦାସ

ବିଜେଡ଼ି ଯୁବନେତା, ନୀଳଗିରି ନିର୍ବାଚନ ମଣ୍ଡଳୀ

*Congrulation for the Annual day of Dhwani Pratidhwani*

## Mr. Subash Mandal



Special Class
Contractor
Jamda
Mob: 7008760873

*With Best Wishes from:*

## Hotel Shanti Palace Rairangpur

**Prop. Ashok Kumar Agrawal**

Mob: 9437120502

Congrulation for the Annual day of Dhwani Pratidhwani

## Mr. Anjan Kumar Baral (Raja)



Contractor (RWSS)
Rairangpur



୰ରାଧାଶ୍ୟାମ ପଣ୍ଡା, ସ୍ୱନାମଧନ୍ୟ ପ୍ରଧାନଶିକ୍ଷକ, ଅନୁଷ୍ଠାନପ୍ରେମୀ, ସମାଜସେବୀ ଓ ପରିବେଶବିତ୍

ଆବିର୍ଭାବ :- ୧୬-୦୨-୧୯୪୮
ତିରୋଧାନ :- ୨୦-୦୧-୨୦୨୩
**ହରିହରପୁର ଶାସନ, ଫତେପୁର, ଖଇରା, ବାଲେଶ୍ୱର-୭୫୬୦୪୮**

ବାପା, ଚାହୁଁ ଚାହୁଁ ଦୁଇ ବର୍ଷ ବିତିବାକୁ ବସିଲାଣି ଆପଣ ଆମ ମାନଙ୍କଠାରୁ ବିଦାୟ ନେଇ କେଉଁ ଅଜଣା ରାଇଜକୁ ଚାଲିଗଲେ ଯେ ଆଉ ଫେରିଲେ ନାହିଁ । ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ଆପଣ କଥା କଥାରେ କହୁଥିଲେ ମୁଁ ଯିବାପରେ ସବୁଅନୁଭବ କରିବ ଆଜି ହିଁ ତାହା ହେଉଛି । ଆପଣଙ୍କ ଆଶିର୍ବାଦରୁ ଉପୁଜୁଥିବା ସମସ୍ୟାମାନ ଆପଣଙ୍କୁ ସ୍ମରଣ ମାତ୍ରେ ଆପେଆପେ ସମାଧାନ ହୋଇଯାଉଛି । ନାତି ନାତୁଣିମାନେ ପାଠ ପଢାରେ ଆଗେଇ ଚାଲିଛନ୍ତି । ଆପଣଙ୍କ ଆଶିର୍ବାଦ ସଦାସର୍ବଦା ଆମପାଇଁ ଯୁଗେଯୁଗେ ରହିଥାଉ । ସୂର୍ଯ୍ୟ ଚନ୍ଦ୍ର ଆତଜାତହେବା ପର୍ଯ୍ୟନ୍ତ ଆପଣ ଆମର ବାପାହୋଇ ରହିଥାନ୍ତୁ । ଆପଣଙ୍କ ସ୍ନେହ ଶ୍ରଦ୍ଧା କର୍ତ୍ତବ୍ୟ ନିଷ୍ଠା ଆଦର୍ଶ ବ୍ୟକ୍ତିତ୍ୱ ଓ ନିଶ୍ୱାର୍ଥପରତା ଆମମାନଙ୍କ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଥାଉ । ଆପଣତ ପୁସ୍ତକ ପ୍ରିୟ ସେଥିପାଇଁ ଆମେ ଆପଣଙ୍କ ଏକାଦଶାହ ପ୍ରଥମ ଶ୍ରାଦ୍ଧ ବାର୍ଷିକରେ ଦୁଇଖଣ୍ଡ ସ୍ମରଣୀକା "କର୍ମଯୋଗୀ ରାଧାଶ୍ୟାମ" ଓ "ମୃତ୍ୟୁଞ୍ଜୟୀ ରାଧାଶ୍ୟାମ" ଲୋକାର୍ପିତ କରିଛୁ । ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକରେ ଆପଣଙ୍କ ଗ୍ରନ୍ଥାବଳୀ ଲୋକାର୍ପଣ କରିବାକୁ ଯାଉଛୁ । ଏହାର ସଫଳତାପାଇଁ ଆପଣଙ୍କ ଆଶିର୍ବାଦ ଏକମାତ୍ର କାମ୍ୟ । ଆପଣଙ୍କ ଅମର ଅତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା କରୁଛୁ ।

**ଶ୍ରଦ୍ଧାଞ୍ଜଳି ସହ:**
**ପୁତ୍ର, ପୁତ୍ରବଧୂ,**
**ସହଧର୍ମିଣୀ ସରସ୍ୱତୀ ପଣ୍ଡା, ପଣ୍ଡା ପରିବାର, ଲୋକନାଥ ପାଠାଗାର ସଦସ୍ୟବୃନ୍ଦ, କବି ରାଧାଶ୍ୟାମ ସ୍ମୃତି କମିଟି, ବନ୍ଧୁ ବାନ୍ଧବ ଓ ଅତ୍ମୀୟସ୍ୱଜନ ।**

*With Best Wishes from:*

## KAILASH FISHERIES AQUATICS



ଓଡ଼ିଶାର ସବୁଠାରୁ ବଡ଼ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ର

୨୫ ପ୍ରକାର ମାଛର ଗୁଣ୍ଡ ଜାଆଁଳ ଧାନୁଆ, ଆଙ୍ଗୁଳିକା, ବର୍ଷିକିଆ ଜାଆଁଳ ଏବଂ ମଧୁର ଜଳ ଚିଙ୍ଗୁଡ଼ି ଜାଆଁଳ ଯୋଗାଇ ଦିଆଯାଏ ।

ASTAPURA, BAISINGA, MAYURBHANJ, ODISHA, 9437191841

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ




ବାରିପଦା , ୨୬/୭ (ନି.ପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ଜିଲ୍ଲା ସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡ। ଦୟାସିନ୍ଧୁ ପରିଡା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ ଓ ରିଜର୍ଭ ଇନିସପେକ୍ଟର ଆଲୋକ କୁମାର କାନୁନଗୋ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରସ୍ତୁତି ବୈଠକର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋଚନା କରିଥିବା ବେଳେ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଚଳିତ ବର୍ଷ ୭୯ତମ ସ୍ୱାଧୀନତା ଦିବସକୁ ଜିଲ୍ଲାସ୍ତରରେ କିପରି ଆକର୍ଷଣୀୟ ଏବଂ ବ୍ୟବସ୍ଥିତ ଢଙ୍ଗରେ ପାଳନ କରାଯିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ଜାତୀୟ ଦିବସ ପାଳନ ଅବସରରେ ଯଥା ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପ୍ରତିଯୋଗିତା ଆୟୋଜନ, ପ୍ୟାରେଡ ପଡିଆ ସୁସଜ୍ଜିକରଣ, ସହରାଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ କରିବା, ପ୍ୟାରେଡ ପରିଚାଳନା, ଅପାତକାଳୀନ ସ୍ୱାସ୍ଥ୍ୟ ସେବା, ରାମ ଧୁନ ପରିବେଷଣ ଇତ୍ୟାଦି କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ବିଭିନ୍ନ କମିଟି ଗଠନ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନୁଷ୍ଠିତ ଉକ୍ତ ବୈଠକରେ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଶିକ୍ଷକନୁଷ୍ଠାନର ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା, ବରିଷ୍ଠ ନାଗରିକ, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ରହି ଆଲୋଚନା ରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକପ୍ରିୟ ଆଶାକର୍ମୀ ସୁକାନ୍ତିଙ୍କ ଶେଷ କୃତ୍ୟ ସମ୍ପନ୍ନ: ବହୁ ମାନ୍ୟଗଣ୍ୟ ବ୍ୟକ୍ତି କଲେ ଶେଷ ଦର୍ଶନ

ନୀଳଗିରି , ୨୬/୭ (ନି.ପ୍ର): ଗତ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ନୀଳଗିରି ବ୍ଲକର ଲୋକପ୍ରିୟ ଆଶାକର୍ମୀ ସୁକାନ୍ତି ନାୟକଙ୍କ ମୃତ୍ୟୁ ହୋଇଥିଲା। ଶନିବାର ତାଙ୍କ ମରଶରୀର ଭଉଁରିଆବାଡ ପଞ୍ଚାୟତ ଜଡ଼ିବାଲି ପହଞ୍ଚିବା ପରେ ଶେଷ ଦର୍ଶନ ପାଇଁ ନୀଳଗିରି ବ୍ଲକ ସଜନାଗଡ ସେକ୍ଟର ଓ ଅଯୋଧ୍ୟା ସେକ୍ଟର ର ସମସ୍ତ ଆଶା କର୍ମୀ, ନୀଳଗିରି ଅଞ୍ଚଳର ବରିଷ୍ଠ ସମାଜସେବୀ ଗୌରୀଶଙ୍କର ପଣ୍ଡା, ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ନିଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମି ମାଝୀ, ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ମଦନମୋହନ ମାଝୀ ସ୍ଥାନୀୟ ସରପଞ୍ଚ ସଞ୍ଜୟ ସିଂ, ସ୍ଥାନୀୟ ସାହି ବାସିନ୍ଦା ତାଙ୍କ ଶେଷଦର୍ଶନ କରିବା ସହିତ ମରଶରୀରରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଏପରି ଦୁଃଖଦ ସମୟରେ ଶୋକ ସନ୍ତପ୍ତ ପରିବାରବର୍ଗ ପ୍ରତି ସେ ସମବେଦନା ଜଣାଇଥିଲେ। ପରେ ସମାଜସେବୀ ଗୌରୀଶଙ୍କର ପଣ୍ଡା ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଏଭଳି ଦୁଃଖଦ ସମୟରେ ଧର୍ଯ୍ୟ ଧରିବାକୁ ସାନ୍ତ୍ୱନା ଦେବା ସହ ଶବସତ୍କାର ପାଇଁ ଆର୍ଥିକ ସାହାଯ୍ୟ କରିଥିଲେ। ସୂଚନା ଅନୁଯାୟୀ ଶ୍ରୀମତୀ ନାୟକ ଝିଅ ଏବଂ ଭଣଜାଙ୍କ ସହିତ ବାବା ଚନ୍ଦନେଶ୍ୱରଙ୍କ ଜଳାଭିଷେକ କରି ଏକ ବାଇକ ସାହାଯ୍ୟରେ ଜଣେ ସମ୍ପର୍କୀୟ ଘରକୁ ଯାଉଥିବା ସମୟରେ ପଥରେଶ୍ୱର୍ ପୋଲ ନିକଟରେ ଏକ ମାଛବୋଝେଇ କଣ୍ଟେନର ଧକ୍କା ଦେବା ଫଳରେ କଣ୍ଟେନରର ପଛଚକା ସୁକାନ୍ତିଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

## ବସ୍ତାରେ କାରଗିଲ ବିଜୟ ଦିବସ ପାଳିତ ଓ ଶହୀଦ ବୀର ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି

ବସ୍ତା , ୨୬/୭ (ନି.ପ୍ର): ୧୯୯୯ ମସିହାରେ ଜାମ୍ମୁ କାଶ୍ମୀରର କାରଗିଲ ଠାରେ ଭାରତୀୟ ସୈନିକ ମାନଙ୍କର ପାକିସ୍ଥାନ ଉପରେ ବିଜୟ ଲାଭର ସ୍ମୃତିରେ ବସ୍ତାର ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିଷର ରେ ପାଳିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ବିଜୟ ଦିବସର 'ଶହୀଦ ପିଣ୍ଡ' ରେ ଉପସ୍ଥିତ ଆଚାର୍ଯ୍ୟ, ଆଚାର୍ଯ୍ୟା, ଅଭିଭାବକ ଓ ଛାତ୍ର ଛାତ୍ରୀ ପୁଷ୍ପାର୍ଘ୍ୟ ଅର୍ପଣ କରି ଶହୀଦ ବୀର ସୈନିକଙ୍କୁ ସମ୍ମାନ ଜଣାଇ ନୀରବ ପ୍ରାର୍ଥନା କରାଯାଇଥିଲା।ଅବସର ପ୍ରାପ୍ତ ଶିକ୍ଷକ ମଳୟ କୁମାର ନନ୍ଦ,ଉପଦେଷ୍ଟା ଶ୍ୟାମା ପ୍ରସାଦ ବେହେରା ପ୍ରମୁଖ କାରଗିଲ ଯୁଦ୍ଧ କିଭଳି ବିନା ବିମାନ ବାହିନୀ ଓ କ୍ଷେପଣାସ୍ତ୍ର ସହାୟତାରେ ନିଜ ଜୀବନ କୁ ବଳି ପକାଇ ବିଜୟ ଲାଭ କରିଥିଲେ ତାହା ବର୍ଣ୍ଣନା କରିଥିଲେ। ପ୍ରାଥମିକ ସୂଚନା ପ୍ରଦାନ କରିଥିଲେ ଉପ ପ୍ରଧାନଚାର୍ଯ୍ୟା ସୁଶ୍ରୀ ରଞ୍ଜିତା ପାଢୀ ଓ ଶ୍ରୀମତୀ ପୁଷ୍ପଲତା ପଟ୍ଟନାୟକ, ସୁଶାନ୍ତିଲତା ବେହେରା, ସରୋଜ ପାତ୍ର, ଅଞ୍ଜନ ସାହୁ, ସସ୍ମିତା ପରିଡା, ପ୍ରଶାନ୍ତ ଗିରି ଓ ରୀତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ନମିତା ଦାସ।

## ଭୁଲ୍ ଇଂଜେକ୍ସନରେ ଜଣେ ମହିଳାଙ୍କ ମୃତ୍ୟୁ

ବଲାଙ୍ଗିର, ୨୬/୭ (ନି.ପ୍ର): ଭୁଲ୍ ଇଂଜେକ୍ସନରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ମୃତ ମହିଳା ଜଣକ ହେଲେ ଭଗବାନୀ ପୁଟା (୩୭) । ସୂଚନା ଅନୁଯାୟୀ, ଗତକାଲି ସନ୍ଧ୍ୟା ୮ଟାରେ ମହୁଲପାଟି ଗାଁର ଡିଙ୍ଗର ପୁଟା ତାଙ୍କ ସ୍ତ୍ରୀ ଭଗବାନୀଙ୍କୁ ତୁରେକେଲା ଥାନା ଲର୍କୀ ଗାଁରେ ଥିବା ଜଣେ କ୍ୱାକ୍‌ଙ୍କ ପାଖକୁ ଚିକିତ୍ସା ପାଇଁ ଆଣିଥିଲେ । କ୍ୱାକ୍ ଜଣକ ମହିଳାଙ୍କୁ ଏକ ଇଞ୍ଜେକ୍ସନ୍ ଦେବା ପରେ ହଠାତ ସେ ଅଚେତ ହୋଇପଡ଼ିଥିଲେ । ଘଟଣା ପରେ ପରିବାରବର୍ଗ ପୁଣି ଭଗବାନୀଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ପରିବାରବର୍ଗ ତୁରେକେଲା ଥାନାରେ ସମ୍ପୃକ୍ତ କ୍ୱାକ୍‌ଙ୍କ ନାଁରେ ଅଭିଯୋଗ କରିଛନ୍ତି ।

## ଭାରତୀୟ ଜନତା ପାର୍ଟିର ଜିଲ୍ଲା ସାଂଗଠନିକ ବୈଠକ




ବାଲେଶ୍ୱର, ୨୬/୭ (ନି.ପ୍ର): ଭାରତୀୟ ଜନତା ପାର୍ଟି ବାଲେଶ୍ୱର ଜିଲ୍ଲାର ସାଂଗଠନିକ ବୈଠକ ଆଜି ପୁର୍ବାହ୍ନରେ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଆୟୋଜିତ ହୋଇଯାଇଛି। ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଇଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାଂଗଠନିକ ବୈଠକରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ନିଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୁର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ପୁର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ପୁର୍ବତନ ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ ସୁଷମା ରାଣୀ ବିଶ୍ୱାଳ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି ମଞ୍ଚାସିନ ଥିଲେ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ଭାରତ ମାତାଙ୍କ ପୂଜନ ଓ ସାମୁହିକ ବନ୍ଦେ ମାତରମ୍ ଉପରାନ୍ତେ ଆନୁଷ୍ଠାନିକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲ୍ଲା ସଭାପତି ସାଂଗଠନିକ ଜିଲ୍ଲାର ବିଭିନ୍ନ କମିଟି ବାବଦରେ ବିବରଣୀ ଓ ସମୀକ୍ଷା କରିଥିଲେ। ରେମୁଣା ଓ ନିଳଗିରି ବିଧାୟକ ଯଥାକ୍ରମେ ଜିଲ୍ଲାର ସାଂଗଠନିକ ଗଠନତନ୍ତ୍ର ବିଷୟରେ ସୂଚନା ଦେଇଥିଲେ। ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ବିବରଣୀ ସଂଗ୍ରହ କରିବା ପରେ ବୁଥ୍ ଏଜେଣ୍ଟ ନିଯୁକ୍ତି, ପ୍ରତ୍ୟେକ ମଣ୍ଡଳରେ କୋର କମିଟି ଗଠନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହାସହିତ ରାଷ୍ଟ୍ରୀୟ ନିରାପତ୍ତା ଦୃଷ୍ଟିରୁ ନିଜ ନିଜର ଅଞ୍ଚଳରେ ଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପରେ ତୀକ୍ଷ୍ନ ନଜର ଓ ପ୍ରଶାସନକୁ ଖ୍ୱର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ସଫଳ ବ୍ୟବହାର ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ୍, ସ୍ୱଚ୍ଛ ଭାରତ ଅଭିଯାନ ଓ ନିୟମିତ ରକ୍ତଦାନ ଶିବିର ଏବଂ ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଛନ୍ତି। ସାମାଜିକ ସମରସତାର ଗଣପର୍ବ ରକ୍ଷା ବନ୍ଧନ ଉତ୍ସବକୁ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ମହାସମାରୋହରେ ପାଳନ କରିବା ପାଇଁ ଯୋଜନା ସାଂସଦଙ୍କ ସଂଯୋଜନାରେ ପ୍ରସ୍ତୁତ କରାଯାଇଛି। ଶେଷରେ ଶୋଭନା ମହାନ୍ତିଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ଓ ଜାତୀୟ ସଂଗୀତ ଗାନ ପରେ ସଭାପତି ସଭାକାର୍ଯ୍ୟର ସମାପ୍ତି ଘୋଷଣା କରିଥିଲେ। ଜିଲ୍ଲା ସମ୍ପାଦକ ବିଜୟ ସାହୁ, ଚନ୍ଦ୍ରଶେଖର ନନ୍ଦ ଓ ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଦିନ ଦ୍ୱିପ୍ରହରରେ ଗେଟଭାଙ୍ଗି ୧୫ଲକ୍ଷ ଟଙ୍କାର ସୁନାଗହଣା ସହ ୬୦ହଜାର ନଗଦଟଙ୍କା ଲୁଟିଲେ ଦୁର୍ବୃତ୍ତ



ନୀଳଗିରି, ୨୬/୭ (ନି.ପ୍ର): କିଛିଦିନ ଧରି ନୀଳଗିରି ଅଞ୍ଚଳରେ ଚୋରୀ ଥମିବାର ନା ଧରୁନି। ବାରମ୍ବାର ଚୋରମାନେ ଚୋରିକରି ଫେରାର ହୋଇଯାଉଥିବାର ଦେଖାଯାଇଛି। ଖାସ୍ କରି ଚୋରମାନେ ନୀଳଗିରିର ପୋଡାଶୁଳ ଅଞ୍ଚଳକୁ ଟାର୍ଗେଟ କରି ଗୋଟିଏପରେ ଗୋଟିଏ ଘରକୁ ଚୋରୀ କରି ଖସିଯାଇଥିବାର ଦେଖିବାକୁ ମିଳିଛି। ନିକଟ ଅତୀତରେ ପୋଡ଼ାଶୁଳ ଅଞ୍ଚଳରେ ଗୋଟିଏ ଘରକୁ ଟାର୍ଗେଟ କରି କଳାକନା ବୁଲାଇଥିବା ବେଳେ ପୁଣି ଆଜି ଦିନଦ୍ୱିପ୍ରହର ପେଟ୍ରୋଲ ଟାଙ୍କି ସମ୍ମୁଖରେ ଥିବା ଦେବେନ୍ଦ୍ର ବେହେରାଙ୍କ ଘରକୁ ଟାର୍ଗେଟ କରି ଯୋଜନାବଦ୍ଧ ଭାବେ ଘରେ କେହି ନଥିବାବେଳେ ସୁଯୋଗ ଉଣ୍ଡି ଘରର ପଛକବାଟ ଭାଙ୍ଗି ଘରେ ରଖିଥିବା ୧୫ଲକ୍ଷ ଟଙ୍କାର ସୁନାଗହଣା ସହ ନଗଦ ୬୦ହଜାରଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ଦେବେନ୍ଦ୍ର ନୀଳଗିରି ଡାକ୍ତରଖାନାକୁ ଆସି ଫେରିବାପରେ ଘରେ ଚୋରୀ ହୋଇଯାଇଥିବାର ଜାଣିବାକୁ ପାଇଥିଲେ। ସ୍ତ୍ରୀ ଝିଅକୁ ନେଇ ବାଲେଶ୍ୱର ଦାନ୍ତଡ଼ାକ୍ତର ପାଖକୁ ନେଇ ଯାଇଥିବା ବେଳେ ୪ଘଣ୍ଟା ଭିତରେ ଚୋରମାନେ ଚୋରୀ କରି ଫେରାର ହୋଇଯାଇଥିଲେ। ତେବେ ନୀଳଗିରି ଅଞ୍ଚଳରେ ଦିନକୁ ଦିନ ଚୋରୀ ବଢ଼ିବଢ଼ି ଚାଲିଥିବା ବେଳେ ସାଧାରଣ ଜନତାଙ୍କ ଭିତରେ କୋକୁଆଭୟ ସୃଷ୍ଟି କରିଛି। ଏନେଇ ଦେବେନ୍ଦ୍ର ନୀଳଗିରି ଥାନାରେ ଅଭିଯୋଗ କରିବାପରେ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି।

## ବ୍ଲକ୍ ସ୍ତରୀୟ କନଭେନ୍ସନ୍ ବୈଠକ



ଜଳେଶ୍ୱର, ୨୬/୭ (ନି.ପ୍ର): ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମ୍ମନ୍ୱୟ ସମିତି ବ୍ଲକ ସ୍ତରୀୟ କନଭେନସନ ରାଇବଣିଆ ଓଷ୍ଟା ମଣ୍ଡଳ ପକ୍ଷରୁ ଆଜି ସକାଳ ୧୧ ଘଟିକା ସମୟ ରେ ହାତୀଗଡ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେଇଯାଇଛି । ଏହି ବୈଠକ ରେ ରାଇବଣିଆ ଓଷ୍ଟା ମଣ୍ଡଳର ଯୁଗ୍ମ ସମ୍ପାଦକ ଅଜିତ କୁମାର ଦତ୍ତ ମଞ୍ଚ ଆହ୍ୱାନ କରିଥିଲେ ।ଓଷ୍ଟା ରାଇବଣିଆ ମଣ୍ଡଳର ସଭାପତି ସୁକୁମାର ପ୍ରଧାନ ଉକ୍ତ ସଭାରେ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଓଷ୍ଟା ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର, ମୁଖ୍ୟବ୍ୟକ୍ତା ଓଷ୍ଟା ଜିଲ୍ଲା ସଭାପତି ମନୋରଞ୍ଜନ ଦାସ, ସମ୍ମାନିତ ଅତିଥି ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର, ଓଷ୍ଟା ରାଇବଣିଆ ମଣ୍ଡଳ ଉପସଭାପତି ପଦ୍ମଲୋଚନ ରାଉତ, ପୂର୍ବତନ ଯୁଗ୍ମ ସମ୍ପାଦକ ଗଗନ ବିହାରି ପରିଡା ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ ।ଓଷ୍ଟା ରାଇବଣିଆ ମଣ୍ଡଳକୁ ଦିଗଦର୍ଶନ ଦେବା ସହିତ ସଂଗଠନକୁ ମଜବୁତ କରିବା ପାଇଁ ପ୍ରେରଣା ପ୍ରଦାନ କରିଥିଲେ ମୁଖ୍ୟଅତିଥି ଶ୍ରୀ ମିଶ୍ର ଓ ଓଷ୍ଟା ରାଇବଣିଆ ମଣ୍ଡଳର ସମ୍ପାଦକ ହରମୋହନ ମହାନ୍ତ କନଭେନସନର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ ।ରାଇବଣିଆ ଓଷ୍ଟା ମଣ୍ଡଳର ୧୭ଟି ହାଇସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷକ, କର୍ମଚାରୀ ଉପସ୍ଥିତ ରହିଥିଲେ ।୨/୮/୨୫ରିଖ ବିଇଓଙ୍କୁ, ୮/୮/୨୫ରିଖ ଜିଲ୍ଲାପାଳଙ୍କୁ ଓ ୧୬/୮/୨୫ ଦାବି ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଙ୍କ ଉଦେଶ୍ୟରେ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିବା ସହିତ ଆନ୍ଦୋଳନକୁ ସଫଳ କରିବା ପାଇଁ ବୈଠକରେ ଆଲୋଚନା ହେଇଥିଲା ।ସୁବ୍ରତ କୁମାର ମହାନ୍ତି, ସୁଲୋଚନା ବାରିକ, ଅରୁଣ କୁମାର ପଣ୍ଡା ଓ କିଶୋରୀ ମୋହନ ଘୋଷ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଡେପୁଟି ରେଂଜର...

ସୁନାଗହଣା, ୪.୬୩୭ କିଲୋର ରୂପା, ୨ଟି ଚାରିଚକିଆ ଯାନ ମିଳିଥିଲା, ଯାହାର ସେ ସନ୍ତୋଷଜନକ ଉତର ଦେଇପାରିନଥିଲେ । ଗତକାଲି ଜୟପୁର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ପକ୍ଷରୁ ଜାରି ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏହି ରେଡ୍ କରାଯାଇଥିଲା । ଏହି ଚଢାଉରେ ୬ଜଣ ଡିଏସପି, ୫ ଇନସପେକ୍ଟର, ୯ ଏଏସଆଇ ଓ ଅନ୍ୟ ଷ୍ଟାଫ ସାମିଲ ହୋଇଥିଲେ । ଜୟପୁର ଓ ଭୁବନେଶ୍ୱରର ୬ଟି ସ୍ଥାନରେ ଚଢାଉ କରାଯାଇଥିଲା ।

### ନୀତୀଶଙ୍କ ଉପରେ...

ପରେ ଜେଡିୟୁ ମଧ ଚୁପ୍ ବସିନାହିଁ । ଜେଡିୟୁର ମୁଖପାତ୍ର ନୀରଜ କୁମାର ଏକ କଡ଼ା ଜବାବ ଦେଇ ଚିରାଗଙ୍କୁ ତାଙ୍କ ନିଜ ଦାୟିତ୍ୱ ମନେ ପକାଇ ଦେଇଛନ୍ତି। ସେ କହିଛନ୍ତି, 'ଚିରାଗ ପାଶୱାନ ନିଜେ କେନ୍ଦ୍ରରେ ମନ୍ତ୍ରୀ ଅଛନ୍ତି ଏବଂ ଏନଡିଏ ମେଣ୍ଟର ଏକ ଅଂଶ। ଯଦି ପ୍ରଶାସନରେ କୌଣସି ତ୍ରୁଟି ଅଛି, ତେବେ ଜଣେ ସହଯୋଗୀ ଭାବରେ ଏହାକୁ ସୁଧାରିବା ତାଙ୍କର ମଧ ଦାୟିତ୍ୱ। କେବଳ ବାହାରେ ରହି ସମାଲୋଚନା କରିଦେଲେ ସମସ୍ୟାର ସମାଧାନ ହୋଇଯିବ ନାହିଁ।' ଜେଡିୟୁ ପକ୍ଷରୁ ଆହୁରି ମଧ କୁହାଯାଇଛି ଯେ, ଚିରାଗ ନିଜର ରାଜନୈତିକ ସ୍ଥିତିକୁ ମଜବୁତ କରିବା ପାଇଁ ଏଭଳି ବୟାନବାଜି କରୁଛନ୍ତି। ସେମାନେ ନୀତୀଶ କୁମାରଙ୍କ ପୂର୍ବ କାର୍ଯ୍ୟକାଳର ଉଦାହରଣ ଦେଇ କହିଛନ୍ତି ଯେ, ସେ ହିଁ ବିହାରରେ 'ଜଙ୍ଗଲ ରାଜ'କୁ ଶେଷ କରି 'ଜନତା ରାଜ' ସ୍ଥାପନ କରିଥିଲେ । ଏହି ବାକ୍‌ଯୁଦ୍ଧ କେବଳ ଦୁଇ ନେତାଙ୍କ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ବିହାର ଘଉଇ ମେଣ୍ଟର ଭବିଷ୍ୟତ ଉପରେ ମଧ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

### ଖୁବଶୀଘ୍ର ମୋହନଙ୍କ...

ସଜାଡିବାକୁ ଭରପୁର ଉଦ୍ୟମ କରୁଛନ୍ତି । ଅନ୍ୟପଟେ ମୋହନଙ୍କ ଟିମରେ ସାମିଲ ହେବାକୁ କିଛି ଆଶାୟୀ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି । ନିଜ ଟିମ ସହଯୋଗୀଙ୍କ ବର୍ଷକର ପ୍ରଦର୍ଶନ ଉପରେ ନଜର ରଖିଛନ୍ତି ମୁଖ୍ୟମନ୍ତ୍ରୀ । କିଏ ସରକାରଙ୍କୁ ଅଳକରେ ପକାଇଛି, କିଏ ଲୋକଙ୍କ ସହ ସରକାରଙ୍କୁ ଯୋଡିଛି ? ଏସବୁ ବାଦ୍ ଯୋଗ୍ୟତା, ଦକ୍ଷତା ଓ ଅଭିଜ୍ଞତାକୁ ଦୃଷ୍ଟିରେ ୬ ଖାଲି ପଡିଥିବା ପଦ ସହ ମନ୍ତ୍ରିମଣ୍ଡଳକୁ ପୂର୍ଣ୍ଣାଙ୍ଗ ରୂପ ଦେବେ ମୋହନ ।

### ବୟାନ ବଦଳାଇଲେ...

ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଥିଲେ। ଅନ୍ୟପଟେ ତଦନ୍ତଭାର ନେଇଥିବା କ୍ରାଇମ୍ ବ୍ରାଞ୍ଚ ଟିମ୍ ପୀଡ଼ିତାଙ୍କ ବୟାନ ସାନି ରେକର୍ଡ ପାଇଁ ଦିଲ୍ଲୀ ଏମ୍ସରେ ପହଞ୍ଚିଥିଲେ। ହେଲେ ପୀଡ଼ିତା ଭୁବନେଶ୍ୱର ଏମ୍ସ ଓ ଦିଲ୍ଲୀ ଏମ୍ସରେ ଦେଇଥିବା ବୟାନ ମେଳ ଖାଉନଥିବା ସୂଚନା ମିଳିଛି। ତେଣୁ ପୀଡ଼ିତା ଏବେ ସୁସ୍ଥ ହେଉଥିବାରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତୃତୀୟ ଥର ପାଇଁ ଦିଲ୍ଲୀରେ ପୋଲିସ ବୟାନ ରେକର୍ଡ ପାଇଁ ଯୋଜନା ରଖିଛି। ଦିଲ୍ଲୀରୁ ଫେରିଥିବା କ୍ରାଇମବ୍ରାଞ୍ଚ ଟିମ୍ ସହ ଏନେଇ ଆଲୋଚନା କରିଛନ୍ତି ପୁରୀ ଏସପି ପିନାକ ମିଶ୍ର। ବଳଙ୍ଗା ଥାନାରେ କ୍ରାଇମବ୍ରାଞ୍ଚ ଟିମ୍ ସହ ଏସପି ବିଚାରବିମର୍ଶ ବିମର୍ଶ କରିଛନ୍ତି। ତେବେ ବଳଙ୍ଗା ପୀଡ଼ିତା ବୟାନ ବଦଳାଉଥିବା ପ୍ରସଙ୍ଗରେ କୌଣସି ସ୍ପଷ୍ଟ ଉତ୍ତର ରଖିନାହାନ୍ତି ପୁରୀ ଏସପି। ସେ କହିଛନ୍ତି, ସବୁ ଦିଗରୁ ତଦନ୍ତ ଜାରି ରହିଛି। ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରମାଣ ମିଳିଛି। ଖୁବଶୀଘ୍ର ନିଷ୍କର୍ଷରେ ପହଞ୍ଚିବୁ ବୋଲି ପୁରୀ ଏସପି କହିଛନ୍ତି। ଯଦି ପ୍ରକୃତରେ ପୀଡ଼ିତାଙ୍କର ତୃତୀୟ ଥର ବୟାନ ରେକର୍ଡ କରାଯାଏ, ତେବେ ଏହି ତୃତୀୟ ବୟାନ ହିଁ ଫିଟାଇପାରେ ବଳଙ୍ଗା ନିଆଁର ରହସ୍ୟ।

### ହୋମଗାର୍ଡ ପରୀକ୍ଷା ...

ଜୁଲାଇ ୨୪ତାରିଖରେ ବୋଧଗୟାର ବିହାର ସାମରିକ ପୁଲିସ ପଡ଼ିଆରେ ହୋମଗାର୍ଡ ନିଯୁକ୍ତି ପାଇଁ ଫିଜିକାଲ ଟେଷ୍ଟ କରାଯାଉଥିଲା। ଏହି ପରୀକ୍ଷା ଦେବା ସମୟରେ ମହିଳା ଜଣକ ଚେତାଶୂନ୍ୟ ହୋଇଯାଇଥିଲେ। ଘଟଣାସ୍ଥଳେ ନିୟୋଜିତ ଏକ ଆମ୍ବୁଲାନ୍ସ ମାଧ୍ୟମରେ ତାଙ୍କୁ ତୁରନ୍ତ ହସ୍ପିଟାଲକୁ ସ୍ଥାନାନ୍ତର କରିବାର ବ୍ୟବସ୍ଥା କାର୍ଯ୍ୟକ୍ରମ ଆୟୋଜକମାନେ କରିଥିଲେ। ମହିଳାଜଣକ ଅଭିଯୋଗ କରିଛନ୍ତି ଯେ, ସେ ଅଚେତ ଥିବା ସମୟରେ ଆମ୍ବୁଲାନ୍ସ ଭିତରେ ଅନେକ ଲୋକ ତାଙ୍କ ସହ ଦୁଷ୍କର୍ମ କରିଥିଲେ। ୩-୪ଜଣ ଦୁଷ୍କର୍ମ କରିଥିବା ନେଇ ମହିଳା ଅଭିଯୋଗ କରିଥିବା ବେଳେ ଏବେ ୨ଜଣଙ୍କୁ ଗିରଫ କରି ପଚରାଉଚରା କରୁଛି ପୁଲିସ।

### ବଢୁଛି ସୁବର୍ଣ୍ଣରେଖା, ଜଳକା...

ରାଜଘାଟ ଅତିକ୍ରମ କରିବ । ଯାହାଫଳରେ ସୁବର୍ଣ୍ଣରେଖାର ତଳିଆ ଅଂଚଳରେ କାଲି ଆହୁରି ପାଣି ପଶିବ । ମୟୂରଭଞ୍ଜ ଜିଲ୍ଲାର ୧୩ ବ୍ଲକରେ ୧୦୦ ମିଲିମିଟର ରେକର୍ଡ ବର୍ଷା ହୋଇଛି । ଏଥିପାଇଁ ସୁବର୍ଣ୍ଣରେଖାରେ ବଡ଼ ବନ୍ୟାର ଆଶଙ୍କା ସୃଷ୍ଟି ହୋଇଛି । ବୁଢାବଳଙ୍ଗକୁ ବି ବିପଦ ଅଛି । ଜଳକା ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ବୈତରଣୀ ବେସିନ ଆଖୁଆପଦାରେ ବିପଦ ସଂକେତ ଉପରେ ଅଛି । ବଢୁଛି ଜଳକା ନଦୀର ଜଳସ୍ତର । ମଥାନୀ ଠାରେ ବିପଦ ସଙ୍କେତ ୬.୫୦ ମିଟର ରହିଥିବା ବେଳେ ବନ୍ୟାଜଳ ଏହା ଉପରେ ପ୍ରବାହିତ ହେଉଛି । ବସ୍ତା ଅଞ୍ଚଳର ୮ଟି ପଞ୍ଚାୟତର ୩୦ରୁ ଅଧିକ ଗାଁ ଏବେ ପାଣି ଘେରରେ । ପାଣି ପଶିବା ପରେ ଏନଡିଆରଏଫ ଟିମ୍ ପହଞ୍ଚି ଜଳବନ୍ଦୀ ଥିବା ଲୋକଙ୍କୁ ଉଦ୍ଧାର କରିଛି । ପୋଲ ଉପରେ ୪ ଫୁଟର ପାଣି । ଉଦଳା - ବାଲେଶ୍ୱର ରାସ୍ତାର କଇଁସାରି ଠାରେ ବନ୍ୟା ପାଣି ପ୍ରବାହିତ ହେଉଛି । ଫୁଲିବାରେ ଲାଗିଛି ଦେଓ ନଦୀ। ଉଦଳା - ବାଲେଶ୍ୱର ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି । ବୈତରଣୀ ବନ୍ୟା ଜଳରେ କେନ୍ଦୁଝର କପୁଣ୍ଡି ଗ୍ରାମ ପଞ୍ଚାୟତର ପଇଦା ନାଳ ଉପରେ ପାଣି ଚାଲୁଛି । ଫଳରେ ପାଟଣା ଭାୟା କପୁଣ୍ଡି, ମିରିଗିଖୋଜି, କୁଣ୍ଡଳା, ବନବୀର ଠାକୁରମୁଣ୍ଡା ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଇବ୍ ନଦୀରେ ବନ୍ୟା ପାଣି ସୁନ୍ଦରଗଡ଼ ସହରର ରାଣୀବଗିଚା, ଗୁଆଲାପଡ଼ା ଅଞ୍ଚଳରେ ପଶି ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି । ପିଏଚ୍‌ଡି ପମ୍ପ ହାଉସରେ ପାଣି ପଶିବାରୁ ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି । ଛତିଶଗଡ଼ର ସମଡମା ଆନିକଟର ଗେଟ୍ ଖୋଲିଦେବାରୁ ଏପଟେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବଡ଼ ବନ୍ୟା ଆଶଙ୍କାକୁ ନଜରରେ ରଖି ବାଲେଶ୍ୱର, ଭଦ୍ରକ, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ସତର୍କ କରିଛନ୍ତି ସରକାର । ସବୁ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଏସଆରସି ନିର୍ଦ୍ଦେଶ ଦେଇଛନ୍ତି । ତେବେ ମହାନଦୀ ଅବବାହିକାରେ ଏବେ ବନ୍ୟା ନାହିଁ । ହେଲେ ଛତିଶଗଡରେ ବର୍ଷା ଲାଗି ରହିଥିବାରୁ ହୀରାକୁଦରେ ଜଳସ୍ତର ବଢ଼ିବ ।

### ଏନ୍‌କାଉଣ୍ଟରରେ ଟଳିଲେ ...

ବନ୍ଧୁକ ଜବତ ହୋଇଛି। ଅଧିକାରୀମାନେ କହିଛନ୍ତି, ଜିଲାର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇବା ପରେ ସୁରକ୍ଷା ବାହିନୀକୁ ମାଓବାଦୀ ବିରୋଧୀ ଅପରେଶନ ପାଇଁ ପଠାଯାଇଥିଲା। ସେ କହିଛନ୍ତି, ଶନିବାର ସନ୍ଧ୍ୟାଠାରୁ ସୁରକ୍ଷାବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ମଝିରେ ମଝିରେ ଏନକାଉଣ୍ଟର ଚାଲିଛି।

### ଭୁବନେଶ୍ୱର ମେଟ୍ରୋ ...

ଆଗକୁ ପୁଣି ବୈଠକ ଏବଂ ଆଲୋଚନା କରି କେନ୍ଦ୍ରକୁ ପ୍ରସ୍ତାବ ଦିଆଯିବ। କେନ୍ଦ୍ର ସରକାରଙ୍କ ସହଯୋଗରେ ମେଟ୍ରୋ ପ୍ରକଳ୍ପ ହେବ। ପୂର୍ବ ସରକାର ଯେମିତି କରିଥିଲେ ତାହା ଭାଇବୁଲ ହେବ ନାହିଁ। ତେଣୁ ମେଟ୍ରୋ ପାଇଁ ଗଠିତ କମିଟି ବୈଠକ କରି ପ୍ରସ୍ତାବ ଦେବ।

## କର୍ମକ୍ଷେତ୍ରରେ ମାନସିକ ଚାପ ପ୍ରବନ୍ଧନ ଉପରେ କର୍ମଶାଳା

ବାରିପଦା , ୨୬/୭ (ନି.ପ୍ର): ଚାକିରୀ କରି ଆତ୍ମନିର୍ଭରଶୀଳ ହେବା ଆଶାରେ ଆଜିର ଯୁବକ ଯୁବତୀ ମାନେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହେବାପାଇଁ ଅହରହ କଠିନ ପରିଶ୍ରମ କରିଚାଲିଛନ୍ତି ଓ ଚାକିରୀ ପାଇବା ପାଇଁ ବା ଚାକିରୀ କରିବାବେଳେ ସେମାନେ ବହୁ ସମୟରେ ମାନସିକ ଚାପର ଶିକାର ହେଉଛନ୍ତି ଓ ଏହି ପରିପେକ୍ଷୀରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବାରିପଦା ଆନୁକୂଲ୍ୟରେ ନିଡ଼ସ ଏଜୁକେସନରେ ତାଲିମ ନେଉଥିବା ଯୁବକ ଯୁବତୀ ମାନଙ୍କୁ ନେଇ 'କର୍ମକ୍ଷେତ୍ରରେ ମାନସିକ ଚାପ ପ୍ରବନ୍ଧନ' ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ଓ ଗୋଷ୍ଠୀ ପର୍ଯ୍ୟବେକ୍ଷକ ଦେବାଶିଷ ପାଇକରାୟ ମାନସିକ ଚାପରୁ ନିଜକୁ ମୁକ୍ତ କରିବାର ଉପାୟମାନ ଆଲୋଚନା କରିଥିଲେ ଓ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗର ପ୍ରୋଗ୍ରାମ ଅଫିସର ଡଃ ଜୟସ୍ୱରୂପ ମହାନ୍ତି ସ୍ମୃତିଶକ୍ତି ବଢାଇବା ପାଇଁ ଦିନକୁ ୬ ରୁ ୮ ଘଣ୍ଟା ଶୋଇବା ତଥା ନିୟମିତ ଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ ଓ ଶୀଘ୍ର ରାଗ ଲାଗିଲେ ସଙ୍ଗେସଙ୍ଗେ ୧୦୦ ରୁ ୧ ପର୍ଯ୍ୟନ୍ତ ଓଲଟା ଗଣିବା ପାଇଁ ସାମାଜିକ କର୍ମୀ ସଞ୍ଜୟ ଜେନା ପରାମର୍ଶ ଦେଇଥିଲେ ଓ ଦିନର ପ୍ରଥମ ୪ ଘଣ୍ଟା ପାଠ ପଢ଼ିବାର ଉପଯୁକ୍ତ ସମୟ ବୋଲି କହିଥିଲେ ଓ ଏହି କାର୍ଯ୍ୟକ୍ରମ ପରିଚାଳନାରେ ନିଡ଼ସ ଏଜୁକେସନର ନିର୍ଦ୍ଦେଶକ ଦୀପ୍ତି ପ୍ରକାଶ ବସା, ଶିକ୍ଷାର୍ଥୀ ପରାମର୍ଶଦାତା ଅନୁସୟା ଓ ଆରୟାନ ଇଣ୍ଟର୍ନେଶନାଲ ସ୍କୁଲର ନିର୍ଦ୍ଦେଶକ ରାଜୀବ କୁମାର ଦାସ ସହଯୋଗ କରିଥିଲେ।

# ଆତ୍ମସମର୍ପଣ କଲେ ୨ ବରିଷ୍ଠ ମାଓ ଦମ୍ପତି: ମାଓଡମ୍ପ ଉଦ୍ଧାର



ମାଲକାନଗିରି, ୨୬/୭ (ନି.ପ୍ର): ସୀମାନ୍ତ ଆନ୍ଧ୍ର ପ୍ରଦେଶର ବିଜୟୱାଡ଼ା ପୁଲିସ ନିକଟରେ ବରିଷ୍ଠ ମାଓ ଦମ୍ପତି ଆତ୍ମସମର୍ପଣ କରିଛନ୍ତି। ଏମାନେ ହେଲେ ଜୋରିଗେ ନାଗରାଜୁ ଓରଫ କମଲେଶ ଏବଂ ତାଂକ ପତ୍ନୀ ମେଡକା ଜ୍ୟୋତିଶ୍ୱରୀ ଅରଫ ଅରୁଣା। ଗତ ୩୪ ବର୍ଷ ଧରି ଏମାନେ ମାଓ ସଂଗଠନ ସହ ଜଡ଼ିତ ଥିଲେ। କମଲେଶ ବସ୍ତର ଡିଭିଜନାଲ କମିଟିର ଦାୟୀତ୍ୱରେ ଥିଲେ। ଆନ୍ଧ୍ରପ୍ରଦେଶ ସରକାର କମଲେଶ ପାଇଁ ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିବା ବେଳେ ଅରୁଣା ପାଇଁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ସଂଗଠନରେ ଆଉ ରହିବା ମୁସକିଲ ହେବା ଯୋଗୁଁ ଏମାନେ ଆତ୍ମସମର୍ପଣ କରିଥିବା କହିଥିଲେ। ଲଗାତାର ଆନ୍ଧ୍ର, ଛତିଶଗଡ, ଓଡ଼ିଶା ଏବଂ ତେଲେଙ୍ଗାନା ପୁଲିସ ତରଫରୁ ଅପରେସନ ଜୋରଦାର କରାଯାଉଥିବାରୁ ଏମାନେ ଭୟଭୀତ ହୋଇ ସଂଗଠନ ଛାଡ଼ିଥିବା ସ୍ୱୀକାର କରିଥିଲେ। ଆତ୍ମସମର୍ପଣ ପରେ ଦୁହିଁଙ୍କୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଗୁଇନ୍ଦା ସୂଚନା ଆଧାରରେ ଆଲୁରି ସୀତାରାମ ଜିଲ୍ଲାରେ ଏକ ମାଓ ଡମ୍ପକୁ ଜବତ କରାଯାଇଛି। ଏହି ମାଓ ଡମ୍ପରୁ ୧୮ଟି ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।

# ଭାରତ ଓ ବ୍ରିଟେନ ମଧ୍ୟରେ ବୁଝାମଣା ଐତିହାସିକ: ପୀୟୁଷ ଗୋଏଲ

ନୂଆଦିଲ୍ଲୀ, ୨୬/୭ : କେନ୍ଦ୍ରୀୟ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋଏଲ୍ ଶନିବାର କହିଛନ୍ତି ଯେ, ଭାରତ ଓ ବ୍ରିଟେନ ମଧ୍ୟରେ ମୁକ୍ତ ବ୍ୟବସାୟ ବୁଝାମଣା ଏକ ଐତିହାସିକ ପଦକ୍ଷେପ ଅଟେ । ଏହା କେବଳ ଏକ ଆର୍ଥିକ ବୁଝାମଣା ନୁହେଁ, ବରଂ ସମୃଦ୍ଧି ପାଇଁ ଏକ ସାମୂହିକ ରୋଡମ୍ୟାପ୍। ନୂତନ ଭାରତ-ବ୍ରିଟେନ ମୁକ୍ତ ବାଣିଜ୍ୟ ବୁଝାମଣା ଅନୁଯାୟୀ, ୯୫ ପ୍ରତିଶତରୁ ଅଧିକ ଭାରତୀୟ କୃଷି ଏବଂ ପ୍ରକ୍ରିୟାକରଣ ଖାଦ୍ୟ ରପ୍ତାନିକୁ ବ୍ରିଟେନ୍‌ରେ ଶୁଳ୍କ ମୁକ୍ତ ଭାବେ ପହଂଚିବ । କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋଏଲ୍ ଭାରତୀୟ ଜନତା ପାର୍ଟି ମୁଖ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ଭାରତ ଓ ବ୍ରିଟେନ ମଧ୍ୟରେ ଏକ ସ୍ୱତନ୍ତ୍ର ବାଣିଜ୍ୟ ବୁଝାମଣା ଉପରେ ସ୍ୱାକ୍ଷର କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ବୁଝାମଣା ଅନେକ ସେକ୍ଟରରେ ଅପାର ସମ୍ଭାବନାର ଦ୍ୱାର ଖୋଲିଥାଏ। ଏହା ଭାରତ ଦ୍ୱାରା ଏପର୍ଯ୍ୟନ୍ତ ହସ୍ତାକ୍ଷର କରାଯାଇଥିବା ସବୁଠାରୁ ବଡ଼ ଏବଂ ସବୁଠାରୁ ବ୍ୟାପକ ବାଣିଜ୍ୟ ବୁଝାମଣା ଅଟେ , ଯାହା ଭାରତର ଅନ୍ତର୍ଜାତିକ ବାଣିଜ୍ୟ ବୁଝାମଣା ପାଇଁ ଏକ ନୂତନ ମାନକ ସ୍ଥାପିତ କରିଛି।




## ରାଜ୍ୟରେ ଆହୁରି ୨୪ ଘଣ୍ଟା ହେବ ପ୍ରବଳ ବର୍ଷା

ଭୁବନେଶ୍ୱର, ୨୬/୭ (ନି.ପ୍ର): ଉତ୍ତର ଛତିଶଗଡ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅବପାତ ରହିଛି । ଏହାର ପ୍ରଭାବରେ ରାଜ୍ୟରେ ଆହୁରି ୨୪ ଘଣ୍ଟା ହେବ ପ୍ରବଳ ବର୍ଷା ହେବ । ଏନେଇ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି । ସୁନ୍ଦରଗଡରେ ଅତି ପ୍ରବଳ ବର୍ଷା ସହ ପଶ୍ଚିମ ଆଭ୍ୟନ୍ତରୀଣ ଓଡିଶାରେ ହେବ ପ୍ରବଳ ବର୍ଷା। ଉପକୂଳରେ ହାଲୁକାରୁ ମଧ୍ୟମ ବର୍ଷା ହେବ । ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ମତ୍ସ୍ୟଜୀବିଙ୍କୁ ସମୁଦ୍ର ଯିବାକୁ ବାରଣ କରାଯାଇଛି । ମହାନଦୀ ଓ ବ୍ରାହ୍ମଣୀ ଉପର ମୁଣ୍ଡରେ ଆଜି ପ୍ରବଳ ବର୍ଷା ହେବ ।

With best Compliment from:-

MANAGEMENT SOCIETY, DHAMARA
FISHING HARBOUR, DHAMARA
At:- Dhamara, Dist. Bhadrak- 756171, State: Odisha
www.dhamarafishingharbour.org,
EID- manager.msdfh@gmail.com

An autonomous Society organized for management of Dhamara Fishing Harbour . The Governing Body of the Society is headed by the Commissioner-cum- Secretary to Govt. of Odisha, Deptt. of Fisheries and A.R.D.

Facilities available in the Fishing Harbour :

- Situated 3 K.Ms away from the river mouth enabling smooth sail of trawlers.
- Quality of fish is maintained to international standard by proper handling, processing, packing, icing etc.
- Two jetties having 200 mtrs. length each. Providing better facilities for landing and stack-ing of trawlers/vessels/boats etc.
- Repair of trawlers and vessels in the repair track and dry docking for 24 trawlers at a stretch.
- Supply of fresh water round the 'clock' to the trawlers before going for fishing and to the harbour users.
- Diesel outlet on the jetty for fuel supply.
- 12 Nos. of Ice plants in the vicinity of Dhamara for supply of quality Ice round the clock.
- Storage facilities available for trawler owners.
- Net mending yard for quick repair of nets.
- Rest house facility provided to vessel crews on rent.
- Market complex has been constructed to facilitate business require by the jetty users.
- Pre-Processing Plant for Sea Food Exporter.
- Further facilities to the entrepreneurs and exporters for stor age, shorting, grading and icing are,provided.
- Facilities like Chitin Plant and Cold storage are in the pipe line for construction. Visit us at www.dhamarafishingharbour.org and we will be proud of you.

Manager,
Management Society,
Dhamara Fishing Harbour,
EMail ID : manager.msdfh@gmail.com, dfo. bhadrak@gmail,com

D.F.O., Bhadrak And Secretary,
Management Society, Dhamara
Fishing Harbour, Dhamara.
Hello: 06784-240223, 06786-222500










❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida